

ଜୁରେଲ୍ ଭାରତର ଏକ ରତ୍ନ

▶କ୍ରୀଡ଼ା ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ISSUE-243 BHUBANESWAR TUESDAY 27 FEBRUARY 2024 PAGE-18 ₹ 6.00

ବର୍ଷ-୪୧ ସଂଖ୍ୟା-୨୪୩ ଭୁବନେଶ୍ୱର ମଙ୍ଗଳବାର ୨୭ ଫେବୃଆରୀ ୨୦୨୪ ପୃଷ୍ଠା-୧୮ ଟ.୬.୦୦



DSPL-730

ODISHA INDIA'S BEST KEPT SECRET.

ଆମ ଓଡ଼ିଶା ନବୀନ ଓଡ଼ିଶା

## କ୍ରିକେଟ୍ ଷ୍ଟାଡିୟମ, କ୍ରିକେଟ୍ ଏକାଡେମୀ ଏବଂ ସ୍ପୋର୍ଟସ କମ୍ପ୍ଲେକ୍ସର ଲୋକାର୍ପଣ

### ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ

ଦ୍ୱାରା

୨୭ ଫେବୃଆରୀ, ୨୦୨୪



### କ୍ରୀଡ଼ା ଭିତ୍ତିଭୂମି ପ୍ରକଳ୍ପ

- ଭିଏସ୍ଏସ୍ କ୍ରିକେଟ୍ ଷ୍ଟାଡିୟମ୍, ସମ୍ବଲପୁରର ପୁନଃବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ପୁରୀ, ବ୍ରହ୍ମପୁର ଏବଂ ଯାଜପୁରରେ କ୍ରିକେଟ୍ ଷ୍ଟାଡିୟମ ତଥା ଏକୀକୃତ କ୍ରୀଡ଼ା କମ୍ପ୍ଲେକ୍ସରେ ଅନ୍ୟାନ୍ୟ ସୁବିଧାର ଉଦ୍‌ଘାଟନ
- ଓସିଏ ଦ୍ୱାରା ବିକଶିତ ଓଡ଼ିଶାରେ ୪୨ଟି କ୍ରିକେଟ୍ ଏକାଡେମୀ
- ପୁରୀ ଏବଂ ଝାରସୁଗୁଡ଼ାରେ ମହିଳା କ୍ରିକେଟ୍ ଗ୍ରାଉଣ୍ଡର ଉଦ୍‌ଘାଟନ
- ବରଗଡ଼, ଢେଙ୍କାନାଳ ଓ ଯାଜପୁରରେ ଏକୀକୃତ ସ୍ପୋର୍ଟସ୍ କମ୍ପ୍ଲେକ୍ସ ସହିତ କ୍ରିକେଟ୍ ଗ୍ରାଉଣ୍ଡର, ଆଥଲେଟିକ୍ ଟ୍ରାକ୍ ଓ ସୁଇମିଂ ପୁଲ ଇତ୍ୟାଦିର ଶିଳାନ୍ୟାସ
- ଗଞ୍ଜାମ ଭାରୋତ୍ତୋଳନ ଏକାଡେମୀ ସହ ୨୦୦ ବେଡ଼ ବିଶିଷ୍ଟ ହଷ୍ଟେଲର ଶୁଭ ଉଦ୍‌ଘାଟନ - ଭାରତର ସର୍ବାଧିକ ସୁବିଧା ବିଶିଷ୍ଟ ଭାରୋତ୍ତୋଳନ କେନ୍ଦ୍ର







OIPR-29001/13/0239/2324

କ୍ରୀଡ଼ା ଦୃଶ୍ୟପଟର ରୂପାନ୍ତରଣ | କ୍ରୀଡ଼ାବିତ୍‌ଙ୍କ ସଶକ୍ତିକରଣ

ସକାଳ



DSPL-730

# ଶୁଭ ଉଦ୍‌ଘାଟନ



ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡ଼ିୟମ, ପୁରୀ



ବ୍ରହ୍ମପୁର ସ୍ପୋର୍ଟସ କମ୍ପ୍ଲେକ୍ସ, ବ୍ରହ୍ମପୁର



କ୍ରୀଡ଼ା କମ୍ପ୍ଲେକ୍ସ
ଯାଜପୁର



ଓସିଏ ର ୪୨ଟି
କ୍ରିକେଟ୍ ଏକାଡେମୀ



ମହିଳା କ୍ରିକେଟ ଏକାଡେମୀ
ପୁରୀ



କ୍ରିକେଟ୍ ଗ୍ରାଉଣ୍ଡ
ଝାରସୁଗୁଡ଼ା



ଭାରୋତ୍ତୋଳନ ଏକାଡେମୀ
ଗଞ୍ଜାମ



ହକି ପ୍ରଶିକ୍ଷଣ କେନ୍ଦ୍ର
ଯାଜପୁର

# ଭିତ୍ତିପ୍ରସ୍ତର ସ୍ଥାପନ



ଭିଏସ୍ଏସ୍ କ୍ରିକେଟ୍ ଷ୍ଟାଡିୟମ, ସମ୍ବଲପୁରର ପୁନଃବିକାଶ



ସ୍ପୋର୍ଟସ କମ୍ପ୍ଲେକ୍ସ, ବରଗଡ଼



ସ୍ପୋର୍ଟସ କମ୍ପ୍ଲେକ୍ସ, ଢେଙ୍କାନାଳ



ସ୍ପୋର୍ଟସ ଏକାଡେମୀ, ଯାଜପୁର

OIPR-29001/13/0240/2324

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-243 ♦BHUBANESWAR ♦TUESDAY ♦27 FEBRUARY 2024 ♦PAGE-18 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୩ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨୭ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୮ ♦ଟ.୬.୦୦


## ଆଜି ୪ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା

■ **ଭୁବନେଶ୍ୱର, ୨୬।୨ (ସମିସ):** ମଙ୍ଗଳବାର ରାଜ୍ୟର ୪ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହିତ ହାଲୁକା ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଆଦି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଣିପାଗ କେନ୍ଦ୍ର ୟେଲୋ ଆଲର୍ଟ ଜାରି କରିଛି। ଏହି ଜିଲ୍ଲାଗୁଡ଼ିକ ବ୍ୟତୀତ ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଆଦି ଜିଲ୍ଲାର କିଛି ସ୍ଥାନରେ ମଧ୍ୟ ସ୍ୱଳ୍ପ ବର୍ଷା ନେଇ ପାଣିପାଗ କେନ୍ଦ୍ର କହିଛି। ପଶ୍ଚିମାଝଡ଼ ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ତ୍ତମାନ କୋହଲା ପାଗ ସହ କିଛି କିଛି ସ୍ଥାନରେ ବର୍ଷା ହେଉଛି। ଏଥିପାଇଁ ଅନେକ ସ୍ଥାନରେ ତାପମାତ୍ରା ତଳ ମୁହାଁ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏହି ସ୍ଥିତି ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବା କିଛି ସ୍ଥାନରେ ସ୍ୱଳ୍ପ ବର୍ଷା ଆଶଙ୍କା ରହିଛି।

## ଆଜି ୩ ରାଜ୍ୟର ୧୫ ରାଜ୍ୟସଭା ଆସନରେ ଭୋଟ




■ **ନୂଆଦିଲ୍ଲୀ, ୨୬।୨ (ଏଜେନ୍ସି):** ଖାଲି ପଡ଼ିଥିବା ରାଜ୍ୟସଭାର ମୋଟ ୫୬ ଆସନ ମଧ୍ୟରୁ ୪୧ଟି ଆସନରେ ପ୍ରାର୍ଥୀମାନେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇସାରିଛନ୍ତି। କଂଗ୍ରେସର ସୋନିଆ ଗାନ୍ଧୀଙ୍କ ସମେତ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଏବଂ ଅନ୍ୟ ବହୁ ପ୍ରମୁଖ ନେତା ନିର୍ଦ୍ୱନ୍ଦ୍ୱରେ ରଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ଏବେ ଅବଶିଷ୍ଟ ୧୫ ଆସନ ପାଇଁ ଆସନ୍ତାକାଲି ମତଦାନ କରାଯିବ। ଉତ୍ତରପ୍ରଦେଶ, ହିମାଚଳପ୍ରଦେଶ ଏବଂ କର୍ଣ୍ଣାଟକ ଆଦି ତିନି ରାଜ୍ୟରେ ଏହି ୧୫ ଆସନ ପାଇଁ ନିର୍ବାଚନ ହେବାକୁ ଥିବା ବେଳେ ଉତ୍ତରପ୍ରଦେଶରେ ବିଜେପି ଏବଂ ସମାଜବାଦୀ ପାର୍ଟି ମଧ୍ୟରେ କଡ଼ା ଟକ୍କର ହେବ ବୋଲି କୁହାଯାଉଛି। ପ୍ରକୃତରେ ଉତ୍ତରପ୍ରଦେଶର ୧୦ ଆସନ ପାଇଁ ଏହି ଦୁଇ ଦଳ ନିକଟରେ ଯେତିକି ବିଧାୟକଙ୍କ ସଂଖ୍ୟା ରହିଛି, ତଦ୍ୱାରା ବିଜେପି ୭ ଏବଂ ସମାଜବାଦୀ ପାର୍ଟି ୩ ସାଂସଦଙ୍କୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ରାଜ୍ୟସଭାକୁ ପଠାଇ ପାରିଥାଆନ୍ତେ। ଉତ୍ତରପ୍ରଦେଶ ବିଧାନସଭାର ମୋଟ ବିଧାୟକଙ୍କ ସଂଖ୍ୟା ୪୦୩ ରହିଥିବା ବେଳେ ବିଜେପି ନିକଟରେ ୨୫୨ ଏବଂ ସମାଜବାଦୀ ପାର୍ଟି ବିଧାୟକଙ୍କ ସଂଖ୍ୟା ୧୦୮ ରହିଛି। ହେଲେ ବିଜେପି ପକ୍ଷରୁ ସଞ୍ଜୟ ସେଠଙ୍କୁ ଛିଡା କରାଯାଇଥିବାରୁ ଏହି ଦୁଇ ଦଳ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୁହାଯାଇଛି।

## ପରଲୋକରେ ଗଜଲ କିମ୍ବଦନ୍ତୀ ପଙ୍କଜ ଉଦାସ



■ **ମୁମ୍ବାଇ, ୨୬।୨ (ଏଜେନ୍ସି):** ଗଜଲ କିମ୍ବଦନ୍ତୀ ପଙ୍କଜ ଉଦାସଙ୍କ ପରଲୋକ ଘଟିଛି। ମୁମ୍ବାଇର ଏକ ଡାକ୍ତରଖାନାରେ ସୋମବାର ସକାଳ ୧୧ଟାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଦୀର୍ଘ ଦିନ ଧରି ରୋଗଶଯ୍ୟାରେ ଥାଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ଗଜଲ ପରିବେଷଣ, ପ୍ଲେବ୍ୟାକ୍ ସିଙ୍ଗର ଓ ମ୍ୟୁଜିକ୍ କମ୍ପୋଜର ଭାବେ ସେ ବହୁବାର ପୁରସ୍କୃତ ହୋଇଛନ୍ତି। ତାଙ୍କର ୫୦ରୁ ଅଧିକ ଆଲବମ୍ ରହିଛି। ୨୦୦୬ରେ ପଙ୍କଜଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଥିଲା। ତାଙ୍କ ଗୀତ ଚିଠି ଆୟୀ ହେଁ, ଚାନ୍ଦି ଜୈସା ରଙ୍ଗ ହେ ତେରା, ସୋନେ ଯୈସେ ବାଲ୍, ଯେ ମେରେ ବତନ କି ଲୋଗୋଁ ଆଜି ବି ଶ୍ରୋତାଙ୍କୁ ବିମୋହିତ କରୁଛି। ୧୯୫୧ ମଇ ୧୭ରେ ଗୁଜରାଟର ଜେଟପୁରରେ ଜନ୍ମିତ ପଙ୍କଜ ଉଦାସ ୧୯୮୨ରେ ଫରିଦା ନାମ୍ନୀ ଜଣେ ମୁସଲିମ କନ୍ୟାଙ୍କୁ ବିବାହ କରିଥିଲେ। ତାଙ୍କର ବର୍ତ୍ତମାନ ନାୟାବ ଓ ରିଭା ନାମରେ ଦୁଇ ଝିଅ ଅଛନ୍ତି। ପଙ୍କଜ ଉଦାସଙ୍କ ମୃତ୍ୟୁରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସୋନୁ ନିଗମ, ମାଧୁରୀ ଦୀକ୍ଷିତ ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

# ‘ନୂଆ-ଓ’ ଛାତ୍ରବୃତ୍ତି ବଣ୍ଟନ ଶୁଭାରମ୍ଭ

## ପ୍ରଥମ ଦିନ ୨୮ ୧୧୨ ଛାତ୍ରଛାତ୍ରୀଙ୍କୁ ୨୮ କୋଟି ବୃତ୍ତି ରାଶି



■ **ଭୁବନେଶ୍ୱର/ ସମ୍ବଲପୁର/ଅନୁଗୋଳ, ୨୬।୨ (ସମିସ):** ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ‘ନୂଆ-ଓ’ ଛାତ୍ରବୃତ୍ତି ବଣ୍ଟନ କାର୍ଯ୍ୟକ୍ରମକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ‘୫-ଟି’ ତଥା ‘ନବୀନ ଓଡ଼ିଶା’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁର, ଦେବଗଡ଼ ଓ ଅନୁଗୋଳ ଜିଲ୍ଲାର ମୋଟ୍ ୫୭ଟି କଲେଜର ୨୮,୧୧୨ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି ପ୍ରଦାନ କରିଛନ୍ତି। ଏହାସହ ଛାତ୍ରଛାତ୍ରୀଙ୍କ ପାଇଁ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ନୂତନ ଭାବରେ ‘ନବୀନ ଓଡ଼ିଶା ମ୍ୟାଜିକ୍ କାଡର୍’ ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ପ୍ରଥମ ଦିନରେ ସମ୍ବଲପୁର ଜିଲ୍ଲାର ୨୧ଟି କଲେଜରୁ ୧୩୪୨୩ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଅର୍ଥ ପ୍ରଦାନ କରାଯାଇଛି। ଅନୁରୂପ ଭାବରେ ଦେବଗଡ଼ର ୧୧ଟି କଲେଜରୁ ୩୪୨୪ ଜଣ ଓ ଅନୁଗୋଳ ଜିଲ୍ଲାର ୨୫ଟି କଲେଜରୁ ୧୧୨୬୫ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଅର୍ଥ ପ୍ରଦାନ କରାଯାଇଛି। ଶ୍ରୀ ପାଣ୍ଡିଆନ ଛାତ୍ରଛାତ୍ରୀଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତାକୁ ପହଞ୍ଚାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ମଧ୍ୟ କାମନା କରିଛନ୍ତି।

ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ୨୦୨୪-୩୪ ଦଶକ ଯୁବପିଢ଼ିଙ୍କ ଯୁଗ ହେବ। ସେମାନଙ୍କୁ ସଶକ୍ତିକରଣ ଓ ଲକ୍ଷ୍ୟ ହାସଲ କରିବାକୁ ରାଜ୍ୟ ସରକାର କ୍ଷମତା ପ୍ରଦାନ କରିବେ। ରାଜ୍ୟରେ ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ସଶକ୍ତିକରଣ କରିବା ପରି ଆସନ୍ତା ୧୦ ବର୍ଷ ମଧ୍ୟରେ ଯୁବକମାନଙ୍କ ଯୋଗଦାନ, ସଶକ୍ତିକରଣ ଏବଂ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ କାର୍ଯ୍ୟକାରୀ ହେବ। ସାରା ରାଜ୍ୟରେ କଲେଜ ରୂପାନ୍ତରଣ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଏହି ପରିପ୍ରେକ୍ଷୀରେ, ଗତ ବର୍ଷ ଆରମ୍ଭ ହୋଇଥିବା ନୂଆ-ଓ କାର୍ଯ୍ୟକ୍ରମର ବଡ଼ ସଫଳତା ଭାବେ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ସେ କହିଛନ୍ତି। ଛାତ୍ରବୃତ୍ତି ପ୍ରଦାନ ଆଦେଶ ପରେପରେ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ▶ପୃଷ୍ଠା-୧୦

## ଦୁଃଖ ହରିଲେ ଦରଦୀ ନବୀନ

### କୃତଜ୍ଞତାର ଲୁହରେ ଛାତ୍ରଛାତ୍ରୀଙ୍କ ଆଖି ଛଳଛଳ

■ **ଭୁବନେଶ୍ୱର, ୨୬।୨ (ସମିସ):** କଲେଜରେ ନାମ ଲେଖା ହୋଇଥିଲା ସିନା; ମାତ୍ର ବାପା ଓ ପରିବାରର ଆର୍ଥିକ ସ୍ଥିତି ପାଠ ପଢ଼ିବା ପାଇଁ ଅନୁକୂଳ ନ ଥିଲା। କଲେଜରେ ଗଡ଼ୁଥିଲା ନାଁ, ମାତ୍ର ଦିନ କଟୁଥିଲା ପରିବାର ପ୍ରତିପୋଷଣ ପାଇଁ ବିଭିନ୍ନ କାମରେ। ଅନେକ ମେଧାବୀ ଛାତ୍ରଛାତ୍ରୀ ନିଜ ପାଠପଢ଼ା ଖର୍ଚ୍ଚ ତୁଲାଇବାକୁ କେଉଁଠି ମଜୁରୀ ଲାଗୁଥିଲେ ତ କେଉଁଠି ଦୋକାନରେ ସେଲ୍ସ ମ୍ୟାନ ଭାବରେ କାମ କରୁଥିଲେ। ଝିଅମାନେ ମଧ୍ୟ ଅନୁରୂପ ସମସ୍ୟାର ସମ୍ମୁଖୀନ ହେଉଥିଲେ। କଲେଜ ଯିବା ନିମନ୍ତେ ସମସ୍ୟା, ପାଠପଢ଼ା ଖର୍ଚ୍ଚ, ହଷ୍ଟେଲ ବା ମେସ୍ ଖର୍ଚ୍ଚର ବୋଝ ତୁଲାଇବାକୁ ବି ସେମାନଙ୍କ ପାଖରେ ଅର୍ଥର ଅଭାବ ଥିଲା। ବାପା ଓ ପରିବାରର ଲୋକମାନେ ସେମାନଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିବାକୁ ଅନେକ ସମୟରେ ଜମି ଓ ଗହଣା ବନ୍ଧା ଦେଉଥିଲେ। ଫଳରେ ଅନେକ ଛାତ୍ରଛାତ୍ରୀ କଲେଜରେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିଲେ ଓ କିଛି ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡୁଥିଲେ। ମାତ୍ର ଉଚ୍ଚଶିକ୍ଷା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୃତ୍ତି ବ୍ୟବସ୍ଥା କରିବା ପରେ ବିଭିନ୍ନ ସ୍ଥାନରେ ଭାବବିହ୍ୱଳ ହୋଇଛନ୍ତି ଛାତ୍ରଛାତ୍ରୀ। ସମ୍ବଲପୁର, ଅନୁଗୋଳ ଓ ଦେବଗଡ଼ରେ ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଛାତ୍ରଛାତ୍ରୀଙ୍କୁ ‘ନୂଆ-ଓ’ ବୃତ୍ତି ପ୍ରଦାନ କରିବା ସମୟରେ ଅନେକ ଛାତ୍ରଛାତ୍ରୀ ଆନନ୍ଦରେ କାନ୍ଦି ପକାଇଥିବା ଦେଖାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତାର ଲୁହରେ ସେମାନଙ୍କ ଆଖି ଲୋତକାପ୍ଲୁତ ହୋଇ ଯାଇଛି। ଏହି ଅର୍ଥ କେବଳ ସେମାନଙ୍କ ଶିକ୍ଷା ଓ ଭବିଷ୍ୟତ ପାଇଁ ନୁହେଁ, ତାଙ୍କ ପରିବାର ପାଇଁ ବି ବଡ଼ ସାହାଯ୍ୟ ବୋଲି ଅଧିକାଂଶ ଛାତ୍ରଛାତ୍ରୀ ମତବ୍ୟକ୍ତ କରିଛନ୍ତି।

## ଛାତ୍ରଛାତ୍ରୀଙ୍କୁ ମିଳିବ ‘ମ୍ୟାଜିକ୍ କାର୍ଡ’

■ **ସମ୍ବଲପୁର/ ଅନୁଗୋଳ ୨୬।୨ (ସମିସ):** ରାଜ୍ୟର ଛାତ୍ରଛାତ୍ରୀଙ୍କୁ ମିଳିବ ‘ନବୀନ ଓଡ଼ିଶା ମ୍ୟାଜିକ୍ କାଡର୍’। ଏହା ଏକ ପଏଣ୍ଟ ସିଷ୍ଟମ ଆଧାରିତ ସ୍ମାର୍ଟ କାର୍ଡ। ଯାହା ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ, ବ୍ୟକ୍ତିତ୍ୱ ବିକାଶ, ଦକ୍ଷତା ବିକାଶ ଓ ନିଯୁକ୍ତିରେ ସହାୟକ ହୋଇପାରିବ। ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ପ୍ଲାଟଫର୍ମ ସୃଷ୍ଟି କରିବ। ଡିଜିଟାଲ୍ ସୁବିଧା ଯୋଗାଇ ଯୁବକମାନଙ୍କୁ ଉତ୍ସାହିତ କରିବା ସହ ସଶକ୍ତ କରିବ। ଏହି କାର୍ଡରେ ଥିବା ପଏଣ୍ଟ ସିଷ୍ଟମରେ ବିଭିନ୍ନ କାର୍ଯ୍ୟକଳାପକୁ ସାମିଲ କରିବା ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କଠାରୁ ସରକାର ମତାମତ ସଂଗ୍ରହ କରିବେ। ସଂପୂର୍ଣ୍ଣ ଟେକ୍ନୋଲୋଜି ଦ୍ୱାରା କାର୍ଡ ପରିଚାଳିତ ହେବ। ଯୁବକମାନଙ୍କ ନିଯୁକ୍ତି ଓ ସଶକ୍ତିକରଣ ଦିଗରେ ଏହା ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବ। ଏହି କାର୍ଡ ଆବେଦନ କରିବା ପାଇଁ ପଞ୍ଜିକରଣ ପୋର୍ଟାଲ ଆସନ୍ତା ମାର୍ଚ୍ଚ ୫ ତାରିଖରୁ ଆରମ୍ଭ ହେବ ଓ ଅଗଷ୍ଟ ୧୫ ଅର୍ଥାତ ସ୍ୱାଧିନତା ଦିବସରେ ଏହାକୁ ବଣ୍ଟନ କରାଯିବ ବୋଲି ଘୋଷଣା କରିଛନ୍ତି ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଏହି କାର୍ଡ ଛାତ୍ରଛାତ୍ରୀଙ୍କ ପାଇଁ ‘ସମୃଦ୍ଧିର ପାସପୋର୍ଟ’ ହେବ। ଛାତ୍ରଛାତ୍ରୀ ପାଇଥିବା କାର୍ଡଗୁଡ଼ିକୁ ସେମାନଙ୍କ ବିଭିନ୍ନ କାର୍ଯ୍ୟକଳାପ ଏବଂ

**ମାର୍ଚ୍ଚ ୫ ତାରିଖରୁ ମ୍ୟାଜିକ କାର୍ଡ ପଞ୍ଜିକରଣ, ଅଗଷ୍ଟ ୧୫ରେ ବଣ୍ଟନ**

**‘ସମୃଦ୍ଧିର ପାସପୋର୍ଟ’ ହେବ ‘ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ’**

ପାରାମିଟର ମାଧ୍ୟମରେ ପାଇଥିବା ପଏଣ୍ଟ ଅନୁଯାୟୀ କାର୍ଡଗୁଡ଼ିକୁ ସ୍ୱର୍ଣ୍ଣ, ରୌପ୍ୟ ଓ ପ୍ଲାଟିନମ୍ ସ୍ତରରେ ବିଭକ୍ତିକୃତ କରାଯିବ। ଛାତ୍ରଛାତ୍ରୀଙ୍କ ଶ୍ରେଣୀରେ ଉପସ୍ଥାନ, ଅନୁଶାସନ, ଶୈକ୍ଷିକ ପ୍ରଦର୍ଶନ, ଏକ୍ସଟ୍ରା କରିକ୍ୟୁଲାର ଆକ୍ଟିଭିଟି, କ୍ରୀଡ଼ା, ଅନଲାଇନ୍ ପାଠ୍ୟକ୍ରମ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଆଦିରେ ଛାତ୍ରଙ୍କ ଦକ୍ଷତା ନେଇ ଏହି କାର୍ଡ ବଣ୍ଟନ ଓ ନବୀକରଣ କରାଯିବ। ଛାତ୍ରଛାତ୍ରୀମାନେ ଏହି ▶ପୃଷ୍ଠା-୧୦

## ଦୁର୍ଘଟଣାରେ ୩ ମଞ୍ଚ ଅଭିନେତ୍ରୀଙ୍କ ମୃତ୍ୟୁ



**ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି ୪ କଳାକାର**

■ **କେନ୍ଦ୍ରାପଡ଼ା, ୨୬।୨ (ସମିସ):** ନାଟ୍ୟ ମଞ୍ଚକୁ ଉଠିବା ପୂର୍ବରୁ ଜୀବନ ମଞ୍ଚରୁ ଖସି ପଡ଼ିଲେ। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତର ହଳଦୀଡିହ ଛକ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣା ୩ କଳାକାରଙ୍କ ଜୀବନ ନେଇଛି। ସମସ୍ତ ମୃତକ ମହିଳା। ସେମାନେ ହେଲେ, କଟକ ଜିଲ୍ଲା ବୟାଳିଶ ମୌଜା ସବଳପୁର ଗ୍ରାମର ଶୁକଦେବ ରାଉତଙ୍କ ଝିଅ ରାଜଲକ୍ଷ୍ମୀ ରାଉତ(୨୫), ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ସାହାବାଜପୁର ଗ୍ରାମର ସୁଶାନ୍ତ ପରମାଣିକଙ୍କ ଝିଅ ଜ୍ୟୋତ୍ସ୍ନାରାଣୀ ପରମାଣିକ(୨୦) ଓ ଭଦ୍ରକ ଜିଲ୍ଲା ସବରାଙ୍ଗ ଥାନାର ସାହାଡ଼ା ଗ୍ରାମର ଗୋକୁଳାନନ୍ଦ ଦାସଙ୍କ ଝିଅ ବେବିରାଣୀ ଦାସ (୩୨)। ସେହିପରି ଏହି ଅଘଟଣରେ ୪ଜଣ ଗୁରୁତର ଆହତ ହୋଇ ହସ୍ପିଟାଲରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଗାଡ଼ି ଚାଳକଙ୍କୁ ମିଶାଇ ଏହି ୭ ଜଣ ଆଜି ଏକ ବଲେରୋରେ ଯାଉଥିବା ବେଳେ ହଳଦୀଡିହ ଛକ ନିକଟରେ ଥିବା ଏକ ୟୁକାଲିପଟାସ୍ ଗଛରେ ଧକ୍କା ହୋଇଯିବାରୁ ଏହି ଅଘଟଣ ଘଟିଛି। ଏହି ଦୁଃଖଦ ଘଟଣା ଜିଲ୍ଲାବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଦୁର୍ଘଟଣା ଜନିତ ମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

ମିଳିଥିବା ସୂଚନାନୁଯାୟୀ, ଆଗାମୀ ଦିନରେ ହେବାକୁ ଥିବା ଏକ ନାଟକରେ ଅଭିନୟ କରିବା ପାଇଁ କଳାକାରମାନେ ରିହର୍ସାଲ କରି ବଲେରୋରେ ଫେରୁଥିଲେ। ଉଭୟ କଳାକାର ଓ ▶ପୃଷ୍ଠା-୧୦

### ରାଜ୍ୟରେ ବଢ଼ିଲା ମହାବଳଙ୍କ ସଂଖ୍ୟା

## ୩୦ ମହାବଳ, ୮ ଛୁଆ



■ **ଭୁବନେଶ୍ୱର, ୨୬।୨ (ସମିସ):** ରାଜ୍ୟରେ ବଢ଼ିଲା ମହାବଳ ବାଘଙ୍କ ସଂଖ୍ୟା। ରାଜ୍ୟର ବିଭିନ୍ନ ଜଙ୍ଗଲରେ ମୋଟ ୩୦ଟି ମହାବଳ ବାଘ ଥିବା ବେଳେ ୮ଟି ମହାବଳ ବାଘ ଛୁଆ (୧ବର୍ଷରୁ କମ୍) ରହୁଛନ୍ତି। ଏଥିମଧ୍ୟରେ କେବଳ ଶିମିଳିପାଳ ଅଭୟାରଣ୍ୟରେ ୨୭ଟି ମହାବଳ ରହୁଥିବା ବେଳେ ସମସ୍ତ ୮ଟି ବାଘ ଛୁଆ ଏଠାରେ ରହୁଛନ୍ତି। ଏମାନଙ୍କ ମଧ୍ୟରେ ୧୪ଟି ଅଣ୍ଡିରା, ୧୩ଟି ମାଇ ବାଘ ଥିବା ବେଳେ ୩ଟିର ଲିଙ୍ଗ ନିରୂପଣ ହୋଇପାରିନାହିଁ। ଶିମିଳିପାଳରେ ଥିବା ଏହି ୨୭ ମହାବଳ ମଧ୍ୟରେ ୧୩ଟି ବିରଳ କଳାବାଘ ଓ ୧୪ଟି ସାଧାରଣ ମହାବଳ ▶ପୃଷ୍ଠା-୧୦

**୧୩ କଳାବାଘ ସହ ଶିମିଳିପାଳରେ ସର୍ବାଧିକ ୨୭ ମହାବଳ**

**୩୦ ବାଘଙ୍କ ମଧ୍ୟରେ ଅଛନ୍ତି ୧୪ ଅଣ୍ଡିରା ୧୩ ମାଇ**

**ଗଣନା ପାଇଁ ୪୭ ବନ ଖଣ୍ଡରେ ଲାଗିଥିଲା ୧୪୩୨ କ୍ୟାମେରା**

## ୨୮ରେ ଓଡ଼ିଶା ଆସୁଛନ୍ତି ବିଲ୍ ଗେଟ୍ସ

■ **ଭୁବନେଶ୍ୱର, ୨୬।୨ (ସମିସ):** ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ ଆସନ୍ତା ୨୮ରେ ଓଡ଼ିଶା ଆସିବେ। ବିଲ୍ ଗେଟ୍ସ ଏହି ଗସ୍ତରେ ଭୁବନେଶ୍ୱରରେ ଥିବା କୃଷି ଭବନ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ‘ବିଲ୍ ଆଣ୍ଡ ମେଲିନ୍ଦା ଗେଟ୍ସ ଫାଉଣ୍ଡେସନ୍’ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସହିତ ସହଯୋଗୀ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସଂଗଠନ ବିଲ୍ ଗେଟ୍ସ ଓ ତାଙ୍କ ପୂର୍ବତନ ପତ୍ନୀ ମେଲିନ୍ଦାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଛି। ▶ପୃଷ୍ଠା-୧୦

**‘ବିଲ୍ ଆଣ୍ଡ ମେଲିନ୍ଦା ଗେଟ୍ସ ଫାଉଣ୍ଡେସନ୍’ କାର୍ଯ୍ୟର କରିବେ ସମୀକ୍ଷା**

**କୃଷି ସମୀକ୍ଷା କେନ୍ଦ୍ର ପରିଚାଳନାରେ ବୈଷୟିକ ସହାୟତା ଦେଉଛି ସଂସ୍ଥା**




SIKSHA ‘O’ ANUSANDHAN

SAAT-2024

Empowering students for a brighter future

B.TECH PROGRAMMES IN COMPUTER SCIENCE
- Computer Science & Engineering (Artificial Intelligence & Machine Learning)
- Computer Science & Engineering (Cyber Security)
- Computer Science & Engineering (Data Science)
- Computer Science & Engineering (Internet of Things)
- Computer Science & Engineering
- Computer Science & Information Technology

APPROVAL & RECOGNITIONS
- Approved by UGC & AICTE
- Re-accredited by NAAC with A++ Grade
- Accredited by NBA
- Ranked in QS World Rankings 2024

NIRF INDIA RANKINGS 2023
- 15th Best in University Category
- 27th Best in Engineering Category

To apply for admission through SAAT, Please visit: www.soa.ac.in


## ଲୋକକଥା



ଧନୀ ଗରିବରେ ତାରତମ୍ୟ ଏତେ
ସର୍ଭେ ରିପୋର୍ଟ ଯା’ କହୁଚି,
ଗରିବ ବିଚରା ଗୁଜୁରାଣ ପାଇଁ
କେତେ ହରକତ ହଉଚି !
ଧନୀର କି ଅବା ଯାଉଚି,
ଗଣତାନ୍ତ୍ରିକ ସାମ୍ୟବାଦର
ଧଜିଆ କେମିତି ଉଡୁଚି !!

### ଦ୍ୱିତୀୟ ପର୍ଯ୍ୟାୟରେ ୧୫ ଜିଲ୍ଲା ସାମିଲ

## ୬୭ ‘ଆମ ହସ୍ପିଟାଲ’ ଲୋକାର୍ପିତ



■ **ଭୁବନେଶ୍ୱର, ୨୬।୨ (ସମିସ):** ପ୍ରତିଟି ଜୀବନ ମୂଲ୍ୟବାନ ନୀତି ଆଧାରରେ ରାଜ୍ୟ ସରକାର ନିଜର ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମକୁ ସଞ୍ଚାଳିତ କରି ଆସୁଛନ୍ତି। ବିନା ମୂଲ୍ୟରେ ସାଧାରଣ ଲୋକେ ଯେପରି ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରମାଗତ ପଦକ୍ଷେପ ନେଇ ଆସୁଛନ୍ତି। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ସୋମବାର ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ୧୫ଟି ଜିଲ୍ଲାରେ ୬୭ଟି ‘ଆମ ହସ୍ପିଟାଲ’ ଲୋକାର୍ପଣ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଉମରକୋଟ ଉପଖଣ୍ଡ ହସ୍ପିଟାଲରେ ଡାଏଲିସିସ୍ ସେଣ୍ଟର, ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ ଓ ଝାରସୁଗୁଡ଼ାରେ ବିଏମ୍ଆରସି କାର୍ଡିଆକ୍ କେୟାର ହସ୍ପିଟାଲ ଉଦ୍‌ଘାଟନ କରିବା ସହ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଉପ-ଜିଲ୍ଲା ଡାକ୍ତରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ‘ଆମ ହସ୍ପିଟାଲ’ରେ ରୋଗୀଙ୍କୁ ଉନ୍ନତ ଚିକିତ୍ସା ସୁବିଧା ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ‘ଆମ ହସ୍ପିଟାଲ’ଗୁଡ଼ିକ ଏକ ନୂଆ ଯୁଗ ▶ପୃଷ୍ଠା-୧୦

**“ ସରକାରୀ ସ୍ତରରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ବିରାଟ ପରିବର୍ତ୍ତନ ଆଣିବ: ମୁଖ୍ୟମନ୍ତ୍ରୀ**

- ଦୁଇ ପର୍ଯ୍ୟାୟରେ ୧୪୦ ଆମ ହସ୍ପିଟାଲ, ୭୦୦କୋଟି ଖର୍ଚ୍ଚ
- ୫ ବର୍ଷରେ ୧୮୫୮ଟି ଡାକ୍ତରଖାନା ହେବ ‘ଆମ ହସ୍ପିଟାଲ’
- ବେଗୁନିଆ ଉପ-ଜିଲ୍ଲା ଡାକ୍ତରଖାନାର ଭିତ୍ତିପ୍ରସ୍ତର ସ୍ଥାପିତ
- ‘୫-ଟି’ ଅଧ୍ୟକ୍ଷଙ୍କୁ ମିଳିଥିବା ପ୍ରସ୍ତାବ ଭିତ୍ତିରେ କାର୍ଯ୍ୟାନ୍ୱୟନ
- ନିଜ ସଂପତ୍ତି ଭଳି ରକ୍ଷଣାବେକ୍ଷଣ କରନ୍ତୁ: ‘୫-ଟି’ ଅଧ୍ୟକ୍ଷ

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-243 ♦BHUBANESWAR ♦TUESDAY ♦27 FEBRUARY 2024 ♦PAGE-18 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୩ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨୭ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୮ ♦ଟ.୬.୦୦


ଜନବିରୋଧୀ ପ୍ରଦୀପ ପାଣିଗ୍ରାହୀଙ୍କୁ ଆପଣେଇ ହରଡ଼ଘଣାରେ ରାଜ୍ୟ ବିଜେପି

## ବ୍ରହ୍ମପୁର ମହାନଗର ନିଗମର ୪ ବିଜେପି କର୍ପୋରେଟର ବିଜେଡିରେ ସାମିଲ



**ଭୁବନେଶ୍ୱର,୨୬।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଏବଂ ସୁଶାସନରେ ଅନୁପ୍ରାଣିତ ହୋଇ ବିଭିନ୍ନ କ୍ଷେତ୍ରର ବହୁ ବ୍ୟକ୍ତିବିଶେଷ ବିଜୁ ଜନତା ଦଳରେ ଯୋଗ ଦେଉଛନ୍ତି। ଏହିକ୍ରମରେ ବ୍ରହ୍ମପୁର ମହାନଗର ନିଗମର ୪ ବିଜେପି କର୍ପୋରେଟର ଆଜି ଶଙ୍ଖଭବନଠାରେ ବିଜେଡିରେ ଯୋଗ ଦେଇଛନ୍ତି। ବ୍ରହ୍ମପୁର ଲୋକସଭା ନିର୍ବାଚନମଣ୍ଡଳୀର ବିଜେଡ଼ି ପର୍ଯ୍ୟବେକ୍ଷକ ତଥା ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ସାଂସଦ ଡକ୍ଟର ସସ୍ମିତ ପାତ୍ର, ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଉପସ୍ଥିତିରେ ସେମାନେ ଦଳରେ ଯୋଗ ଦେଇଛନ୍ତି। ସାମିଲ୍ ହୋଇଥିବା ୪ ବିଜେପି କର୍ପୋରେଟରଙ୍କୁ ଶ୍ରୀ ମଙ୍ଗରାଜ ଓ ଡଃ ପାତ୍ର ଦଳକୁ ସ୍ୱାଗତ କରିଛନ୍ତି। ଏହି କର୍ପୋରେଟରଙ୍କ ଯୋଗଦାନ ଫଳରେ ବ୍ରହ୍ମପୁର ମହାନଗର ନିଗମ ଓ ଗଞ୍ଜାମ ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଶ୍ରୀ ମଙ୍ଗରାଜ ଓ ଡଃ ପାତ୍ର କହିଛନ୍ତି।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପିର ୪ କର୍ପୋରେଟର ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଦୀର୍ଘବର୍ଷ ହେଲା ଆମେ ବିଜେପି ଦଳ ପାଇଁ ଦିନରାତି କଠିନ ପରିଶ୍ରମ କରି ଆସୁଥିଲୁ। ମାତ୍ର ଯେଉଁ ଦଳ ପାଇଁ ବହୁ କଷ୍ଟ କରିଥିଲୁ ସେ ଦଳ ଆମକୁ ଅଣଦେଖା କଲା। ଗଞ୍ଜାମ ଜିଲ୍ଲାର ବହୁ ଗରିବ ଯୁବକ ଓ ଯୁବତୀଙ୍କଠାରୁ ଚାକିରି ନାଁରେ ଠକେଇ କରି ଗୋପାଳପୁର ବିଧାୟକ ଜେଲ୍ ଯାଇଥିଲେ। ଏପରି ଜନବିରୋଧୀ ନେତାଙ୍କୁ ବିଜେଡି ବହିଷ୍କାର କଲା ପରେ ବେସାହାରା ପ୍ରଦୀପଙ୍କୁ ବିଜେପି କୋଳେଇ ନେଇଛି। ଏହାକୁ ଆମେ ବିରୋଧ କରି ବିଜେପିରୁ ବାହାରିଯିବା ପାଇଁ ନିଷ୍ପତ୍ତି ନେଲୁ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ, ନୀତି ଆଦର୍ଶ ଓ ନୂଆ ଓଡ଼ିଶା ଗଠନ ଦିଗରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ମଙ୍ଗରାଜ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ଏହି ମିଶ୍ରଣ ପର୍ବରେ ବ୍ରହ୍ମପୁର ମହାନଗର ନିଗମ ୨୦ନଂ ୱାର୍ଡ କର୍ପୋରେଟର ରଞ୍ଜିତା ବେହେରା, ୨୧ନଂ ୱାର୍ଡ କର୍ପୋରେଟର ଡି. କରୁଣାକର, ୨୨ନଂ ୱାର୍ଡ କର୍ପୋରେଟର ପ୍ରଦୀପ କୁମାର ଶତପଥୀ ଓ ୨୭ନଂ ୱାର୍ଡ କର୍ପୋରେଟର ନୀଳକଣ୍ଠ ସାହୁ ବିଜେଡିରେ ସାମିଲ୍ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବରୁ ଦଳରେ ଯୋଗ ଦେଇଥିବା ସ୍ୱାଧୀନ କର୍ପୋରେଟର ପ୍ରଶାନ୍ତ କୁମାର ପଟ୍ଟନାୟକ ଓ ନୃସିଂହ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରଦୀପଙ୍କୁ ନେଇ ଗଞ୍ଜାମ ବିଜେପିରେ ବଢୁଛି ଅସନ୍ତୋଷ







RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-243 ♦BHUBANESWAR ♦TUESDAY ♦27 FEBRUARY 2024 ♦PAGE-18 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୩ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨୭ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୮ ♦ଟ.୬.୦୦

## ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ଯବାନ ସହିଦ

■ **ମାଲକାନଗିରି, ୨୬।୨ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓବାଦୀଙ୍କ ଦ୍ୱାରା ଆଇଡି ବୋମା ବିସ୍ଫୋରଣରେ ଜଣେ ଯବାନ ସହିଦ ହୋଇଛନ୍ତି। ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲାର ମିରତୁର ଥାନା ଅନ୍ତର୍ଗତ ବେଚପାଲ ନାଳ ନିକଟରେ ମାଓ ଦମନ ସର୍ଚ୍ଚ ଅପରେସେନ ପାଇଁ ସିଏଏଫର ଯବାନମାନେ ସର୍ଚ୍ଚ ଅପରେସନ କରି ଫେରୁଥିବା ବେଳେ ହଠାତ୍ ମାଓବାଦୀଙ୍କ ଦ୍ୱାରା ପୂର୍ବରୁ ଖଞ୍ଜା ଯାଇଥିବା ଏକ ଆଇଡି ବୋମା ବିସ୍ଫୋରଣ ଘଟିଥିଲା। ଯେଉଁଥିରେ ସିଏଏଫର ଯବାନ ରାମ ଆଶିଷ ଯାଦବ ଘଟଣାସ୍ଥଳରେ ହିଁ ସହିଦ ହୋଇଥିଲେ। ଏହାପରେ ଅନ୍ୟ ସାଥୀ ଯବାନଙ୍କ ଦ୍ୱାରା ତାଙ୍କ ମରଶରୀର ଉଦ୍ଧାର କରାଯାଇଥିବା ବେଳେ ଅଧିକ ଯବାନ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଥିବା ନେଇ ବିଜାପୁର ଏସପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି।

DSPL-728

ମିଶନ ଶକ୍ତି | Mission Shakti BAZAAR

ଆମ ଓଡ଼ିଶା ନବୀନ ଓଡ଼ିଶା



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା...
ଶୁଭାରମ୍ଭ

- 0% ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ
- ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ
- ୭୩୦ କୋଟି ଟଙ୍କାର ୟୁନିଫର୍ମ ଓ ବ୍ଲେଜର ସହାୟତା



ଶୁଭ ଉଦ୍‌ଘାଟନ
ମିଶନ ଶକ୍ତି ବଜାର
ଭୁବନେଶ୍ୱର | ୨୭ ଫେବୃଆରୀ ୨୦୨୪

ସଶକ୍ତ ମହିଳା | ସଶକ୍ତ ଓଡ଼ିଶା




ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର

OIPR-48001/13/0011/2324

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-243 ♦BHUBANESWAR ♦TUESDAY ♦27 FEBRUARY 2024 ♦PAGE-18 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୩ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨୭ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୮ ♦ଟ.୬.୦୦


## ପୌର ପ୍ରଶାସନରେ ୮୯ ଜଣଙ୍କୁ ନୂଆ ନିଯୁକ୍ତି

**ଭୁବନେଶ୍ୱର, ୨୬।୨ (ସମିସ):** ରାଜ୍ୟ ପୌର ପ୍ରଶାସନରେ ୮୯ଜଣଙ୍କୁ ନିଯୁକ୍ତି ଦିଆଯାଇଛି। '୫-ଟି' ଅଧୀନରେ ଦକ୍ଷତା, ସ୍ୱଚ୍ଛତା ଏବଂ ଗୋଷ୍ଠୀ ଯୋଗଦାନକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଦକ୍ଷତା ବୃଦ୍ଧି ପାଇଁ ଏହି ୮୯ଜଣ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରେ ୬୧ଜଣ ଅମିନ ଓ ୨୮ଜଣ ଅଡିଟର୍ ଅଛନ୍ତି। ବିଭିନ୍ନ ପୃଷ୍ଠଭୂମିରୁ ଆସିଥିବା ଯୁବକଯୁବତୀମାନଙ୍କୁ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ନିଯୁକ୍ତି ପର୍ବରେ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଉଷା ଦେବୀ ଯୋଗଦେଇ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟରେ ସହରାଞ୍ଚଳ ରୂପାନ୍ତରୀକରଣ ସମ୍ପର୍କରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥନନ ସୂଚନା ପ୍ରଦାନ କରିଥିବା ବେଳେ ନବନିଯୁକ୍ତ ଅଧିକାରୀଙ୍କୁ ଦକ୍ଷତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ନବନିଯୁକ୍ତ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ଲୋକସେବାକୁ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜ୍ଞାନ ଓ କାରିଗରୀ କୌଶଳ, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ପ୍ରମୁଖ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ସମ୍ପର୍କରେ ନବନିଯୁକ୍ତ ଯୁବକଯୁବତୀଙ୍କୁ ଉପଦେଶ ଦେଇଥିଲେ।






## ଛାତ୍ରଛାତ୍ରୀ ହେବେ ନୂଆ ଓଡ଼ିଶାର ବାର୍ତ୍ତାବହ

**ଭୁବନେଶ୍ୱର, ୨୬।୨ (ସମିସ):** ଛାତ୍ରଛାତ୍ରୀ ହେଉଛନ୍ତି 'ନୂଆ ଓଡ଼ିଶା, ନବୀନ ଓଡ଼ିଶା'ର ବାର୍ତ୍ତାବହ। ଏକ ସଶକ୍ତ, ପାରଙ୍ଗମ ଏବଂ ଦକ୍ଷ ଯୁବ ସମାଜ ହିଁ ଏକ ସମୃଦ୍ଧ ରାଷ୍ଟ୍ର ଗଠନ କରିବାର ଦକ୍ଷତା ରଖିଥାନ୍ତି। ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିରନ୍ତର ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟାପକ ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଆସିଛନ୍ତି। ଅତି ଗରିବରୁ ଗରିବ ପିଲାଟିଏ ଯେପରି ନିଜର ସ୍ୱପ୍ନ ହାସଲ ଦିଗରେ ଯେପରି




ବାଧାବିଘ୍ନର ସମ୍ମୁଖୀନ ନ ହେବ, ତାହା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରୁଛନ୍ତି। ଏହିକ୍ରମରେ ମୁଖ୍ୟମନ୍ତ୍ରୀ କଲେଜ ପଢୁଆ ଛାତ୍ରଛାତ୍ରୀଙ୍କ ପାଇଁ 'ନୂଆ-ଓ' ଛାତ୍ରବୃତ୍ତି ଆରମ୍ଭ କରିଥିବା ବେଳେ ଆଜିଠାରୁ ଛାତ୍ରବୃତ୍ତି ପ୍ରଦାନ ପ୍ରକ୍ରିୟା ବିଧିବଦ୍ଧ ଆରମ୍ଭ ହୋଇଛି। ଯାହାକୁ ନେଇ ରାଜ୍ୟବ୍ୟାପୀ କଲେଜ ପଢୁଆ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଖାଦେଇଛି ଅଫୁରନ୍ତ ଉତ୍ସାହ। ପାଠ ପଢ଼ା ପାଇଁ ଆର୍ଥିକ ସମସ୍ୟା ଉଭୟ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ପାଲଟୁଥିବା ବେଳେ ନବୀନଙ୍କ ଏହି ଯୁଗାନ୍ତକାରୀ ନିଷ୍ପତ୍ତି ଏକ ସଶକ୍ତ ଯୁବ ସମାଜ ଗଠନ କରିବାରେ ବଡ଼ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି। ଓଡ଼ିଶାର ପ୍ରତିଟି ପିଲା ପାଠ ପଢ଼ିବେ, ନିଜ ପରିବାର ପାଇଁ, ସମାଜ ପାଇଁ, ରାଜ୍ୟ ପାଇଁ ସୁନାମ ଆଣିବେ। ଏକ ନୂଆ, ସଶକ୍ତ ଏବଂ ନବୀନ ଓଡ଼ିଶା ଗଠନର ପ୍ରମୁଖ ସାରଥୀ ସାଜିବେ। ପିଲାଙ୍କୁ କଲେଜରେ ପାଠ ପଢ଼ାଇବାକୁ କୌଣସି ଅଭିଭାବକଙ୍କୁ ଆଉ ଜମି ବନ୍ଧା ପକାଇବାକୁ ପଡ଼ିବ ନାହିଁ। ଏପରି ପରିକଳ୍ପନାକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ-ଓ ଛାତ୍ରବୃତ୍ତି ଆରମ୍ଭ କରିଥିବା ବେଳେ ଏହା ରାଜ୍ୟର କଲେଜ ପଢୁଆ ଛାତ୍ରଛାତ୍ରୀଙ୍କ ଶିକ୍ଷା ଗ୍ରହଣ ବ୍ୟବସ୍ଥାକୁ ଏକ ନୂଆ ଉଚ୍ଚତା ଦେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ମଧ୍ୟବିତ୍ତ ପରିବାର ପାଇଁ ଏପରି ବୃତ୍ତି ଖୁବ୍ ଆଶ୍ୱାସନା ଆଣିଦେଇଥିବା ବେଳେ ଉପକୃତ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ନୂଆ-ଓ ଛାତ୍ରବୃତ୍ତି ଯୋଜନାରେ ରାଜ୍ୟର ସ୍ନାତକ ଶ୍ରେଣୀର ୪.୫ ଲକ୍ଷ ଛାତ୍ରଛାତ୍ରୀ ଓ ସ୍ନାତକୋତ୍ତର ଶ୍ରେଣୀର ୩୨ ହଜାର ଛାତ୍ରଛାତ୍ରୀ ଉପକୃତ ହେବାକୁ ଯାଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶାର ସ୍ୱପ୍ନକୁ ବାସ୍ତବ ରୂପାୟନ ଓ ଯୁବ ସଶକ୍ତିକରଣ କ୍ଷେତ୍ରରେ ଏହା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ କରିଛନ୍ତି।



ଗରିବ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଗଠନରେ 'ନୂଆ-ଓ' ବୃତ୍ତି ଟଙ୍କା ବେଶ ସହାୟକ ହୋଇପାରିବ। ଉଚ୍ଚଶିକ୍ଷା ପାଇଁ ଫି', କୋଚିଂ ଅବା ବହି ପତ୍ର କିଣି ପାଠ ପଢ଼ିପାରିବେ। ଏକଦା କୋଭିଡ ସମୟରେ ପିଲାମାନେ ପାଠ ପଢ଼ିବାରେ ବହୁତ ଅସୁବିଧା ପାଇଥିଲେ। ଆର୍ଥିକ ଅନଗ୍ରସର ପିଲାମାନେ ପଢ଼ିବା ପାଇଁ ବହୁ ସଂଗ୍ରାମ କରିଛନ୍ତି। ସରକାରଙ୍କ ଏଭଳି ସହାୟତା ପିଲାଙ୍କୁ ଆଗକୁ ବଢ଼ିବାକୁ ନିଶ୍ଚିତ ପ୍ରେରଣା ଦେଉଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ।

**କୁମାର ସତ୍ୟମଦର୍ଶୀ (ସ୍ନାତକୋତ୍ତର ଛାତ୍ର)**
**ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ**



ଛାତ୍ର ବୃତ୍ତି ପିଲାଙ୍କ ପାଇଁ ବେଶ ସହାୟକ ହୋଇଛି। ଶିକ୍ଷାବର୍ଷ ସରିବାକୁ ଯାଉଛି। ଉଚ୍ଚ ଶିକ୍ଷା ଅବା କୋଚିଂ ପାଇଁ ପ୍ରସ୍ତୁତ ହେବାକୁ ପିଲାମାନେ ଏହି ବୃତ୍ତି ଟଙ୍କା ବିନିଯୋଗ କରିପାରିବେ। ଯାହାଦ୍ୱାରା ଜୀବନ ଜୀବିକା ନିର୍ଦ୍ଧାରଣ କରିବେ। ସରକାରଙ୍କୁ ବହୁତ ବହୁତ ଧନ୍ୟବାଦ।

**ସଙ୍ଗୀତା ପ୍ରଧାନ (ସ୍ନାତକୋତ୍ତର ଛାତ୍ରୀ)**
**ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ**



ଓଡ଼ିଶା ସରକାର ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ପ୍ଲାଟଫର୍ମ ଦେଇଛନ୍ତି। ଆଜି ଯୁବ ସମାଜ ତଥା କଲେଜ ପଢୁଆ ଗରିବ ଛାତ୍ର ଛାତ୍ରୀଙ୍କୁ ଛାତ୍ର ବୃତ୍ତି ପ୍ରଦାନ କରାଯାଇଛି। ଯାହାଦ୍ୱାରା ସେମାନେ ପାଠ୍ୟକ୍ରମ ସମ୍ବନ୍ଧରେ ଏହି ବୃତ୍ତି ସହାୟତା କରିବ।

**ଲିପ୍ସାରାଣୀ ପାଢ଼ୀ (ଯୁକ୍ତ ୩ ଛାତ୍ରୀ)**
**ଅନୁଗୋଳ ସରକାରୀ ସ୍ୱାୟଂଶାସିତ ମହାବିଦ୍ୟାଳୟ**



ଛାତ୍ରବୃତ୍ତି ପାଇ ମୁଁ ବହୁତ ଖୁସୀ। ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଉଛି। ମିଳିଥିବା ଟଙ୍କାରେ ବିଭିନ୍ନ ପ୍ରବେଶିକା ପରୀକ୍ଷା ଦେଇପାରିବି। କଲେଜ ଫି' ମଧ୍ୟ ଦେଇହେବ। ପରିବାର ଲୋକଙ୍କୁ ଆଉ ମୋ ଫି' ପାଇଁ ଚିନ୍ତା କରିବାକୁ ପଡ଼ିବ ନାହିଁ। ଏହି ଛାତ୍ରବୃତ୍ତି ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ପିଲାମାନଙ୍କୁ ବିଶେଷ ଭାବେ ସହାୟକ ହେବ।

**- ଅମିତ କୁମାର ସିଂ, ଯୁକ୍ତ ୩ ଶେଷ ବର୍ଷ,**
**ହୀରାକୁଦ କଲେଜ**



ପୂର୍ବରୁ ଛାତ୍ରବୃତ୍ତି ପାଇଁ ଏକ ନିର୍ଦ୍ଦିଷ୍ଟ ବର୍ଗ ରହୁଥିଲା। ଏବେ ସାଧାରଣବର୍ଗଙ୍କ ପାଇଁ ସରକାରୀ ଛାତ୍ରବୃତ୍ତି ମିଳୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁଁ ଭେଦଭାବ ସବୁ ଦୂର ହୋଇ ସବୁବର୍ଗର ଛାତ୍ରଛାତ୍ରୀ ବୃତ୍ତି ପାଇବା ପାଇଁ ଯୋଗ୍ୟ ହୋଇଥିବାରୁ ମୁଁ ବହୁତ ଖୁସି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଶେଷ କୃତଜ୍ଞତା ଜଣାଉଛି। ଏହି ବୃତ୍ତି ମୋର ପାଠପଢ଼ାରେ ସାହାଯ୍ୟ କରିବ।

**- ଜୟଶ୍ରୀ ପ୍ରଧାନ, ଯୁକ୍ତ ୩ ଦ୍ୱିତୀୟ ବର୍ଷ,**
**ଭୀମଭୋଇ କଲେଜ**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର କୌଣସି ଛାତ୍ରଛାତ୍ରୀ ଅର୍ଥ ଅଭାବରୁ ଯେଭଳି ଉଚ୍ଚ ଶିକ୍ଷାରୁ ବଞ୍ଚିତ ନ ହେବେ ସେ ନେଇ ଛାତ୍ରବୃତ୍ତି ପ୍ରଦାନ ପାଇଁ ଗତ୨୩ ତାରିଖରେ ଘୋଷଣା କରି ୨୬ ତାରିଖ ବେଳକୁ ଛାତ୍ର ବୃତ୍ତି ଟଙ୍କା ପ୍ରଦାନ କଲେ ସତରେ ଅବିଶ୍ୱସନୀୟ। ୫-ଟି ସଚିବ କାର୍ତ୍ତିକ ପାଣ୍ଡିଆନଙ୍କ ଠାରୁ ଆଜି ଛାତ୍ରବୃତ୍ତି ସାର୍ଟିଫିକେଟ ଗ୍ରହଣ କରିବା କିଛି ମିନିଟ ମଧ୍ୟରେ ମୋ ବ୍ୟାଙ୍କ ଆକାଉଣ୍ଟରେ ୧୦ ହଜାର ଟଙ୍କା ଆସିବା ଦେଖି ଭାବ ଭାବବିହ୍ୱଳ ହୋଇ ପଡ଼ିଥିଲି। ପଦାର୍ଥବିଜ୍ଞାନ ଅନର୍ସ ଛାତ୍ରୀ ଭାବେ ଏହି ଛାତ୍ର ବୃତ୍ତି ଅର୍ଥରେ ମୁଁ ମୋ ରି ଆଡ଼ମିସନ ସହ କିଛି ବହି କିଣିବି।

**-ପ୍ରିୟଦର୍ଶିନୀ କର, ଦେବଗଡ଼ ସ୍ନାତକ ମହାବିଦ୍ୟାଳୟ**



'ନୂଆ ଓ' ଯୋଜନାରେ ଛାତ୍ର ବୃତ୍ତି ପାଇ ମୁଁ ବହୁତ ଖୁସି। ମୋ ପାସବୁକରେ ୧୦ ହଜାର ଟଙ୍କା ଜମା ହେବା ବ୍ୟାଙ୍କ ମେସେଜ ପାଇ ମୁଁ ପ୍ରଥମେ ବିଶ୍ୱାସ କରି ପାରି ନ ଥିଲି। ଏହି ଟଙ୍କାରେ ରି ଆଡ଼ମିଶନ କରିବା ସହ କିଛି ଗାଇଡ଼ ବୁକ କିଣିବି। ଛାତ୍ର ବୃତ୍ତି ପାଇଥିବାରୁ କଲେଜ ପାଇଁ ଘରୁ ଆଣୁଥିବା ଟଙ୍କା ଏ ବର୍ଷ ଆଉ ଆଣିବାକୁ ପଡ଼ିବ ନାହିଁ। ଏହି 'ନୂଆ ଓ' ଛାତ୍ରବୃତ୍ତି କେବଳ ଛାତ୍ରଛାତ୍ରୀଙ୍କୁ ସହାୟକ ହେଲା ତାହା ନୁହଁ, ଏହା ଯୋଗୁଁ ବହୁ ଅଭିଭାବକଙ୍କ ମୁଣ୍ଡରୁ ମଧ୍ୟ ପଢ଼ା ଖର୍ଚ୍ଚ ବୋଝ କମିଛି।

**ସୋନାଲି ସାହୁ, ଛାତ୍ରୀ, ଦେବଗଡ଼ ମହିଳା ସ୍ନାତକ ମହାବିଦ୍ୟାଳୟ**




ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-243 ♦BHUBANESWAR ♦TUESDAY ♦27 FEBRUARY 2024 ♦PAGE-18 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୩ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨୭ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୮ ♦ଟ.୬.୦୦

# ପାଣିରେ ବୁଡ଼ି ଭାଇ-ଭଉଣୀ ମୃତ

■ **ଡେଲାଙ୍ଗ, ୨୬।୨ (ସମିସ):** ଗାଧୋଇବା ବେଳେ ପୋଖରୀରେ ବୁଡ଼ି ଭାଇ-ଭଉଣୀ ମୃତ। ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅଧୀନ ହୁମର ଗ୍ରାମରେ ଏହି ଦୁଃଖଦ ଘଟଣା ଘଟିଛି। ମୃତ ଶିଶୁଦ୍ୱୟ ହେଲେ, ଗ୍ରାମର ଶଙ୍କର ରାଉତଙ୍କ ବଡ଼ପୁଅ ଶୁଭେନ୍ଦୁ କୁମାର ରାଉତ(୯) ଓ ସାନ ଝିଅ ଶୁଭଲକ୍ଷ୍ମୀ ରାଉତ(୭)। ଦୁହେଁ ଘର ପଛପଟ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ସୂଚନାନୁଯାୟୀ, ଆଜି ପୂର୍ବାହ୍ନରେ ଭାଇ-ଭଉଣୀ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଦୁହେଁ ଘରକୁ ନ ଫେରିବାରୁ ପରିବାରଲୋକ ସେମାନଙ୍କୁ ବହୁ ଖୋଜାଖୋଜି କରିଥିଲେ। ହୁଡ଼ାରେ ସେମାନଙ୍କ ପୋଷାକ ପଡ଼ିଥିବା ଦେଖି ପୋଖରୀ ଭିତରେ ଖୋଜାଖୋଜି କରିବାରୁ ଦୁହିଁଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସେମାନଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ଲାଗି ଶବଦ୍ୱୟକୁ ପୁରୀ ପଠାଇଛି। ଖବର ପାଇ ସ୍ଥାନୀୟ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ସାହୁ, ବ୍ଲକ ବିଜେଡି ସଭାପତି ବୈରାଗୀ ଜେନା, ବୋଲକଣା ରାଜସ୍ୱ ନିରୀକ୍ଷକ ବିଭୁପ୍ରସାଦ ପାତ୍ର ପ୍ରମୁଖ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଖରେ ପହଞ୍ଚି ସମବେଦନା ଜଣାଇବା ସହିତ ଖୁବ୍‌ଶୀଘ୍ର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।














## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ତାଗିଦ୍

# ସରକାର ନ କଲେ ଆମେ କରିବୁ

■ କୋଷ୍ଟଗାର୍ଡରେ ମହିଳାଙ୍କ ସ୍ଥାୟୀ କମିସନ ନିଯୁକ୍ତି ମାମଲା

ନୂଆଦିଲ୍ଲୀ,୨୬।୨(ଏଜେନ୍ସି)

ଭାରତୀୟ ତଟରକ୍ଷୀ ବାହିନୀ(ଇଣ୍ଡିଆନ୍ କୋଷ୍ଟ ଗାର୍ଡ)ରେ ମହିଳାଙ୍କୁ ସ୍ଥାୟୀ କମିସନ ଅଫିସର ଭାବେ ନିଯୁକ୍ତି ଦେବାକୁ ନେଇ ପୁଣି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି ନେଇ କେନ୍ଦ୍ର ସରକାର ଉଚିତ ପଦକ୍ଷେପ ନେଉ ନାହାନ୍ତି। କିନ୍ତୁ ଏହା କରାଯିବା ଉଚିତ ନୁହେଁ। ଯଦି ସରକାର ଏହାକୁ କରିବେ ନାହିଁ ତେବେ ଆମେ ଏହାକୁ କରି ଦେଖାଇବାକୁ ବୋଲି ପ୍ରଧାନବିଚାରପତି ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡ଼ କେନ୍ଦ୍ର ସରକାରଙ୍କ ଭର୍ତ୍ସନା କରି ଆବେଦନ ଉପରେ ଶୁଣାଣି କରି ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧିନ ଖଣ୍ଡପୀଠ କହିଛନ୍ତି ଯେ, ତଟରକ୍ଷୀ ବାହିନୀରେ କାର୍ଯ୍ୟ କରୁଥିବା ଯୋଗ୍ୟ ମହିଳା ଅଧିକାରୀମାନଙ୍କୁ ସ୍ଥାୟୀ କମିସନ



କରି ଦେଖାଇବୁ ବୋଲି ସୁପ୍ରିମକାର୍ଟ କେନ୍ଦ୍ରକୁ କଡା ଭାଷାରେ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ନୌସେନା ଏବଂ ସ୍ଥଳ ସେନା ଠାରୁ ତଟରକ୍ଷୀ ବାହିନୀର ପରିଚାଳନା ଦିଗ



ସୁପ୍ରିମକୋର୍ଟ।କୋଷ୍ଟ ଗାର୍ଡରେ ସ୍ଥାୟୀ କମିସନ ଅଫିସର ଭାବେ ନିଯୁକ୍ତି ପାଇବାକୁ ଯେଉଁ ମହିଳା ଅଧିକାରୀମାନଙ୍କ ଯୋଗ୍ୟତା ରହିଛି ସେମାନଙ୍କୁ ଏହି ସୁବିଧା ଦେବା କହିଛନ୍ତି। କୋଷ୍ଟ ଗାର୍ଡରେ କାର୍ଯ୍ୟ କରୁଥିବା ଏବଂ ସ୍ଥାୟୀ କମିସନ ଭାବେ ନିଯୁକ୍ତି ଦାବି କରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିବା ମହିଳା ଅଫିସର ପ୍ରିୟଙ୍କା ତ୍ୟାଗୀଙ୍କ ଅଫିସର ଭାବେ ନିଯୁକ୍ତି ଦେବା ନେଇ କେନ୍ଦ୍ର ସରକାର ଟାଳଟୁଳ ନୀତି ଦେଖାଉଛନ୍ତି। ଏଥିପାଇଁ ସରକାରଙ୍କ ପକ୍ଷରୁ ଯେଉଁ ଯୁକ୍ତି ଦର୍ଶାଯାଉଛି ତାହା ପର୍ଯ୍ୟାପ୍ତ ନୁହେଁ। ଅନ୍ତତଃ ୨୦୨୪ରେ ଏହାକୁ ଶୁଣିବା ମଧ୍ୟ ସମ୍ଭବ ନୁହେଁ। ତେବେ କୌଣସି ସ୍ଥିତିରେ ମହିଳା ଅଧିକାରୀମାନଙ୍କୁ ଏହି ସୁବିଧାରୁ ବଞ୍ଚିତ କରାଯାଇପାରିବ ନାହିଁ। ଯଦି ସରକାର ଏହାକୁ ନ କରନ୍ତି ତେବେ ଆମେ ଏହାକୁ ସମ୍ପୂର୍ଣ୍ଣ ଭିନ୍ନ। ତେବେ ଏହି ବିଭାଗର ଅଧିକାରୀମାନଙ୍କୁ ଉପରୋକ୍ତ ଦୁଇ ବାହିନୀ ଭଳି ସୁବିଧା ସୁଯୋଗ ଦେବା ପାଇଁ ଏକ ବୋର୍ଡ ଗଠନ ହୋଇସାରିଛି। ଏଥିରେ ଗଠନମୂଳକ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଆଟର୍ଣ୍ଣି ଜେନେରାଲ ଆର୍ ଭେଙ୍କେଟରମଣ କହିଛନ୍ତି। ଏହି ମାମଲର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧ ତାରିଖରେ ହେବ ବୋଲି ଜଣାପଡ଼ିଛି।

■ ସିବିଆଇ ହାତକୁ ଗଲା ଆଇଏନ୍ଏଲ୍‌ଡି ଅଧ୍ୟକ୍ଷଙ୍କ ହତ୍ୟା ମାମଲା

# ୩ ବିଜେପି ନେତାଙ୍କ ବିରୋଧରେ ଏତଲା

ଚଣ୍ଡିଗଡ଼, ୨୬।୨ (ଏଜେନ୍ସି)

ଆଇଏନଏଲ୍‌ଡିର ପ୍ରଦେଶ ଅଧ୍ୟକ୍ଷ ନଫେ ସିଂହ ରାଠିଙ୍କ ହତ୍ୟା ମାମଲାର ତଦନ୍ତ ସିବିଆଇ କରିବ। ଗୃହମନ୍ତ୍ରୀ ଅନିଲ ଭିଜ୍ ହରିୟାଣା ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ବଜେଟ ଅଧିବେଶନ ସମୟରେ କଂଗ୍ରେସ ହାଇକୋର୍ଟ ବିଚାରପତି କିମ୍ବା ସିବିଆଇ ଦ୍ୱାରା ମାମଲାର ତଦନ୍ତ କରାଇବାକୁ ଦାବି କରିଥିଲା। ଏହା ପରେ ରାଠିଙ୍କ ପରିବାର ଅନ୍ତିମ ସଂସ୍କାର ପାଇଁ ରାଜି ହୋଇଥିଲା। ତେବେ ସେମାନେ ଅପରାଧିଙ୍କୁ ଗିରଫ କରିବା ପାଇଁ ପୁଲିସକୁ ୭ ଦିନ ସମୟ ଦେଇଛନ୍ତି। ସୋମବାର ସନ୍ଧ୍ୟାରେ ବହାଦୂରଗଡ଼ରେ ରାଠିଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏହି ହତ୍ୟା ପଛରେ କୌଣସି ଗ୍ୟାଙ୍ଗର ହାତ ଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ଏହି ମାମଲାରେ ତିହାର ଜେଲ୍‌ରେ ଥିବା କିଛି ଗ୍ୟାଙ୍ଗଷ୍ଟରଙ୍କୁ ପଚରାଉଚୁରା



କରାଯାଉଛି। ରାଠିଙ୍କ ଭଣଜା ସଞ୍ଜୟଙ୍କ ଅଭିଯୋଗରେ ପୁଲିସ ବିଜେପିର ୩ ନେତାଙ୍କ ସହିତ ୮ ଜଣଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛି। ଏମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ନରେଶ କୌଶିକ, ପୂର୍ବତନ ଅଧ୍ୟକ୍ଷ କର୍ମବୀର ରାଠି, ପୂର୍ବତନ ମନ୍ତ୍ରୀ ମାଙ୍ଗେରାମ ରାଠିଙ୍କ ପୁଅ ସତୀଶ ନମ୍ବରଦାର, ରାହୁଲ, କମଲ ଏବଂ ଗୌରବ ସାମିଲ ରହିଛି। ଅନ୍ୟପଟେ ପୁଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ୨ ଜଣ ଡିଏସ୍‌ପିଙ୍କ ନେତୃତ୍ୱରେ ୫ଟି ଟିମ୍ ଗଠନ କରାଯାଇଛି। ସିଆଇଏ ଏବଂ ଏସ୍‌ଟିଏଫକୁ ମଧ୍ୟ ଲଗାଯାଇଛି।

## ଭୋଟ ପାଇଁ ଆଧାର ବାଧ୍ୟତାମୂଳକ ନୁହେଁ

ନୂଆଦିଲ୍ଲୀ, ୨୬ ।୨(ଏଜେନ୍ସି): ତୃଣମୂଳ କଂଗ୍ରେସର ଏକ ପ୍ରତିନିଧି ଦଳକୁ ନିର୍ବାଚନ କମିଶନ ଆଜି ସ୍ପଷ୍ଟ ଭାବେ କହିଛନ୍ତି ଯେ ଭୋଟ ଦେବା ନିମନ୍ତେ ଆଧାର କାର୍ଡ ବାଧ୍ୟତାମୂଳକ ନୁହେଁ। ଭୋଟର ନିଜର ଭୋଟ ପରିଚୟ କାର୍ଡ କିମ୍ବା ଅନ୍ୟ ଯେ କୌଣସି ବୈଧ ପରିଚୟପତ୍ର ଦେଖାଇ ଭୋଟ ଦେଇପାରିବେ। ପଶ୍ଚିମବଙ୍ଗରେ ଅନେକ ଲୋକଙ୍କ ଆଧାର କାର୍ଡ ଅକାମୀ କରାଯାଇଥିବାରୁ ସେମାନେ କିପରି ଭୋଟ ଦେବେ ସେ ନେଇ ଟିଏମସିର ପ୍ରତିନିଧି ଚିନ୍ତା ବ୍ୟକ୍ତ କରିଥିଲେ ।

## ସପ୍ତମ ସମନକୁ ବି ଏଡ଼ାଇଗଲେ କେଜ୍ରିୱାଲ

ନୂଆଦିଲ୍ଲୀ,୨୬।୨(ଏଜେନ୍ସି): ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଅର୍ଥ ହେରଫେରକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ସପ୍ତମ ସମନକୁ ବି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏଡାଇଯାଇଛନ୍ତି। ତାଙ୍କୁ ସୋମବାର ଇଡି କାର୍ଯ୍ୟାଳୟରେ ହାଜର ହେବାକୁ ସମନ କରାଯାଇଥିଲା। ହେଲେ ପୂର୍ବ ଭଳି କାରଣ ଦର୍ଶାଇ ସେ ହାଜର ହୋଇନାହାନ୍ତି।ସେ କହିଛନ୍ତି ଯେ , ବର୍ତ୍ତମାନ ଏହି ମାମଲା କୋର୍ଟରେ ଅଛି। ତେଣୁ ଇଡି କାର୍ଯ୍ୟାଳୟକୁ ଯିବାର ଆବଶ୍ୟକତା ନାହିଁ। ସେହିପରି ଆପ୍ ପକ୍ଷରୁ ମଧ୍ୟ କୁହାଯାଇଛି ଯେ, ଆମେ ଆଇନଗତ ପ୍ରକ୍ରିୟାକୁ ସମ୍ମାନ ଦେଉଛୁ। ଇଡି କେଜ୍ରିୱାଲଙ୍କୁ ବାରମ୍ବାର ସମନ କରିଛି ସତ। ହେଲେ ଆମେ କୋର୍ଟର ନିଷ୍ପତ୍ତିକୁ ଅପେକ୍ଷା କରିଛୁ।

## ବିଜେପିରେ କଂଗ୍ରେସ ସାଂସଦ ଗୀତା

ରାଞ୍ଚି,୨୬ ।୨(ଏଜେନ୍ସି): ଝାଡ଼ଖଣ୍ଡର ଏକମାତ୍ର କଂଗ୍ରେସ ସାଂସଦ ଗୀତା କୋଡ଼ା ସୋମବାର ବିଜେପିରେ ଯୋଗଦେଇଛନ୍ତି। ସେ ହେଉଛନ୍ତି ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡ଼ାଙ୍କ ପତ୍ନୀ। ୨୦୧୯ ଲୋକସଭା ନିର୍ବାଚନରେ ବିଜେପି ଲହର ସତ୍ତ୍ୱେ କଂଗ୍ରେସ ପ୍ରାର୍ଥୀ ଗୀତା କୋଡ଼ା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀ ଲକ୍ଷ୍ମଣ ଗିଲୁଆଙ୍କୁ ୭୨ ହଜାର ଭୋଟରେ ହରାଇଥିଲେ। ହେମନ୍ତ ସୋରେନଙ୍କ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ) ସହ କଂଗ୍ରେସର ମେଣ୍ଟକୁ ନେଇ ଗୀତା ଅସନ୍ତୁଷ୍ଟ ଥିଲେ।

## ଜ୍ଞାନବାପିରେ ପୂଜା ବନ୍ଦକୁ ହାଇକୋର୍ଟଙ୍କ ନା

ପ୍ରୟାଗରାଜ, ୨୬ ।୨(ଏଜେନ୍ସି): ଜ୍ଞାନବାପିର ବ୍ୟାସ ତହଖାନାରେ ହିନ୍ଦୁଙ୍କ ପୂଜା ଜାରି ରହିବ। ଏହା ଉପରେ କଟକଣା ଲଗାଇବାକୁ ଆହ୍ଲାବାଦ ହାଇକୋର୍ଟ ମନା କରି ଦେଇଛନ୍ତି। ଏଥିରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ ବୋଲି କହିଛନ୍ତି। ଏହା ସହିତ ଜ୍ଞାନବାପି ପରିଚାଳନା କମିଟି ଅଞ୍ଜୁମନ୍ ଇନ୍ତେଜାମିଆ ମସଜିଦ(ଏଆଇଏମ) କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ରାଜ୍ୟ ସରକାର ୧୯୯୩ରୁ ବ୍ୟାସ ପରିବାର ଏବଂ ଶ୍ରଦ୍ଧାଳୁଙ୍କୁ ପୂଜା କରିବାକୁ ଦେଉ ନ ଥିଲେ। ସରକାର କ୍ରମାଗତ ଭାବେ ଭୁଲ୍ କରିଆସିଛନ୍ତି। ତହଖାନାରେ ପୂଜାପାଠ ବନ୍ଦ କରିବା ଶ୍ରଦ୍ଧାଳୁଙ୍କ ସ୍ୱାର୍ଥ ବିରୋଧୀ। ୧୯୯୩ର ପୂଜା ବନ୍ଦ ପଦକ୍ଷେପ ବେଆଇନ ଥିଲା।

## ମରିୟମ ନୱାଜ ପଞ୍ଜାବର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ

ଇସଲାମାବାଦ,୨୬।୨(ଏଜେନ୍ସି): ପାକିସ୍ତାନ ପଞ୍ଜାବ ପ୍ରଦେଶର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହୋଇଛନ୍ତି ପିଏଲଏମ-ଏନ ନେତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ଝିଅ ମରିୟମ ନୱାଜ। ସେ ସୋମବାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ସହିତ ପଞ୍ଜାବ ଭଳି ପାକିସ୍ତାନର ଏକ ପ୍ରମୁଖ ପ୍ରଦେଶର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହୋଇ ନୂଆ ରେକର୍ଡ କରିଛନ୍ତି। ୫୦ ବର୍ଷୀୟା ମରିୟମ ପଞ୍ଜାବ ପ୍ରାଦେଶିକ ନିର୍ବାଚନରେ ୨୨୦ ଭୋଟ୍ ପାଇଥିଲେ।

# ଦିନକରେ ଉତ୍ସର୍ଗ ହେଲା ୨୦୦୦ ରେଳ ପ୍ରକଳ୍ପ

ନୂଆଦିଲ୍ଲୀ, ୨୬ ।୨(ଏଜେନ୍ସି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ୪୧ହଜାର କୋଟି ଟଙ୍କର ୨୦୦୦ଟି ରେଳ ଇନଫ୍ରା ପ୍ରକଳ୍ପର ଭର୍ଚୁଆଲ ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏକ ଭିଡିଓ କନଫରେନ୍ସ ସମ୍ବୋଧନରେ ମୋଦୀ କହିଛନ୍ତି, 'ଭାରତ ଏବେ ବଡ଼ ସ୍ୱପ୍ନ ଦେଖୁଛି ଓ ତାକୁ ଯେତେ ଶୀଘ୍ର ସମ୍ଭବ ସାକାର କରୁଛି। ବହୁତ ବଡ଼ ସଂଖ୍ୟାରେ ବହୁତ ବଡ଼ ଧରଣର ପ୍ରକଳ୍ପଗୁଡ଼ିକର ଯେପରି କ୍ଷୀପ୍ରତାର ସହ କାର୍ଯ୍ୟାନ୍ୱୟନ ହେଉଛି ତାହା ସମସ୍ତଙ୍କୁ ବିସ୍ମିତ କରୁଛି। ଏହା ହେଉଛି ନୂଆ ଭାରତର କର୍ମ ସଂସ୍କୃତିର ପ୍ରତୀକ।' ଆଜି ରେଳବାଇର ଯେଉଁସବୁ ନିର୍ମାଣ(ଇନଫ୍ରା) ପ୍ରକଳ୍ପ ଉଦଘାଟିତ ଓ ଶିଳାନ୍ୟାସ ହେଲା ସେଥିରେ ଅନ୍ତର୍ଭୁକ୍ତ ରହିଛି ୧୫୦୦ ରୋଡ ଓଭରବ୍ରିଜ ଓ ଅଣ୍ଡର ପାସ୍ ସମେତ ଅମୃତ ଭାରତ ଷ୍ଟେସନ ସ୍କିମ ଅଧୀନରେ ୫୫୩ଟି ରେଳ ଷ୍ଟେସନର ପୁନଃବିକାଶ ଓ ଆଧୁନିକୀକରଣ।




## ମନ୍ତ୍ରିମଣ୍ଡଳ ସହ ପାଲେଷ୍ଟାଇନ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

ୱେଷ୍ଟବ୍ୟାଙ୍କ, ୨୬।୨ (ଏଜେନ୍ସି): ପାଲେଷ୍ଟାଇନ ପ୍ରଧାନମନ୍ତ୍ରୀ ମହମ୍ମଦ ସାତାୟେହ ନିଜ ମନ୍ତ୍ରିମଣ୍ଡଳ ସହ ଇସ୍ତଫା ଦେଇଛନ୍ତି। ସେ ହିଂସାକୁ ଦେଖି ଇସ୍ତଫା ଦେଇଥିବା କହିଛନ୍ତି। ଇସ୍ତଫା ପତ୍ରକୁ ସେ ରାଷ୍ଟ୍ରପତି ମହମ୍ମୁଦ ଅବାସଙ୍କୁ ପଠାଇ ଦେଇଛନ୍ତି। ଏବେ ରାଷ୍ଟ୍ରପତି ଏହା ଉପରେ ଅନ୍ତିମ ନିଷ୍ପତ୍ତି ନେବେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପାଲେଷ୍ଟିନୀୟ ନାଗରିକ ଗାଜା ଷ୍ଟ୍ରିପ୍‌ରେ ଭୋକରେ ଆଉଟପାଉଟୁ ହେଉଛନ୍ତି। ଏଠାରେ ଇସ୍ରାଏଲ ଆକ୍ରମଣ ଜାରି ରଖିଛି। ୱେଷ୍ଟ ବ୍ୟାଙ୍କ ଏବଂ ଜେରୁଜେଲମରେ ମଧ୍ୟ ହିଂସା ବଢ଼ି ଚାଲିଛି। ଏହାକୁ ଦେଖି ସେ ଇସ୍ତଫା ଦେଇଛନ୍ତି। ନୂଆ ରାଜନୈତିକ ମେଣ୍ଟ ବନାଇବାକୁ ଆମେରିକା ରାଷ୍ଟ୍ରପତିଙ୍କ ଉପରେ ଚାପ ପକାଉଥିବାବେଳେ ପ୍ରଧାନମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି।

## ଆରବ ଦେଶରେ 'ଆର୍ଟିକିଲ୍ ୩୭୦' ନିଷିଦ୍ଧ

ମୁମ୍ବାଇ, ୨୬।୨ (ଏଜେନ୍ସି): ୟାମୀ ଗୌତମଙ୍କ ଅଭିନୀତ ଚଳଚ୍ଚିତ୍ର 'ଆର୍ଟିକିଲ ୩୭୦'କୁ ଗଲ୍ଫ ଦେଶରେ ନିଷିଦ୍ଧ କରିଦିଆଯାଇଛି। ଏହା ପୂର୍ବରୁ ରିତିକ ରୋଶନ ଏବଂ ଦୀପିକା ପାଦୁକୋନଙ୍କ ଅଭିନୀତ 'ଫାଇଟର'କୁ ୟୁଏଇକୁ ଛାଡ଼ି ଅନ୍ୟ ସମସ୍ତ ଆରବ ଦେଶ ନିଷିଦ୍ଧ କରି ଦେଇଥିଲେ। ଆଦିତ୍ୟ ସୁହାସ ଜାମଭଲେଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଆର୍ଟିକିଲ ୩୭୦'ରେ ରାଜନୈତିକ ପ୍ରସଙ୍ଗକୁ ଦେଖାଯାଇଛି। ଏହି ଫିଲ୍ମ ଜମ୍ମୁ-କାଶ୍ମୀରକୁ ମିଳିଥିବା ସ୍ୱତନ୍ତ୍ର ମାନ୍ୟତାକୁ ରଦ୍ଦ କରିବା ନେଇ ପିଏମଓର ନିଷ୍ପତ୍ତି ଉପରେ ଆଧାରିତ। ଏଥିରେ ଏପରି ଅନେକ ପ୍ରସଙ୍ଗ ଦେଖାଯାଇଛି ଯାହା ଲୋକ ଜାଣିନାହାନ୍ତି। ଫିଲ୍ମ ଭଲ ବ୍ୟବସାୟ କରୁଥିବାବେଳେ ବାହାରିନ, କୁଏତ, ଇରାକ, ଓମାନ, କାତାର, ସାଉଦି ଆରବ ଏବଂ ୟୁଏଇ ଏହାକୁ ନିଷିଦ୍ଧ କରିଦେଇଛନ୍ତି।

● ସନ୍ଦେଶଖାଲି ମାମଲାରେ ପଶ୍ଚିମବଙ୍ଗ ସରକାରଙ୍କୁ ପୁଣି ହାଇକୋର୍ଟଙ୍କ ଭର୍ତ୍ସନା

# ମୁଖ୍ୟ ଅଭିଯୁକ୍ତକୁ ତୁରନ୍ତ ଗିରଫ କର

କୋଲକାତା,୨୬।୨(ଏଜେନ୍ସି)

ପଶ୍ଚିମବଙ୍ଗ ସନ୍ଦେଶଖାଲି ମାମଲାକୁ ନେଇ କୋଲକାତା ହାଇକୋର୍ଟ ପୁଣିଥରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ମହିଳାଙ୍କୁ ଯୌନ ନିର୍ଯ୍ୟାତନା ଏବଂ ଜମି ହଡପ କରିବା ମାମଲାରେ ମୁଖ୍ୟ ଅଭିଯୁକ୍ତ ତଥା ସ୍ଥାନୀୟ ଟିଏମସି ନେତା ଶେଖ ଶାହାଜାହାନକୁ ଗିରଫ କରିବାକୁ ନେଇ ପୂର୍ବରୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଥିଲା ବେଳେ ତାକୁ ଏବେ ସୁଦ୍ଧା ପୁଲିସ କାହିଁକି ଗିରଫ କରିପାରି ନାହିଁ ବୋଲି ହାଇକୋର୍ଟ ସୋମବାର ପ୍ରଶ୍ନ ଉଠାଇଛନ୍ତି। ଶେଖ ଶାହାଜାହାନକୁ ଗିରଫ କରିବା ନେଇ କୋର୍ଟ ପ୍ରତିବନ୍ଧକ ରହିଛି ବୋଲି କଥା ଉଠିବା ପରେ ଏହାକୁ ହାଇକୋର୍ଟ ନିଜ ଆଡୁ ଶୁଣାଣି କରି ଗିରଫ ପାଇଁ କୌଣସି ପ୍ରତିବନ୍ଧକ ନାହିଁ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଶାହାଜାହାନକୁ ଇଡି ଗିରଫ କରିପାରି ନଥିଲା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ତା ' ବିରୋଧରେ ମାମଲା ରୁଜୁ କରାଯାଇଥିଲା ବୋଲି ଗତକାଲି ଟିଏମସି ନେତା ଅଭିଷେକ ବାନାର୍ଜୀ କହିଥିଲେ। ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଯାଞ୍ଚ ଟିମ୍ ମଧ୍ୟ ଗଠନ କରାଯାଇଥିଲା। କିନ୍ତୁ ସ୍ଥାନୀୟ କୋର୍ଟ ପୁଲିସ ପକ୍ଷରୁ କରାଯାଇଥିବା ଏତଲା ଉପରେ ସ୍ଥଗିତାଦେଶ ଦେଇଥିଲେ ବୋଲି ଅଭିଷେକ ଗତକାଲି କହିଥିଲେ। ଏହି ବିଷୟକୁ ସ୍ପଷ୍ଟ କରିବାକୁ ସୋମବାର କୋର୍ଟ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ହାଇକୋର୍ଟରେ ପ୍ରଶ୍ନ ଉଠାଇଥିଲା ବେଳେ ହାଇକୋର୍ଟ ଏହାକୁ ରୋକ୍‌ଠୋକ୍ ମନା କରିଦେଇଥିଲେ। ଶାହାଜାହାନକୁ ଗିରଫ କରିବା ନେଇ କୌଣସି ପ୍ରତିବନ୍ଧକ ନାହିଁ ଏବଂ ପୁଲିସ ଆଜି ପର୍ଯ୍ୟନ୍ତ କ'ଣ କରୁଛି ବୋଲି ଓଲଟା ପ୍ରଶ୍ନ କରିଥିଲେ। ତାକୁ ପୁଲିସ ତୁରନ୍ତ ଗିରଫ କରିବା ଦରକାର ବୋଲି ମଧ୍ୟ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ତାଗିଦ କରି କହିଥିଲେ। ଆମିକସ୍ କ୍ୟୁରି କହିଥିଲେ ଯେ, ସ୍ଥିତି ପରଖିବା ପାଇଁ ଯାଉଥିବା ଲୋକମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ ଗିରଫ କରାଯାଉଥିବା ବେଳେ ଅନ୍ୟ କିଛି ଲୋକଙ୍କ ବେକରେ ଫୁଲମାଳ ପିନ୍ଧାଯାଉଛି। ତେଣୁ ସନ୍ଦେଶଖାଲି ଘଟଣାର ଯାଞ୍ଚ ପାଇଁ ହାଇକୋର୍ଟ ଏକ ସ୍ୱତନ୍ତ୍ର କମିଟି ଗଠନ କରନ୍ତୁ ବୋଲି ସେ ଦାବି କରିଥିଲେ। ଏହା କରିବାକୁ ହାଇକୋର୍ଟ ସହମତ ହୋଇଥିଲେ ହେଁ ୪ ବର୍ଷ ତଳର ଘଟଣାକୁ ନେଇ ରାଜ୍ୟ ପୁଲିସ କାହିଁକି ନିରବ ରହିଥିଲା ବୋଲି ପ୍ରଶ୍ନ କରିଥିଲେ। ଏହି ଘଟଣାକୁ ନେଇ ୪ ବର୍ଷ ତଳେ ଏତଲା ଦାଏର ହୋଇଥିବା ବେଳେ ଚାର୍ଜସିଟ୍ ପ୍ରସ୍ତୁତ କରିବାକୁ କ'ଣ ୪ ବର୍ଷ ଲାଗୁଛି କି ବୋଲି ହାଇକୋର୍ଟ ପ୍ରଶ୍ନ କରିଥିଲେ। ଶାହାଜାହାନକୁ ଗିରଫ କରାଯିବା ପରେ ଇଡି, ସିବିଆଇ, ରାଜ୍ୟ ଗୃହ ସଚିବ ଏବଂ ପୁଲିସ ସମସ୍ତେ କୋର୍ଟରେ ଉପସ୍ଥିତ ରହିବେ ବୋଲି ହାଇକୋର୍ଟ କହିଥିଲେ। ହାଇକୋର୍ଟଙ୍କ ଏଭଳି ପ୍ରଶ୍ନ ବାଣର କିଛି ଘଣ୍ଟା ପରେ ଶାହାଜାହାନକୁ ୭ ଦିନ ମଧ୍ୟରେ ଗିରଫ କରାଯିବ ବୋଲି ଟିଏମସି ନେତା କୁନାଲ ଘୋଷ କହିଛନ୍ତି।

# ମଇଳା ପୋଷାକ ପିନ୍ଧିଥିବାରୁ ଚାଷୀଙ୍କୁ ମେଟ୍ରୋରେ ଯିବାକୁ ଦେଲେନି

ବେଙ୍ଗାଲୁରୁ, ୨୬।୨ (ଏଜେନ୍ସି)

ବେଙ୍ଗାଲୁରୁ ମେଟ୍ରୋ ଷ୍ଟେସନରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। ବେଶଭୂଷା ପରିବର୍ତ୍ତେ ବ୍ୟକ୍ତିତ୍ୱକୁ ପ୍ରାଧାନ୍ୟ ଦିଆଯାଉଥିବା ଦେଶରେ ମଇଳା ପୋଷାକ ପିନ୍ଧିଥିବା ଜଣେ ଗରିବ ଚାଷୀଙ୍କୁ ମେଟ୍ରୋରେ ଚଢ଼ିବାକୁ ଦିଆଯାଇ ନାହିଁ। ଜଣେ ଅଧିକାରୀ ତାଙ୍କୁ ଅଟକାଇ ଦେଇଛନ୍ତି। ଏଭଳି ଘଟଣା ବେଙ୍ଗାଲୁରୁ ରାଜାଜୀନଗର ମେଟ୍ରୋ ଷ୍ଟେସନରେ ଦେଖିବାକୁ ମିଳିଛି। ଏହାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳୁଛି ଯେ ଜଣେ ବୃଦ୍ଧ ଚାଷୀ ବ୍ୟାଗ୍ ଚେକିଂ ପଏଣ୍ଟରେ ଛିଡ଼ା ହୋଇଛନ୍ତି। ସେ ମୁଣ୍ଡରେ ଏକ ବସ୍ତା ମୁଣ୍ଡାଇଛନ୍ତି। ଟିକଟ ଥିବା ସତ୍ତ୍ୱେ ଅଧିକାରୀ ତାଙ୍କୁ ଅଟକାଇ ରଖିଛନ୍ତି। ଏହି ସମୟରେ ଜଣେ ଯାତ୍ରୀ ଚାଷୀଙ୍କ ସପକ୍ଷରେ ଆସି ଅଧିକାରୀଙ୍କୁ ପ୍ରଶ୍ନ କରୁଛନ୍ତି। ମେଟ୍ରୋରେ ଯିବା ପାଇଁ କ'ଣ ୟୁନିଫର୍ମ ଅଛି କି? କେବଳ ଭିଆଇପି ଯାତ୍ରୀ ମେଟ୍ରୋରେ ଯାତ୍ରା କରିପାରିବେ କି? ବସ୍ତା ନେଇ ହେବନି କି ବୋଲି ପଚାରିଛନ୍ତି। ଅନ୍ୟମାନେ



ସେହି ଯାତ୍ରୀ ହିଁ ଏହି ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ଭିଡିଓର ଯାଞ୍ଚ ପରେ ବେଙ୍ଗାଲୁରୁ ମେଟ୍ରୋ ରେଳ କର୍ପୋରେସନ ଲିମିଟେଡ (ବିଏମଆରସିଏଲ) ଚାଷୀଙ୍କୁ ଅଟକାଇଥିବା ସିକ୍ୟୁରିଟି ସୁପରଭାଇଜରଙ୍କୁ ବରଖାସ୍ତ କରିଦେଇଛନ୍ତି।

## ସଂପାଦକୀୟ

ରାଜନୈତିକ ହେଉ ଅବା ଧାର୍ମିକ, ଆଦର୍ଶବାଦ ଏକ ନିର୍ବୋଧତା; କାରଣ ଏହା ଅନମନୀୟ ଚିନ୍ତାଧାରା ପ୍ରସୂତ। ଦୁର୍ଭାଗ୍ୟବଶତଃ ଏଭଳି ଅବଧାରଣା ମାନବ ସମାଜକୁ ଭାଗଭାଗ କରିଦେଇଛି ! -ଜୀଦ୍ଦୁ କୃଷ୍ଣମୂର୍ତ୍ତି



ସକାଳ
THE SAKALA

# ସରୋଗେସୀ ଆଇନର ସଂଶୋଧନ ସ୍ୱାଗତଯୋଗ୍ୟ

ପ୍ରାକୃତିକ ବିଜ୍ଞାନରେ ବେଳେବେଳେ ବ୍ୟତିକ୍ରମ ଦେଖାଦିଏ, ଯାହା ସ୍ୱାଭାବିକତାକୁ ଅସ୍ୱାଭାବିକ କରିଥାଏ। ଏହାର କାରଣ ସୃଷ୍ଟିଜନିତ ତ୍ରୁଟି କିମ୍ବା ପରବର୍ତ୍ତୀ ସମୟର ଅର୍ଜିତ ଅସ୍ୱାଭାବିକତା ହୋଇପାରେ। ଏଭଳି ବ୍ୟତିକ୍ରମ ଜୀବଜଗତରେ ଅନେକ ଦେଖାଯାଏ। ବନ୍ଧ୍ୟାତ୍ୱ, ପୌରୁଷହାନି, କନ୍ୟାମାନେ ରଜସ୍ୱଳା ନ ହେବା କିମ୍ବା ଗର୍ଭଧାରଣ କରିବାକୁ ଅସମର୍ଥ ହେବା ଭଳି ବ୍ୟତିକ୍ରମ ମଣିଷଠାରେ ମଧ୍ୟ ଦେଖାଯାଏ। ବିଜ୍ଞାନ ଏହାର ପ୍ରତିକାର କାମରେ ନିରନ୍ତର ଲାଗିଛି ଏବଂ ଏଥିରେ ଅନେକ ସଫଳତା ମଧ୍ୟ ମିଳିଲାଣି। ସନ୍ତାନ ସମ୍ଭବ ହେବା ଓ ଗର୍ଭଧାରଣ କରିବା ପ୍ରତ୍ୟେକ ମହିଳାଙ୍କର ଏକାନ୍ତ ସ୍ୱାଭାବିକ ଇଚ୍ଛା। ହେଲେ ପ୍ରାକୃତିକ କାରଣରୁ ଅନେକ ମହିଳା ନିଜ ଗର୍ଭାଶୟରେ ନିଜ ସନ୍ତାନଙ୍କୁ ଧାରଣ କରିବାକୁ ଅସମର୍ଥ ହୁଅନ୍ତି। ବେଶ୍ କିଛି ବର୍ଷ ତଳେ ଏହି ସମସ୍ୟାର ସମାଧାନ ବିଜ୍ଞାନ କରିଥିଲା ଟେଷ୍ଟଟ୍ୟୁବ୍ ବେବି (ନବଜାତ ଶିଶୁ) ଜନ୍ମ ଦେବାର ବ୍ୟବସ୍ଥା କରି। ଏହି ପଦ୍ଧତିରେ ସ୍ୱାମୀ-ସ୍ତ୍ରୀଙ୍କ ଯଥାକ୍ରମେ ଶୁକ୍ରାଣୁ ଓ ଡିମ୍ବାଣୁକୁ ପରୀକ୍ଷାଗାରର ଟେଷ୍ଟଟ୍ୟୁବ୍‌ରେ ମିଳନ କରାଇ ଭ୍ରୂଣସଞ୍ଚାର କରିବା ସହ ତାହାକୁ ବିକଶିତ କରାଯାଇଥିଲା।

ନିରନ୍ତର ଚାଲିଥିବା ବୈଜ୍ଞାନିକ ଅନୁସନ୍ଧାନ ଓ ପରୀକ୍ଷାନିରୀକ୍ଷା ଏ କ୍ଷେତ୍ରରେ ଆଉ ପାଦେ ଆଗେଇଛି କେବେଠାରୁ। ଏବେ ଆଉ ଟେଷ୍ଟଟ୍ୟୁବ୍ ନୁହେଁ, ସନ୍ତାନ ଧାରଣ କରିବାକୁ ଅକ୍ଷମ ମହିଳା ଓ ତାଙ୍କ ସ୍ୱାମୀଙ୍କ ଡିମ୍ବାଣୁ ଓ ଶୁକ୍ରାଣୁକୁ ମିଳନ କରାଇ ଅନ୍ୟଜଣେ ମହିଳାଙ୍କ ଗର୍ଭାଶୟରେ ସେହି ଭାବିଭ୍ରୂଣକୁ ବଢ଼ିବାକୁ ଦିଆଯାଉଛି। ଭ୍ରୂଣଟି ସେହି ଗର୍ଭ ପ୍ରଦାନକାରୀ (ସେରୋଗେଟ) ମହିଳାଙ୍କ ପେଟରେ ବଢ଼ି ପୂର୍ଣ୍ଣାଙ୍ଗ ହେବା ପରେ ଜନ୍ମଲାଭ କରୁଛି। ଏହାକୁ କେତେକ ଭଡ଼ାଗର୍ଭ ବା ରେଣ୍ଟେଡ୍ ଉମ୍ବ କହୁଛନ୍ତି। ଏଭଳି କହିବା କିନ୍ତୁ ଅନୁଚିତ। ବିଦେଶରେ କେତେକ ମହିଳା ଅବଶ୍ୟ ବ୍ୟାବସାୟିକ ଭାବରେ ଏହି କାମ କରୁଛନ୍ତି ଏବଂ ସ୍ଥଳବିଶେଷରେ ସରୋଗେଟ୍ ମଦର ନ ମିଳିଲେ ସମ୍ପୃକ୍ତ ଦମ୍ପତିଙ୍କ ପରିବାରର କୌଣସି ଜଣେ ମହିଳା ଏହି କାମ ପାଇଁ ଆଗେଇ ଆସିବାର ନିୟମ ରହିଛି। ପ୍ରାକୃତିକ ବା ସ୍ୱାଭାବିକତାରେ ଯେତେବେଳେ ବ୍ୟତିକ୍ରମ ଆସେ ସେତେବେଳେ ଅଦେଖା କଥା ଦେଖିବାକୁ ପଡ଼େ। ବିଜ୍ଞାନ କିନ୍ତୁ ତାହାକୁ ଏକ ନୂତନ ବିକଳ୍ପ ଓ ବାସ୍ତବତା ପ୍ରଦାନ କରୁଛି। ସନ୍ତାନ ଆଶାୟୀ ଦମ୍ପତିମାନେ ଏହି ଉପାୟରେ ପିଲାଟିଏ ପାଇଲେ ସତରେ ଯେ କେତେ ଖୁସି ହେଉ ନଥିବେ, ସେ କଥା କେବଳ ଅନୁଭବୀ ହିଁ ଜାଣି ପାରିବେ। ନିଜର ରକ୍ତକୁ ଅନ୍ୟ ଗର୍ଭ ମାଧ୍ୟମରେ ଭୂମିଷ୍ଠ କରାଇବାର ଆନନ୍ଦ ଅବଶ୍ୟ ନିଆରା। ଏହାଫଳରେ ପୋଷ୍ୟ ସନ୍ତାନ ଗ୍ରହଣର ଆବଶ୍ୟକତା ପଡ଼େନାହିଁ। ଭାରତ ଏକ ରକ୍ଷଣଶୀଳ ସମାଜ। ଏଠାରେ ସମାଜ ଓ ପରିବାର ପରିବର୍ତ୍ତନ ତଥା ନୂତନତ୍ୱକୁ ସହଜରେ ଗ୍ରହଣ କରେ ନାହିଁ। ତେବେ ଶିକ୍ଷା ଓ ସଚେତନତା ବୃଦ୍ଧି ଫଳରେ ଏ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆସିଛି।

ଏବେ ଭାରତ ସରକାର ସରୋଗେସୀ ଆଇନରେ ସଂଶୋଧନ କରିଛନ୍ତି। ଏହାଫଳରେ ଜଟିଳ ସ୍ୱାସ୍ଥ୍ୟଗତ ସ୍ଥିତିର ସମ୍ମୁଖୀନ ଦମ୍ପତି ବିଶେଷ ଉପକୃତ ହୋଇପାରିବେ। ଯେଉଁ ଦମ୍ପତି ପ୍ରଜନନହୀନତା ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେମାନଙ୍କ ପାଇଁ ଆଶାର କିରଣ ସୃଷ୍ଟି ହୋଇଛି। ସଂଶୋଧିତ ଆଇନରେ କେନ୍ଦ୍ର ସରକାର ଡୋନର ଗ୍ୟାମେଟ୍ ଯଥା ଓଭା କିମ୍ବା ଏଗ୍‌ସେଲ୍‌ଫ ଅଥବା ସ୍ପର୍ମ ଦାନକୁ ଅନୁମତି ଦେଇଛନ୍ତି। ସରଳଭାଷାରେ ଦମ୍ପତିଙ୍କ ମଧ୍ୟରୁ ଜଣେ କେହି ଯଦି ଚିକିତ୍ସା / ସ୍ୱାସ୍ଥ୍ୟଗତ କାରଣରୁ ନିଜର ଗ୍ୟାମେଟ୍ସ ବ୍ୟବହାର କରିବାକୁ ଅକ୍ଷମ ଏବଂ ଏଥିପାଇଁ ଚିକିତ୍ସକ ସାର୍ଟିଫିକେଟ୍ ଦେଇଥିବେ, ସେଭଳି ସ୍ଥଳେ ସେ ଅନ୍ୟର ଗ୍ୟାମେଟ ଯଥା ଗର୍ଭାଶୟ, ଶୁକ୍ରାଣୁ, ଡିମ୍ବାଣୁ ଆଦି ବ୍ୟବହାର କରିପାରିବେ। ଗ୍ୟାମେଟ୍ସର ଅର୍ଥ ହେଲା ପ୍ରାଣୀ ବା ବୃକ୍ଷଲତାଙ୍କ ପ୍ରଜନନକ୍ଷମ କୋଷ। ଜୀବଜଗତରେ ମହିଳାଙ୍କ ଗ୍ୟାମେଟ୍ସରେ ଓଭା ଓ ଏଗ୍‌ସେଲ୍‌ଫ ଏବଂ ପୁରୁଷଙ୍କ କ୍ଷେତ୍ରରେ ଔରସ ବା ଧାତୁ ଅନ୍ତର୍ଭୁକ୍ତ।

ଆହୁରି ମଧ୍ୟ ୨୦୨୨ର ସରୋଗେସୀ ଆଇନରେ ହୋଇଥିବା ସଂଶୋଧନ ଅନୁସାରେ ଏଣିକି ଅକ୍ଷମତା ଯୋଗୁଁ ଉଭୟ ଦମ୍ପତିଙ୍କ ପାଇଁ ଆଗ୍ରହୀ ପତିପତ୍ନୀଙ୍କ ଠାରୁ 'ଗେମେଟ୍ସ' ଆସିବାର ଆବଶ୍ୟକତା ବାଧ୍ୟତାମୂଳକ ନୁହେଁ। ଡାକ୍ତରୀ ବୋର୍ଡର ପରାମର୍ଶକ୍ରମେ ଦମ୍ପତି ସ୍ଥଳବିଶେଷରେ ଅନ୍ୟଠାରୁ ଗେମେଟ ଆଣି ବ୍ୟବହାର କରିପାରିବେ, ଯାହା ଡୋନର ଗେମେଟ ଭାବେ ପରିଚିତ। ଏହି ଡୋନର ବା ଦାନରେ ଆଣିଥିବା ଗେମେଟ୍ସକୁ ଅନ୍ୟ ମହିଳାଙ୍କ ଗର୍ଭରେ ରୋପଣ କରି ସନ୍ତାନ ସୃଷ୍ଟି କରାଯାଇ ପାରିବ।

ବାସ୍ତବରେ ଏହା ଏକ ସ୍ୱାଗତଯୋଗ୍ୟ ବ୍ୟବସ୍ଥା। କାରଣ ଆଗରୁ ବୟସ୍କ ମହିଳା ସନ୍ତାନ ସୃଷ୍ଟି ପାଇଁ ଉତ୍ତମମାନର ଡିମ୍ବାଣୁ ଯୋଗାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ସେ ସମସ୍ୟା ରହିବ ନାହିଁ। ସେମାନେ ଯୁବା ମହିଳାଙ୍କଠାରୁ ଡିମ୍ବାଣୁ ଦାନରେ ଗ୍ରହଣ କରିପାରିବେ। ସ୍ୱାଭାବିକ ଭାବେ ଚିକିତ୍ସକମାନେ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ପରିଣତ ବୟସରେ ଜଣେ ମହିଳା ମଧ୍ୟ ସରୋଗେସୀ ମାଧ୍ୟମରେ ମା' ହୋଇପାରିବେ। ଏ ସମ୍ପର୍କରେ ପ୍ରକାଶିତ ସରକାରୀ ବିଜ୍ଞପ୍ତିରେ କୁହାଯାଇଛି ଯେ କେବଳ ଇଚ୍ଛୁକ ଦମ୍ପତିଙ୍କଠାରୁ ଡିମ୍ବାଣୁ ଓ ଶୁକ୍ରାଣୁ ଆସିପାରିବ। ଆଗରୁ ଡିମ୍ବାଣୁ ଦାନକୁ ଅନୁମତି ଦିଆଯାଇଥିଲା, ଧାତୁ ବା ସ୍ପର୍ମ ଦାନ ପାଇଁ ଅନୁମତି ମିଳୁନଥିଲା।

ଏମ୍‌ଆରକେଏଚ୍ ଭଳି ଜଟିଳ ବନ୍ଧ୍ୟାଜନିତ ରୋଗରେ ପୀଡ଼ିତ ମହିଳା ଏଥିପାଇଁ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହା ଏକ ଜନ୍ମଗତ ରୋଗ ହୋଇଥିବାରୁ ସେମାନଙ୍କର ପ୍ରଜନନ ଶକ୍ତି ବିଘ୍ନିତ ହେବା ସ୍ୱାଭାବିକ। ତେଣୁ ଡୋନର ଏଗ୍ ସହାୟତାରେ ସରୋଗେସୀରେ ଜନନୀ ହେବାକୁ ସେମାନେ ସର୍ବୋଚ୍ଚ ଅଦାଲତଙ୍କ ଅନୁମତି ଲୋଡ଼ିଥିଲେ। ଅଦାଲତ ସେମାନଙ୍କ ସପକ୍ଷରେ ରାୟ ଦେବା ପରେ ସରକାର ପୁରୁଣା ଆଇନକୁ ବଦଳାଇଛନ୍ତି। ତେବେ ଆମ ଦେଶରେ ପ୍ରଚଳିତ ପରମ୍ପରା, ସାମାଜିକ ରୀତି ନୀତି ଦୃଷ୍ଟିରୁ ଏହି ସଂଶୋଧନରେ ସରକାର କିଛି କଟକଣା ରଖିଛନ୍ତି। ନୂଆ ଆଇନ ଏକାକୀ ରହୁଥିବା କିମ୍ବା ଅବିବାହିତ ମହିଳାଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ। ତେବେ ବିଧବା ବା ବିବାହ ବିଚ୍ଛେଦ ହୋଇଥିବା ମହିଳାଙ୍କ ପାଇଁ କିଛି ସୁବିଧା ନୂଆ ନିୟମରେ ରହିଛି। ସେମାନେ ଚାହିଁଲେ ସରୋଗେସୀ ବ୍ୟବସ୍ଥାରେ ନିଜର ଡିମ୍ବାଣୁ ଓ ଦାତାଙ୍କର ସ୍ପର୍ମ (ଧାତୁ) ବ୍ୟବହାର କରି ସନ୍ତାନବତୀ ହୋଇପାରିବେ। ସଂଶୋଧନ ଦ୍ୱାରା ଏହି ଆଇନ ଅଧିକ ମହିଳାଙ୍କ ଭଲ କାମରେ ଲାଗିପାରିବ ଏବଂ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

# ନୂତନ ବିଶ୍ୱ ନିର୍ମାଣରେ ଭାରତର ଭୂମିକା



ବିଲ୍ ଗେଟ୍ସ

ମୁଁ ଏହି ସପ୍ତାହରେ ଭାରତ ଗସ୍ତରେ ଯାଉଛି। ଏହାପୂର୍ବରୁ, ୧୯୯୦ ଦଶକରୁ ମୁଁ ଅନେକଥର ଭାରତ ଭ୍ରମଣରେ ଯାଇଛି। ବର୍ଷ ବର୍ଷ ଧରି ମୁଁ ସେହି ଦେଶର ସମୃଦ୍ଧ ଇତିହାସ ବିଷୟରେ ଜାଣିବାକୁ ଚେଷ୍ଟା କରିଛି। ବିଗତ ପରିଭ୍ରମଣ ସମୟରେ ତାଜମହଲ ସମେତ ଭାରତର ଆଉ କେତେକ ଚମତ୍କାର ସ୍ମାରକୀ ପରିଦର୍ଶନ କରିଥିଲି। କିନ୍ତୁ ଯେତେବେଳେ ମୁଁ ନୂତନ ବିଶ୍ୱ ନିର୍ମାଣରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଚିନ୍ତା କରୁଛି, ସେତେବେଳେ ଯାହା ପ୍ରଥମେ ମନକୁ ଆସୁଛି, ତାହା ହେଲା ବିଶ୍ୱକୁ ଭାରତର ଅନୁପମ ଉପହାର, ଏହାର ନୂତନ ଜ୍ଞାନକୌଶଳ ଉଦ୍ଭାବନ କରିବାର କ୍ଷମତା!

ଏହି ଦେଶରେ ଗୁରୁତ୍ୱପୂର୍ଣ୍ଣ ସଫଳତାର ଦୀର୍ଘ ଇତିହାସ ରହିଛି। ପ୍ରାଚୀନ ଭାରତର ଗଣିତଜ୍ଞମାନେ ସଂଖ୍ୟାବିଜ୍ଞାନ ପାଇଁ ଦଶମିକ ପ୍ରଣାଳୀ ପ୍ରବର୍ତ୍ତନ ସହିତ ବହୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି ଓ ବିଶ୍ୱ ମାନ୍ୟତା ପାଇଛନ୍ତି। ସମ୍ପ୍ରତି ଭାରତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏପରି ଅଗ୍ରଗତି କରିଛି, ଯାହା ଏହି ଦେଶ ବ୍ୟତୀତ ବିଶ୍ୱରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ରକ୍ଷା କରିପାରୁଛି। ଏହି ପ୍ରୟାସ ଦିନକୁ ଦିନ ଆହୁରି ଉନ୍ନତି ମଧ୍ୟ କରୁଛି। ଏହି ପ୍ରୟାସରେ "ଗେଟ୍ସ ଫାଉଣ୍ଡେସନ" ଏକ ଅଂଶୀଦାର ହୋଇଛି। ଅବହେଳିତ ବର୍ଗଙ୍କ ନିକଟରେ ଭାରତର ଏହି ପ୍ରୟାସ କିପରି ଅଧିକରୁ ଅଧିକ ପହଞ୍ଚିପାରିବ ସେହି କ୍ଷେତ୍ରରେ ଚିନ୍ତାଧାରା ଓ କାର୍ଯ୍ୟଧାରାକୁ ଆହୁରି ଅଧିକ ବିକଶିତ କରିବା ପାଇଁ ଆମେ କିପରି ଭାରତକୁ ସହଯୋଗ କରିପାରିବୁ ସେହି ଉଦ୍ଦେଶ୍ୟରେ ମୁଁ ଏଥର ଭାରତ ଭ୍ରମଣରେ ଯାଉଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ମୋର ସାକ୍ଷାତ ଆଲୋଚନା ବେଳେ ଏହା ଏକ ମୁଖ୍ୟ ପ୍ରସଙ୍ଗ ହେବ।

ସ୍ୱାସ୍ଥ୍ୟସେବା ହେଉଛି ଏପରି ଏକ କ୍ଷେତ୍ର, ଯେଉଁଠାରେ ଭାରତ ବଡ଼ବଡ଼ ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମରତ। ଭାରତ ହେଉଛି ବିଶ୍ୱର ସର୍ବବୃହତ ପ୍ରତିଷେଧକ ଟିକା ଉତ୍ପାଦନକାରୀ ଦେଶ। ନିମ୍ନଆୟକାରୀ ଗରିବ ଦେଶମାନଙ୍କରେ ରହୁଥିବା ପ୍ରାୟ ୧୦୦ କୋଟି ଶିଶୁଙ୍କୁ ମାଗଣା ଟିକାକରଣ ପାଇଁ ସମର୍ପିତ ଅନୁଷ୍ଠାନ 'ଗାଭି'କୁ ଭାରତ ମୋଟ ଆବଶ୍ୟକତାର ୬୦% ଟିକା ପ୍ରଦାନ କରୁଛି। ଭାରତୀୟ କମ୍ପାନୀଗୁଡ଼ିକ ସୁଲଭ ମୂଲ୍ୟରେ ଉଚ୍ଚମାନର ଟିକା ଓ ଔଷଧ ଉତ୍ପାଦନ କରୁଛନ୍ତି। ତେଣୁ ଏଚ୍‌ଆଇଭି/ଏଡ୍ସ, ରୋଟାଭାଇରସ୍, କୋଭିଡ୍ ଇତ୍ୟାଦି ସଂକ୍ରମଣଜନିତ ରୋଗର ସୁଲଭ ଚିକିତ୍ସା କ୍ଷେତ୍ରରେ ଭାରତ ବିଶ୍ୱରେ ଅଗ୍ରଣୀ ଦେଶର ମାନ୍ୟତା ପାଇଛି। ଭାରତ ସରକାର ଟିକା ଯୋଗାଣ କ୍ଷେତ୍ରରେ ଜାତୀୟ ଚାହିଦା ପୂରଣ କରିପାରିବା ସହିତ ଅନୁନ୍ନତ ଦେଶଗୁଡ଼ିକର ଚାହିଦା ପୂରଣରେ ମଧ୍ୟ ସକ୍ଷମ ହୋଇପାରିଛି। ଏବେ ଡାକ୍ତରୀ ଉପକରଣ ଓ ନିଦାନ କ୍ଷେତ୍ରରେ ଭାରତ ଅଗ୍ରଣୀ ଭୂମିକା ନିର୍ବାହ କରିବାକୁ ଯୋଜନା କାର୍ଯ୍ୟକାରୀ କରୁଛି।

ଭାରତର ଏହି ପ୍ରଶଂସନୀୟ ଉଦ୍ୟମ ଯୋଗୁଁ ବିକାଶଶୀଳ ଦେଶଗୁଡ଼ିକ ବର୍ତ୍ତମାନ ନୂତନ ଔଷଧ ଓ ଟିକା ଖୁବ୍ ଶୀଘ୍ର ପାଇପାରୁଛନ୍ତି। ଭାରତର ଏହି ପ୍ରୟାସକୁ ବର୍ତ୍ତମାନ ଯୁଗର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସଫଳତା ଭାବରେ ମୁଁ ସ୍ଥାନିତ କରେ। ଟିକା ଓ ଔଷଧ ଯୋଗାଣ କ୍ଷେତ୍ରରେ ଉନ୍ନତି ପାଇଁ ଆମେ ବିଶ୍ୱ ସାରା ପ୍ରୟାସ କରୁଥିଲେ ମଧ୍ୟ ଅନ୍ତିମ ସୋପାନରେ ପହଞ୍ଚିପାରିନାହୁଁ। ଯେତେବେଳେ ବିକଶିତ ଦେଶରେ କୌଣସି ଟିକା କିମ୍ବା ଔଷଧ ପ୍ରସ୍ତୁତ ହେବା ସହିତ ତାହା ଯଦି ବିକାଶଶୀଳ ଓ ଅନୁନ୍ନତ ଦେଶମାନଙ୍କରେ ମଧ୍ୟ ଏକାସାଙ୍ଗରେ ଉପଲବ୍ଧ ହୋଇପାରିବ ସେତେବେଳେ ଯାଇ ଆମେ ପୂର୍ଣ୍ଣ ସଫଳତାପ୍ରାପ୍ତ ବୋଲି ପ୍ରମାଣିତ ହେବ। ଅନ୍ୟ ଏକ କ୍ଷେତ୍ର, ଯେଉଁଥିରେ ଭାରତର ଅଭିନବ ଉଦ୍ୟମକୁ ମୁଁ ପ୍ରଶଂସା କରେ, ତାହା ହେଉଛି ସର୍ବସାଧାରଣଙ୍କ ପାଇଁ ଡିଜିଟାଲ୍ ଭିତ୍ତିଭୂମି ବା ଡିପିଆଇ। ସଂକ୍ଷେପରେ, ଡିପିଆଇ ସେହି ବ୍ୟବସ୍ଥା ଓ ଉପକରଣଗୁଡ଼ିକୁ ବୁଝାଏ,



ଯାହା ବିଭିନ୍ନ ସାର୍ବଜନୀନ ସରକାରୀ ସେବା ସୁଚାରୁ ରୂପେ ପ୍ରଦାନ କରିବାରେ ସାହାଯ୍ୟ କରେ। ଭାରତର ବାୟୋମେଟ୍ରିକ୍ ପରିଚୟ କାର୍ଯ୍ୟକ୍ରମ 'ଆଧାର' ଜରିଆରେ ୧୪୦ କୋଟିରୁ ଅଧିକ ଲୋକ ଉପକୃତ ହୋଇପାରୁଛନ୍ତି। ତାହାଦ୍ୱାରା ସେମାନଙ୍କୁ ଫଟୋ କିମ୍ବା ଅନ୍ୟ କୌଣସି ପରିଚୟପତ୍ର ବିନା ସମସ୍ତ ପ୍ରକାରର ସରକାରୀ ସେବା ଯୋଜନାର ଉପକାର ମିଳିପାରୁଛି। ସେଇଭଳି ୟୁପିଆଇ ମଧ୍ୟ ଏକ ଡିଜିଟାଲ୍ ଦେୟ ବ୍ୟବସ୍ଥା, ଯାହା ଆପଣଙ୍କ ବ୍ୟବସାୟ ପ୍ରକ୍ରିୟାକୁ ସୁରକ୍ଷିତ ଓ ସୁଦୃଢ଼ କରେ। ସମ୍ପ୍ରତି ମାସକୁ ୧୨୦୦ କୋଟିରୁ ଅଧିକ କାରବାର ଏହି ୟୁପିଆଇ ମଞ୍ଚ ମାଧ୍ୟମରେ କରାଯାଉଛି। ମୋର ଏଥର ଭାରତ ଗସ୍ତ ସମୟରେ ମୁଁ ଏହି ବ୍ୟବସ୍ଥାକୁ ଆହୁରି ଭଲ ଭାବରେ ନିରୀକ୍ଷଣ କରିବି।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଗାମୀ ଭାରତ ଗସ୍ତ ସମୟରେ ମୁଁ ସେହି ଦେଶର ରାଜ୍ୟ 'ଓଡ଼ିଶା'କୁ ଯାଇ ସେଠାକାର କୃଷି ନିରୀକ୍ଷଣ କେନ୍ଦ୍ର ପରିଦର୍ଶନ କରିବି, ଯେଉଁଠାରେ ସରକାରୀ କର୍ମଚାରୀମାନେ କୃଷକମାନଙ୍କୁ ସମୟୋପଯୋଗୀ ଆଧୁନିକ ମାର୍ଗଦର୍ଶନ ଦେବା ପାଇଁ "ଡିପିଆଇ" ବ୍ୟବହାର କରୁଛନ୍ତି। 'ଆଧାର' ବ୍ୟବସ୍ଥାକୁ ମୁଁ ପୁଣି ଏଥିପାଇଁ ଧନ୍ୟବାଦ ଦେବି ଯେ ଏହାଦ୍ୱାରା ଓଡ଼ିଶାର ଏହି ନିରୀକ୍ଷଣ କେନ୍ଦ୍ରଗୁଡ଼ିକରେ ୭.୫ ନିୟୁତ ଭୂମିହୀନ କୃଷକ ଶୃଙ୍ଖଳିତ ଭାବେ ପଞ୍ଜିକୃତ ହୋଇପାରିଛନ୍ତି। ଭୂମିହୀନ କୃଷକମାନଙ୍କର କୌଣସି ଭୂମି ମାଲିକାନା ତଥ୍ୟାଧାର ନଥିଲେ ମଧ୍ୟ ସେମାନେ କେଉଁ ଫସଲ ଚାଷ କରୁଛନ୍ତି ସେ ବିଷୟରେ ଏହି ଡିଜିଟାଲ ବ୍ୟବସ୍ଥା ଦ୍ୱାରା ସରକାରୀ ଅଧିକାରୀମାନେ ଜାଣିପାରିବେ ଏବଂ ସେହି ଅନୁଯାୟୀ ଚାଷୀମାନଙ୍କ ଆବଶ୍ୟକ ମୁତାବକ ବିଭିନ୍ନ ସହାୟତା ଯୋଗାଇପାରିବେ। ଆହୁରି ମଧ୍ୟ କୃଷକମାନଙ୍କ ସହିତ ସେମାନଙ୍କର କୃଷି ସମ୍ବନ୍ଧୀୟ ସମସ୍ୟା ଓ ତା'ର ସମାଧାନ ପାଇଁ ସ୍ଥାନୀୟ ଭାଷାରେ କଥାବାର୍ତ୍ତା କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ କରାଯାଇଛି। "ଚାଟବଟ୍" ଜରିଆରେ ଆରମ୍ଭ ହୋଇଥିବା ଏହି ଯୋଜନା ମାଧ୍ୟମରେ କୃଷି ସମ୍ବନ୍ଧୀୟ ସର୍ବଶେଷ ଓ ସବିଶେଷ ସୂଚନା ପାଇବା ସହଜ ହେଉଛି। ୨୦୧୮ରୁ ଆରମ୍ଭ ହୋଇଥିବା ଏହି ସେବା ଅଧୀନସ୍ଥ କୀଟନାଶକ ପରିଚାଳନା କାର୍ଯ୍ୟକ୍ରମ ବର୍ତ୍ତମାନ ୪ ନିୟୁତରୁ ଅଧିକ ଚାଷୀଙ୍କ ନିକଟରେ ପହଞ୍ଚି ପାରିଛି ଏବଂ ଚାଷୀମାନେ ସେମାନଙ୍କ କ୍ଷତି ପରିମାଣ ୯୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିପାରିଛନ୍ତି। ଏବେ ଭାରତର ଅନ୍ୟ ରାଜ୍ୟ ସମେତ ଇଥିଓପିଆ, ଶ୍ରୀଲଙ୍କା ଏବଂ ବିଶ୍ୱ ବ୍ୟାଙ୍କ ମଧ୍ୟ ଓଡ଼ିଶାର ଏହି ସେବା, ଅଭିଜ୍ଞତା ତଥା ବାୟୋମେଟ୍ରିକ୍ ଆଇଡି, ଡିଜିଟାଲ୍ ପେମେଣ୍ଟ ଆଦି ଜ୍ଞାନକୌଶଳ ଶିଖିବାକୁ ଆଗ୍ରହ ପ୍ରକାଶ କରିଛନ୍ତି।

ଏହି ସପ୍ତାହରେ, ମୁଁ ଓଡ଼ିଶାର ଏକ ସ୍ୱଳ୍ପ ଆୟକାରୀ ଗୋଷ୍ଠୀର କାର୍ଯ୍ୟକ୍ଷେତ୍ର ପରିଦର୍ଶନ କରିବି, ଯେଉଁଠାରେ ବିଭିନ୍ନ ନିର୍ମାଣ ପ୍ରକଳ୍ପକୁ ଚୁକ୍ତିବଦ୍ଧଭାବେ ସମ୍ପୂର୍ଣ୍ଣ କରିବା ପାଇଁ ମହିଳାମାନଙ୍କୁ ସରକାରୀ କାର୍ଯ୍ୟକ୍ରମ ଦ୍ୱାରା ଦକ୍ଷ ଓ କୁଶଳୀ କରାଯାଇପାରୁଛି। ୨୦୧୮ଠାରୁ ଏହି କାର୍ଯ୍ୟକ୍ରମ ଜରିଆରେ ୨୨,୦୦୦ମହିଳା ଗୋଷ୍ଠୀଙ୍କୁ ୫୨, ୦୦୦ରୁ ଅଧିକ ପ୍ରକଳ୍ପ ନିର୍ମାଣରେ ସହାୟତା କରାଯାଇପାରିଛି, ଯାହା ମଧ୍ୟରେ ରାସ୍ତା, ଡ୍ରେନ୍, ଶୌଚାଳୟ ଆଦିର ନିର୍ମାଣ ମଧ୍ୟ ସାମିଲ ଅଛି। ଏକାଭଳି ଆହ୍ୱାନର ସମ୍ମୁଖୀନ ହେଉଥିବା ଅନ୍ୟ ଦେଶମାନଙ୍କ ପାଇଁ ଓଡ଼ିଶାର ଏହି କାର୍ଯ୍ୟକ୍ରମ ନିଶ୍ଚୟ ଅନୁକରଣୀୟ ହୋଇପାରେ। ଏହି କାର୍ଯ୍ୟକ୍ରମ ଏଇଥିପାଇଁ ଉଦାହରଣୀୟ ଯେ ଏଥିରେ ଅଂଶଗ୍ରହଣ କରୁଥିବା ମହିଳାମାନେ ପ୍ରକଳ୍ପର ଅଂଶୀଦାର ହେବା ସହିତ ବୈଷୟିକ କାମ, ହିସାବ ରକ୍ଷଣ, ଠିକା, ଚୁକ୍ତି ନିଷ୍ପତ୍ତି ଆଦି ସବୁ ପାଇଁ ତାଲିମ ପାଆନ୍ତି ଏବଂ ପ୍ରକଳ୍ପ ଯୋଜନା ଚୂଡ଼ାନ୍ତ କରିବା, ସେଥିପାଇଁ ବଜେଟ୍ ପ୍ରସ୍ତୁତ କରିବା, ନିର୍ମାଣ କାର୍ଯ୍ୟ ତଦାରଖ କରିବା ଏବଂ ନିର୍ମାଣ ସରିଯିବା ପରେ ତାହାର ରକ୍ଷଣାବେକ୍ଷଣରେ ମଧ୍ୟ ସାମିଲ ହୁଅନ୍ତି। ସେଭଳି କାର୍ଯ୍ୟକ୍ରମର ଅଂଶବିଶେଷ ହୋଇଥିବା କେତେକ ମହିଳାଙ୍କୁ ଭେଟିବାକୁ ମୁଁ ଆଗ୍ରହୀ ଅଛି। ସେମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଓ ସେମାନଙ୍କ ସଫଳତାର କାହାଣୀ ସେମାନଙ୍କଠାରୁ ଶୁଣିବାକୁ ଚାହୁଁଛି।

ଭାରତ କିପରି ସହରାଞ୍ଚଳ ଦାରିଦ୍ର୍ୟ, ବିଶେଷକରି ମହିଳାମାନଙ୍କ ସମସ୍ୟା କ୍ଷେତ୍ରରେ ମୁକାବିଲା କରୁଛି ସେ ବିଷୟରେ ମୁଁ ଅଧିକ ଜାଣିବାକୁ ଅପେକ୍ଷା କରିଛି। ବିଶ୍ୱର ଦ୍ରୁତତମ ବୃଦ୍ଧି ପାଉଥିବା ସହରୀ ଜନସଂଖ୍ୟା ମଧ୍ୟରୁ ଭାରତ ଅନ୍ୟତମ। ଭାରତର ବିଭିନ୍ନ ରାଜ୍ୟ ଓ ସହରରେ ୧୦୦ ନିୟୁତରୁ ଅଧିକ ଲୋକ ବସ୍ତିରେ ବାସ କରନ୍ତି, ଯେଉଁଠାରେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ବିଶୁଦ୍ଧ ପାନୀୟ ଜଳ ପରି ମୌଳିକ ସେବା ପାଇବା କଷ୍ଟସାଧ୍ୟ। ବିଶେଷକରି ଲିଙ୍ଗଗତ ଭେଦଭାବ ଓ ହିଂସା ଯୋଗୁଁ ମହିଳାମାନେ ବିଶେଷ ଅସୁରକ୍ଷିତ ବର୍ଗରେ ଆସୁଥିବାରୁ ବସ୍ତିମାନଙ୍କରେ ସେମାନଙ୍କ ଜୀବନଧାରଣକୁ ମଧ୍ୟ ମୁଁ ନିରୀକ୍ଷଣ କରିବାକୁ ଚାହୁଁଛି।

ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ଭାରତର ଅଭିନବ କ୍ଷମତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ସାରା ବିଶ୍ୱର ବୈଜ୍ଞାନିକଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଥିବା କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରା, ପୂର୍ବାନୁମାନକୁ ଭୁଲ୍ ସାବ୍ୟସ୍ତ କରୁଥିବା ପାଣିପାଗ, ସବୁଜ ଗୃହ ବାଷ୍ପ ଆଦି ସମସ୍ୟାରେ ଭାରତୀୟମାନେ ପ୍ରଭାବିତ ହୋଇସାରିଛନ୍ତି। ତେଣୁ ଏହିସବୁ ଜଳବାୟୁ ସଂକ୍ରାନ୍ତ ସମସ୍ୟାର ନିରାକରଣ ପାଇଁ ସଫଳ ଉଦ୍ଭାବନ, ଉତ୍ପାଦନ ଏବଂ ନିୟୋଜନ କାର୍ଯ୍ୟକ୍ରମ ଏ କ୍ଷେତ୍ରରେ ଭାରତର କ୍ଷମତାକୁ ସୂଚିତ କରୁଛି। ଗ୍ରୀଷ୍ମମଣ୍ଡଳୀୟ ଜଳବାୟୁରେ ଫସଲ ଏବଂ ପଶୁମାନଙ୍କ ଉତ୍ପାଦକତା ବୃଦ୍ଧି ପାଇଁ ଆବଶ୍ୟକ ଗବେଷଣାରେ ଭାରତ ପୁଞ୍ଜି ବିନିଯୋଗ କରୁଛି ଏବଂ ଅକ୍ଷୟ ଶକ୍ତିର ଅଧିକରୁ ଅଧିକ ଉତ୍ପାଦନ ପାଇଁ ଯୋଜନା ବିସ୍ତାର କରୁଛି।

ବିଶ୍ୱକୁ ପରିବର୍ତ୍ତନ କରିବାକୁ ଯାଉଥିବା ଭାରତର ଅନେକ ଅଭିନବ ଉଦ୍ଭାବନ ମଧ୍ୟରୁ ଉପରୋକ୍ତ କ୍ଷେତ୍ରଗୁଡ଼ିକ କେତେକ ଉଦାହରଣ ମାତ୍ର। ଏହି ତାଲିକାରେ ମୁଁ ଆହୁରି ଅନେକ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରିପାରିବି ଏବଂ ମୁଁ ନିଶ୍ଚିତ ଯେ ମୋର ଚଳିତ ଭାରତ ଭ୍ରମଣ ସମୟରେ ମୁଁ ଅଧିକ କିଛି ନୂତନ ବିଷୟରେ ଜାଣିବାକୁ ପାଇବି। ମୁଁ ସେଠାରେ ରାଜନୈତିକ ନେତା, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଛାତ୍ରଛାତ୍ରୀମାନଙ୍କ ସହ କଥାବାର୍ତ୍ତା କରିବାକୁ ଅପେକ୍ଷା କରିଛି, ଯେଉଁମାନେ ଭାରତର ଅଭିନବ ଉଦ୍ଭାବନ ଉଦ୍ୟମରେ ଯୋଗଦାନ ଦେଇଛନ୍ତି। ବିଶ୍ୱକୁ ଆହୁରି ଅନେକ କିଛି ଅବଦାନ ଦେବାକୁ ଭାରତ ନିକଟରେ ଯଥେଷ୍ଟ ସମ୍ବଳ, କ୍ଷମତା, ଦକ୍ଷତା ଓ ବୁଦ୍ଧିମତ୍ତା ରହିଛି। ମୁଁ ଆଶାବାଦୀ ଯେ ଆଗାମୀ ଦିନରେ ଏକ ନବ୍ୟ ସାମ୍ୟବାଦୀ ବିଶ୍ୱ ଗଠନରେ ଭାରତ ନେତୃତ୍ୱ ନେବ।

**(ବିଶ୍ୱବିଖ୍ୟାତ ଆଇଟି ଉଦ୍ୟୋଗପତି ତଥା 'ବିଲ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍'ର ଅଧ୍ୟକ୍ଷ ବିଲ୍ ଗେଟ୍‌ସଙ୍କ ଭାରତ ଓ ଓଡ଼ିଶା ଗସ୍ତ ଅବ୍ୟବହିତ ପୂର୍ବରୁ ସେ ଦେଇଥିବା ବାର୍ତ୍ତା)**

ସୌଜନ୍ୟ: GatesNotes.com

# ବଳିପ୍ରଥାର ଅନ୍ତ କେବେ?



ଅକ୍ଷୟ କୁମାର ମିଶ୍ର
କଟକ, ମୋ: ୯୯୩୮ ୭୬୩୨୩୭

ଦୈନିକ ଖବର କାଗଜରେ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଏକ ଖବର ପ୍ରକାଶ ପାଏ। ସେହି ଖବରଟି ଯେତିକି ଲୋମହର୍ଷଣକାରୀ ସେତିକି ଦୁଃଖଦାୟକ ଓ ଦୁର୍ଭାଗ୍ୟଜନକ। ଖବରଟିର ଶୀର୍ଷକ ହୁଏ 'ଦେବୀ ପୀଠ ହେଲା ରକ୍ତ ରଞ୍ଜିତ'। ମନସ୍କାମନା ପୂରଣ ପାଇଁ ମାନସିକ କରିଥିବା ଲୋକମାନଙ୍କର ଇଚ୍ଛା ଫଳବତୀ ହେବା ପରେ ମାଆଙ୍କ ଉପରେ ଖୁସି ହୋଇ କାହିଁ କେତେ ଦୂରରୁ କୁକୁଡ଼ା, ଛେଳି, ମେଣ୍ଢା ଧରି ଧାଇଁ ଆସିଥିଲେ ରକ୍ତ ଦେଇ ଦେବୀମାତାଙ୍କୁ ସନ୍ତୁଷ୍ଟ କରିବାକୁ। ସବୁଠାରୁ ଅଧିକ ବିଡ଼ମ୍ବନା ହେଉଛି ଘଟଣା ସ୍ଥଳରେ ପୁଲିସ ତଥା ସ୍ଥାନୀୟ ବିଭିନ୍ନ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହୁଥିଲେ ମଧ୍ୟ ଏଭଳି କାର୍ଯ୍ୟକୁ ନିରବରେ ଦେଖଣାହାରୀ ସାଜନ୍ତି।

ଏକବିଂଶ ଶତାବ୍ଦୀରେ ମଣିଷ ପାଦ ଥାପିଲାଣି। ବିଜ୍ଞାନର ଉତ୍କର୍ଷତା ହେତୁ ଆମେ ଜହ୍ନ ରାଇଜର ଠିକଣା ପାଇ ସାରିଲୁଣି। ମଙ୍ଗଳ ଅଭିଯାନର ସଫଳତା ହାତ ପାଆନ୍ତାରେ। ତଥାପି ଅନ୍ଧବିଶ୍ୱାସର ବୁଢ଼ିଆଣୀ ଜାଲରେ ପଡ଼ି ଆମେ ଛଟପଟ ହେଉଛୁ। ସେହି ଅନ୍ଧବିଶ୍ୱାସଗୁଡ଼ିକ ମଧ୍ୟରେ ଏକ କଳଙ୍କିତ ପ୍ରଥା ହେଲା ବଳି ପ୍ରଥା। ଦେବାଦେବୀଙ୍କୁ ପ୍ରସନ୍ନ କରି ଅଲୌକିକ ଶକ୍ତିର ଅଧିକାରୀ ହେବା ନିମନ୍ତେ ମଣିଷ ନିଜର ବୁଦ୍ଧି, ବିବେକ, ଜ୍ଞାନକୁ ଉପଯୁକ୍ତ ମାର୍ଗରେ ବିନିଯୋଗ ନ କରି ସ୍ୱାର୍ଥାନ୍ଧ ପାଲଟି ଯାଉଛି। ବିଭିନ୍ନ ପ୍ରକାରର ପଶୁ, ପକ୍ଷୀ ଏପରିକି ମଣିଷକୁ ବିଶେଷକରି ଠାକୁରାଣୀଙ୍କ ସମ୍ମୁଖରେ ବଳି ପକାଇ ସେହି ଜୀବର ରକ୍ତକୁ ଦେବୀଙ୍କୁ ଅର୍ପଣ କରୁଛି। ଏମିତି ଏକ ବୀଭତ୍ସ ପ୍ରଥା ପ୍ରତି ଅନେକଙ୍କର ନାପସନ୍ଦ ଥିଲେ ମଧ୍ୟ ଧର୍ମୀୟ ଭାବପ୍ରବଣତାରେ ଶିକାର ହୋଇ ସେମାନେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିପାରୁ ନାହାନ୍ତି। ପ୍ରକାରାନ୍ତରେ ଏହାକୁ ସମର୍ଥନ ଜଣାଉଛନ୍ତି। ପୁନଶ୍ଚ ଏହାକୁ ବିରୋଧ କଲେ ଦେବୀଙ୍କର ରୋଷର ଶିକାର ହେବାକୁ ପଡ଼ିବ ବୋଲି ଏକ ଅହେତୁକ ଭୟ ମଧ୍ୟ ଅନେକଙ୍କୁ ଗ୍ରାସ କରୁଛି। ଆମେ ଏମିତି ଏକ ଧର୍ମୀୟ ଧାରଣା ଦ୍ୱାରା ଆକ୍ରାନ୍ତ ଯେ ସମସ୍ତ ବୈଜ୍ଞାନିକ ପ୍ରମାଣ ଆମ ସମ୍ମୁଖରେ ଥିଲେ ମଧ୍ୟ କଳ୍ପିତ ଦେବାଦେବୀଙ୍କ ଅଦୃଶ୍ୟ ଶକ୍ତି ଆମ ଜୀବନର ଘଟଣା ପ୍ରବାହକୁ ନିୟନ୍ତ୍ରଣ କରୁଛି ବୋଲି ଆମର ଅଖଣ୍ଡ ବିଶ୍ୱାସ। ଏହି ବିଶ୍ୱାସକୁ ଆଧାର କରି କାହିଁ କେଉଁ ପ୍ରାଚୀନ କାଳରୁ କୁତ୍ସିତ ବଳି ପ୍ରଥା ପ୍ରଚଳିତ, ଯାହା ତନ୍ତ୍ର ସାଧନାର ମୂଳପିଣ୍ଡ। ଏହି ତନ୍ତ୍ର ସାଧକମାନଙ୍କର ବାଖ୍ୟା ହେଲା- ଛାଗ ବଳି ଦେଲେ ବାଗ୍ମୀ, ମେଷ ବଳି ଦେଲେ କବିତ୍ୱ ପ୍ରାପ୍ତି ହୁଏ। ମଇଁଷି ବଳି ଦେଲେ ଧନସମ୍ପଦ ବୃଦ୍ଧି ହୁଏ, ରାଜଗାଦି ମିଳେ। ମୃଗ ବଳି ଦେଲେ ମୋକ୍ଷ ପ୍ରାପ୍ତି ଓ ମଣିଷ ବଳି ଦେଲେ ଧନସମ୍ପଦ ବୃଦ୍ଧି ହୁଏ, ରାଜଗାଦି ମିଳେ, ସମସ୍ତଙ୍କୁ ବଶୀଭୂତ କରିବାର କ୍ଷମତା ମିଳିଯାଏ। ଅତୀତରେ ମେରିଆ ବଳି ପ୍ରଥା ଅର୍ଥାତ୍ ହଳଦୀ କିଆରିରେ ନରବଳି ଦେଲେ ଧରଣୀ ମାତା ସନ୍ତୁଷ୍ଟ ହୋଇ ଫସଲ ଅଜାଡ଼ି ଦେବେ ବୋଲି ଆମ ରାଜ୍ୟର ଅନେକ ଲୋକ ବିଶ୍ୱାସ କରୁଥିଲେ। ସେହିପରି ଅନେକ ରାଜପରିବାର ପ୍ରଚଳନ କରିଥିବା ଗଡ଼ଚଣ୍ଡୀ ପୂଜାରେ ମଧ୍ୟ ଏହି ଅମାନବୀୟ କାର୍ଯ୍ୟ ଜନସମ୍ମୁଖରେ କରାଯାଉଥିଲା। ଯାହାର ପ୍ରଭାବ ଆମ ରାଜ୍ୟର ଅନେକ ଜାଗାରେ ଆଜିବି ଦୃଷ୍ଟିଗୋଚର ହୁଏ। ବହୁ ଚଣ୍ଡୀ ମନ୍ଦିରରେ ଏବେ ବି ପଶୁବଳି ପାରମ୍ପରିକ ରୀତି ଅନୁଯାୟୀ ଚାଲିଛି। କଳାହାଣ୍ଡି ଜିଲ୍ଲାରେ ହେଉଥିବା ଛତର ଯାତ୍ରା, ବଲାଙ୍ଗୀର ଜିଲ୍ଲାର ଶୁଳିଆ ଯାତ୍ରା, ସମ୍ବଲପୁର ଜିଲ୍ଲାର ବଏଲ୍ ଯାତ୍ରାରେ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ପଶୁପକ୍ଷୀ ବଳି ପଡୁଛି। ଏହାବ୍ୟତୀତ ବହୁ କାଳୀ ମନ୍ଦିରରେ କାଳୀପୂଜା ସମୟରେ, ଚଣ୍ଡୀପୀଠରେ ଦୁର୍ଗାପୂଜା ସମୟରେ ଊଣାଅଧିକେ ସବୁ ଜିଲ୍ଲାରେ ପଶୁବଳି ଚାଲିଛି ସମସ୍ତଙ୍କ ଜ୍ଞାତସାରରେ।

ବିଡ଼ମ୍ବନା ହେଉଛି ୧୮୫୧ ମସିହାରେ ଇଂରେଜ ସରକାରଙ୍କ ସମୟରୁ ମେରିଆ ବଳି ପ୍ରଥା ନିଷିଦ୍ଧ ଘୋଷିତ ହୋଇଛି। ପଶୁ ସୁରକ୍ଷା ନିମିତ୍ତ ୧୯୬୦ ମସିହାରେ ଆମ ଦେଶରେ ଗଢ଼ା ହୋଇଛି 'ପ୍ରିଭେନସନ୍ ଅଫ କ୍ରୁୟେଲିଟି' ନାମକ କେନ୍ଦ୍ରୀୟ ଆଇନ। ଏକ ଜନସ୍ୱାର୍ଥ ମାମଲାରେ ଆମ ରାଜ୍ୟର ଉଚ୍ଚ ନ୍ୟାୟାଳୟ ପଶୁବଳିକୁ ନିଷିଦ୍ଧ ଘୋଷଣା କଲା ପରେ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏହି ରାୟ ଉପରେ ମୋହର ଲଗାଇଛନ୍ତି। ତଥାପି ଚାଲିଛି ଏହି ବର୍ବରୋଚିତ କାର୍ଯ୍ୟ। ନାହିଁ ପ୍ରତିବନ୍ଧକ। ବହୁ ପ୍ରତିଷ୍ଠିତ ରାଜନେତା ଏହାକୁ ସମର୍ଥନ କରୁଛନ୍ତି। ପ୍ରଶାସନ ନୀରବଦ୍ରଷ୍ଟା ସାଜୁଛି। ଏହାର ପ୍ରଭାବ ସାଧାରଣ ଲୋକଟି ଉପରେ ପଡୁଛି। ସେ ଧରି ନେଉଛି ପଶୁବଳି ଦେଲେ ଅଧିକ ଦୈବୀକୃପା ମିଳିବ। ଏଥିପାଇଁ ମାନସିକ କରୁଛି। ସଂଯୋଗକ୍ରମେ ଯଦି ଇଚ୍ଛା ପୂରଣ ହୋଇଗଲା ତେବେ ଛେଳି, ମେଣ୍ଢା, କୁକୁଡ଼ା ଧରି ଧାଉଁଛି ସେହି ଦେବୀପୀଠକୁ।

ମଣିଷର ବର୍ବରତା ପଶୁବଳି ପାଖରେ ଅଟକି ଯାଇ ନାହିଁ। ତନ୍ତ୍ର ସାଧନାର ଅନ୍ତିମ ପର୍ଯ୍ୟାୟ ହେଉଛି ନରବଳି। ଏହି ତାନ୍ତ୍ରିକମାନେ ନିଜ ସାଧନାର ଭୂମି ଭାବରେ ନିଘଞ୍ଚ ଜଙ୍ଗଲର କୌଣସି ଏକ ନିର୍ଜନ ସ୍ଥାନ, ନଚେତ୍ ପାହାଡ଼ର ଶିଖରଦେଶ, ନହେଲେ ଜନପଦଠାରୁ ଦୂରରେ ଥିବା କୌଣସି ଏକ ପରିତ୍ୟକ୍ତ ଗୃହ ବା ଶ୍ମଶାନକୁ ଚୟନ କରନ୍ତି। ଅମାପ ଅଦୃଶ୍ୟ ଅଲୌକିକ ଶକ୍ତିର ଅଧିକାରୀ ହେବା ପାଇଁ ଏମାନେ ନରବଳି ଦେଇ ଆରାଧ୍ୟ ଦେବୀଙ୍କୁ ପ୍ରସନ୍ନ କରିବାକୁ ଚାହାନ୍ତି। ମାୟାଜାଲରେ ଫସାଇବାକୁ ଚେଷ୍ଟା କରନ୍ତି ଦୁର୍ବଳମନା ଲୋକଙ୍କୁ। ଏମାନେ ଏମିତି ଏକ ଅବାସ୍ତବ ଦୁନିଆର ପରିକଳ୍ପନା କରିବସନ୍ତି, ଯାହାକୁ ହାତମୁଠାରେ ପାଇବା ପାଇଁ ରକ୍ତର ସମ୍ପର୍କକୁ ମଧ୍ୟ ତୁଚ୍ଛ ମନେ କରନ୍ତି ଇନ୍ଦ୍ରଜାଲରେ ଛନ୍ଦି ହୋଇଥିବା ଲୋକମାନେ। ଏହି ପୈଶାଚିକ ପ୍ରବୃତ୍ତିରୁ ନିଜ ପୁଅ ଝିଅ ବି ବାଦ୍ ପଡ଼ନ୍ତି ନାହିଁ। ଏହି ସମ୍ପର୍କିତ ଖବର ଆମକୁ ବାରମ୍ବାର ମର୍ମାହତ କରିଚାଲିଛି। କେତେବେଳେ ମାଆ ତାନ୍ତ୍ରିକ କଥାରେ ଗୁପ୍ତଧନ ପାଇବା ଲୋଭରେ ପଡ଼ି ନିଜ ଶିଶୁକନ୍ୟାକୁ ବଳି ଦେବାର ଖବର, କେତେବେଳେ ବାପ ନିଜ ଶିଶୁପୁତ୍ରକୁ ପୁଣି କେତେବେଳେ କାକା ପୁତୁରାକୁ ଅଥବା ଝିଆରୀକୁ ବଳି ଦେବାର ଖବର ସମାଜକୁ ସ୍ତବ୍ଧ କରିଦେଉଛି। ଆମ ରାଜ୍ୟରେ ପ୍ରତିବର୍ଷ ହାରାହାରି ଆଠ ଜଣ ଶିଶୁ ଏହିପରି ଯୂପକାଷ୍ଠରେ ଚଢୁଛନ୍ତି। ଏହାବ୍ୟତୀତ ବହୁ ଶିଶୁ ନିଖୋଜ ହେଉଛନ୍ତି, ଯେଉଁମାନଙ୍କୁ ଏଭଳି କୁତ୍ସିତ ପ୍ରଥାର ଯେ ଶିକାର ହେବାକୁ ପଡ଼ିନଥିବ ଏହା କିଏ କହିବ ?

ବଳି ପ୍ରଥା ସପକ୍ଷରେ ବେଶ୍ କିଛି ଲୋକ ଅଦ୍ଭୁତ ଯୁକ୍ତି ଉପସ୍ଥାପନ କରି କୁହନ୍ତି ପ୍ରତିଦିନ ହଜାର ହଜାର ଛେଳି, ମେଣ୍ଢା, ଘୁଷୁରୀ, ଗୋରୁଗାଈ, କୁକୁଡ଼ା, ବତକ ହଣା ହେଉଛନ୍ତି। ସେ ଦିଗରେ ତ କାହିଁ ପ୍ରତିବାଦ ହେଉନି? କିନ୍ତୁ ସେମାନେ ବୁଝିବା ଦରକାର ମାଂସ ପାଇଁ ମଣିଷ ଏହି ସବୁ ପଶୁପକ୍ଷୀ ଚାଷ କରିଥାଏ ଏବଂ ପୁଷ୍ଟିକର ଖାଦ୍ୟର ଚାହିଦା ପୂରଣ କରେ। ଖାଦ୍ୟ ପାଇଁ ପଶୁପକ୍ଷୀ ମାରିବା ଏବଂ କଳ୍ପନା ରାଇଜର ଦେବାଦେବୀଙ୍କୁ ପ୍ରସନ୍ନ କରିବା ନିମନ୍ତେ ପଶୁବଳି ଓ ନରବଳି ଦେବା ଏକାକଥା ନୁହେଁ। ଏମାନଙ୍କର ଯୁକ୍ତିକୁ ଯଦି ଗ୍ରହଣ କରି ନିଆଯାଏ ତେବେ ମଣିଷକୁ ଖାଦ୍ୟ ବିନା ବଞ୍ଚିବାକୁ ହେବ, ସେ ଶାକାହାରୀ ହେଉ ଅବା ମାଂସାଶୀ ହେଉ, ଯାହା ଆଦୌ ସମ୍ଭବ ନୁହେଁ। ଅନ୍ୟ କଥାଟି ହେଲା, ବଳି ଦେଲେ ଯେ ଅଲୌକିକ ଶକ୍ତିର ଜଣେ ଅଧିକାରୀ ହେବ, ଗୁପ୍ତ ଧନ ପ୍ରାପ୍ତି ହେବ, ମନସ୍କାମନା ପୂରଣ ହେବ ଏହା ସମ୍ପୂର୍ଣ୍ଣ କପୋଳକଳ୍ପିତ, ଅମୂଳକ, ଅନ୍ଧବିଶ୍ୱାସ।

ଅବଶ୍ୟ ବହୁ ବୁଦ୍ଧିଜୀବୀ ଏହି କୁତ୍ସିତ ପରମ୍ପରା ବିରୋଧରେ ଅତୀତରେ ସ୍ୱରତ୍ତୋଳନ କରିଛନ୍ତି, ଏବେ ମଧ୍ୟ କରୁଛନ୍ତି। ବହୁ ସ୍ୱେଚ୍ଛାସେବୀ ସଂଗଠନ ଏହା ବିରୋଧରେ ପ୍ରତିବାଦ କରୁଛନ୍ତି। ଏହି ବିରୋଧ ଓ ପ୍ରତିବାଦକୁ ଅଧିକ ଜୋରଦାର କରିବାକୁ ପଡ଼ିବ। ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବାକୁ ହେବ। ରାଜନୈତିକ ଇଚ୍ଛାଶକ୍ତି ବିନା ପଶୁବଳି ବା ନରବଳି ଭଳି ଜଘନ୍ୟ ଅପରାଧର ମୂଳୋତ୍ପାଟନ ଅସମ୍ଭବ। ଆଇନ ତିଆରି କରିଦେଲେ ଆପଣାଛାଏଁ କାର୍ଯ୍ୟକାରୀ ହୋଇଯାଏ ନାହିଁ। କାର୍ଯ୍ୟକାରୀ କରିବା କ୍ଷେତ୍ରରେ ସରକାର ଓ ପ୍ରଶାସନ ଉଭୟଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

**ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧାକୁ ଦେଖି ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି**

# ବରମୁଣ୍ଡା ବସ୍ ଟର୍ମିନାଲରେ ହେବ ଫାଣ୍ଡି

**ଭୁବନେଶ୍ୱର, ୨୬।୨ (ସମିସ):** ନିକଟରେ ଉଦ୍‌ଘାଟିତ ହେବାକୁ ଥିବା ଡଃ ବାବା ସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲରେ ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧାକୁ ଦୃଷ୍ଟିରେ ରଖି ସେଠାରେ ଏକ ଫାଣ୍ଡି (ପୁଲିସ୍ ଆଉଟପୋଷ୍ଟ) ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ଦୈନିକ ଏହି ବସ୍‌ଷ୍ଟାଣ୍ଡରେ ପ୍ରାୟ ୩୫ରୁ ୪୫ହଜାର ଯାତ୍ରୀଙ୍କ ଯାତାୟାତ ହେବାର ଆକଳନ କରାଯାଇ ସେମାନଙ୍କୁ ସୁରକ୍ଷିତ ଯାତ୍ରା ଯୋଗାଇଦେବାକୁ ଏହି ଫାଣ୍ଡିରେ ୮୯ ଜଣ ପୁଲିସ୍ କର୍ମଚାରୀ ନିୟୋଜିତ ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରକାଶଯୋଗ୍ୟ ଯେ '୫-ଟି' ଉପକ୍ରମରେ ବରମୁଣ୍ଡା ଆନ୍ତଃରାଜ୍ୟ ବସ୍ ଟର୍ମିନାଲ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏହା ଲୋକାର୍ପିତ ହେବ। ଏଠାକୁ ଦୈନିକ ୭୦୦ରୁ ୮୦୦ ବସ୍ ଯାତାୟାତ କରିବ। ଭବିଷ୍ୟତରେ ବସ୍ ସଂଖ୍ୟା ୧୭୦୦ରୁ ୧୮୦୦କୁ ବୃଦ୍ଧି ପାଇପାରେ। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିଭିନ୍ନ ସମୟରେ ବସ୍ ଟର୍ମିନାଲ୍ ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରିବା ସମୟରେ ଅଧିକାରୀ ଓ ସ୍ଥାନୀୟ ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧା ପାଇଁ ଏଠାରେ ଏକ ପୁଲିସ୍ ଆଉଟପୋଷ୍ଟ ପାଇଁ ପ୍ରସ୍ତାବ ଆସିଥିଲା। ଏ ବିଷୟରେ ଶ୍ରୀ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପରେ ଏଠାରେ ପୁଲିସ୍ ଆଉଟପୋଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏହି ଟର୍ମିନାଲରେ ଯାତ୍ରୀଙ୍କ ପାଇଁ ରେସ୍ତୋରାଁ, ବହୁତଳ କାର୍ ପାର୍କିଂ, ଆହାର କେନ୍ଦ୍ର, ଯାତ୍ରୀଙ୍କୁ ନେବାଆଣିବା ସୁବିଧା, ୧୪୪ଟି ବସ୍ ବେ, ସିଟି ବସ୍-ବେ' ଓ ଦୋକାନବଜାର ଆଦିର ସୁବିଧା ରହିବ। ଏଥିପାଇଁ ଏଠାରେ ସୁରକ୍ଷାର ଯଥେଷ୍ଟ ଗୁରୁତ୍ୱ ରହୁଛି। ଏହି ଫାଣ୍ଡିରେ ନିଯୁକ୍ତ ହେବାକୁ ଥିବା ୮୯ଜଣ ପୁଲିସ୍ କର୍ମଚାରୀଙ୍କ ମଧ୍ୟରୁ ୨ ଜଣ ସବ୍-ଇନ୍‌ସପେକ୍ଟର, ୯ଜଣ ଆସିଷ୍ଟାଣ୍ଟ ସବ୍-ଇନ୍‌ସପେକ୍ଟର, ୪ଜଣ ହାବିଲ୍‌ଦାର, ୭୨ଜଣ କନଷ୍ଟେବଲ ଓ ୨ଜଣ ଡ୍ରାଇଭର ରହିବେ ବୋଲି ନିଷ୍ପତ୍ତି ହୋଇଛି।

**ନିଯୁକ୍ତ ହେବେ ୮୯ ପୁଲିସ କର୍ମଚାରୀ**

**'୫-ଟି' ଅଧ୍ୟକ୍ଷଙ୍କ କ୍ଷେତ୍ର ସମୀକ୍ଷା ବେଳେ ହୋଇଥିଲା ଆଲୋଚନା**

**■ ମା'-ପୁଅଙ୍କ ରହସ୍ୟଜନକ ମୃତ୍ୟୁ**

## ପରକୀୟା ପ୍ରୀତି ପ୍ରଘଟ ଭୟରେ ତଣ୍ଟିଚିପି ମାରିଥିଲେ ଯାଆ ଓ ପ୍ରେମିକ

**ବ୍ରହ୍ମପୁର/ପାତ୍ରପୁର, ୨୬।୨(ସମିସ):** ସାମନ୍ତିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଚୁଡ଼ିଆଲାଞ୍ଜି ଗ୍ରାମରେ ମାଆ-ପୁଅଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ଉପରୁ ପରଦା ହଟାଇଛି ଜରଡ଼ା ଥାନା ପୁଲିସ୍। ପରକୀୟା ପ୍ରୀତି ପ୍ରଘଟ ହେବା ଭୟରେ ଯାଆ ଡି. ଗୁନ୍ନାମା ଓ ତାଙ୍କ ପ୍ରେମିକ ଜି. ଦେବେନ୍ଦ୍ର ରେଡ୍ଡୀ ମିଳିତ ଭାବେ ମାଆ-ପୁଅଙ୍କୁ ହତ୍ୟା କରିଥିବା ପୁଲିସ କହିଛି। ଉଭୟଙ୍କୁ ଆଜି ପୁଲିସ କୋର୍ଟଚାଲାଣ କରିଛି।

ସୂଚନାଯୋଗ୍ୟ ଯେ' ଗତ ୨୪ ତାରିଖରେ ଡି.ମୋହନ ରେଡ୍ଡୀଙ୍କ ଘରେ ତାଙ୍କ ପତ୍ନୀ ଡି. ନୀଳବେଣୀ ଓ ୭ ବର୍ଷର ପୁଅ ଡି. ଋଷିଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଶୋଇଥିବା ଅବସ୍ଥାରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ଏ ସଂପର୍କରେ ଡି. ମୋହନ ରେଡ୍ଡୀ ଥାନାରେ ଏତଲା ଦେଇଥିଲେ। ଘଟଣାର ତଦନ୍ତ କରି ପୁଲିସ ଉପରୋକ୍ତ ଦୁଇଜଣଙ୍କୁ ଗିରଫ କରିଥିଲା। ଜେରା ସମୟରେ ଉଭୟେ ଘଟଣା ସମ୍ପର୍କରେ ସମସ୍ତ ତଥ୍ୟ ବଖାଣିବା ସହ ହତ୍ୟା କରିଥିବା ସ୍ୱୀକାର କରିଥିବା ଜଣାପଡ଼ିଛି। ଉଭୟ ଅଭିଯୁକ୍ତଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ଅଭିଯୋଗକାରୀ ଡି.ମୋହନ ରେଡ୍ଡୀଙ୍କ ଭାଇ ଡି.ଧନଞ୍ଜୟଙ୍କ ପତ୍ନୀ ଡି. ଗୁନ୍ନାମାଙ୍କ ସହ ସେହି ଗ୍ରାମର ଜି. ଦେବେନ୍ଦ୍ର ରେଡ୍ଡୀଙ୍କର ଅନୈତିକ ସମ୍ପର୍କ ଥିଲା। ଯାହା ଡି.ମୋହନ ରେଡ୍ଡୀଙ୍କ ପତ୍ନୀ ମୃତ ଡି.ନୀଳବେଣୀ ଜାଣିପାରିଥିଲେ। ଏହାକୁ ସେ ତୀବ୍ର ବିରୋଧ କରିବା ସହ ପରିବାରଲୋକଙ୍କୁ ଜଣାଇ ଦେବାକୁ ଧମକ ଦେଇଥିଲେ। ତେବେ ଘଟଣା ପ୍ରଘଟ ହେବା ଭୟରେ ନୀଳବେଣୀଙ୍କୁ ରାସ୍ତାରୁ ହଟାଇବାକୁ ଉଭୟ ଦେବେନ୍ଦ୍ର ଓ ଗୁନ୍ନାମା ଯୋଜନା କରିଥିଲେ। ଗତ ୧୮ ତାରିଖ ବିଳମ୍ବିତ ରାତିରେ ନୀଳବେଣୀ ଓ ତାଙ୍କ ପୁଅ ଡି.ଋଷି ଏକାଠି ଶୋଇଥିବା ବେଳେ ସେମାନେ ପ୍ରଥମେ ନୀଳବେଣୀଙ୍କୁ ତଣ୍ଟି ଚିପି ତାଙ୍କୁ ହତ୍ୟା କରିଥିଲେ। ଏହି ସମୟରେ ପୁଅର ନିଦ ଭାଙ୍ଗିଯିବାରୁ ଧରାପଡ଼ିଯିବା ଭୟରେ ଉଭୟ ତାକୁ ବି ହତ୍ୟା କରିଥିଲେ।



**■ ପଥଚାରୀଙ୍କ ପାଇଁ ପୁରୁଣା ଅଠରନଳା ସେତୁ ବନ୍ଦ ପ୍ରସଙ୍ଗ**

## ଜବାବ ଦାଖଲ ପାଇଁ ସମୟ ନେଲା ଏଏସ୍‌ଆଇ

**କଟକ, ୨୬।୨(ସମିସ):** ପୁରୀର ଅନ୍ୟତମ ପ୍ରବେଶ ଦ୍ୱାର କୁହାଯାଉଥିବା ପୁରୁଣା ଅଠରନଳା ସେତୁକୁ ବନ୍ଦ କରିଦିଆଯିବା ଏବଂ ନିର୍ମିତ ହୋଇଥିବା ୨ଟି ନୂତନ ବ୍ରିଜରେ ପାଦଚଲା ରାସ୍ତା ନଥିବାରୁ ପଥଚାରୀ ଅସୁବିଧା ସମ୍ମୁଖୀନ ହେଉଥିବା ଅଭିଯୋଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ଆଜି ଏଏସଆଇ(ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା) ଜବାବ ଦାଖଲ କରିପାରିନାହିଁ। ଏହି ପ୍ରସଂଗରେ ଏଏସ୍‌ଆଇକୁ ହାଇକୋର୍ଟ ପୂର୍ବରୁ କାରଣଦର୍ଶାଅ ନୋଟିସ ଜାରି କରିଥିଲେ। ଏହି ସେତୁକୁ କ'ଣ ପାଇଁ ଏଏସଆଇ ପକ୍ଷରୁ ବନ୍ଦ କରାଯାଇଛି, ସେ ସମ୍ପର୍କରେ ଜବାବ ଦାଖଲ କରିବାକୁ କହିଥିଲେ ହାଇକୋର୍ଟ। ଜବାବ ଦାଖଲ ପାଇଁ ଏଏସ୍‌ଆଇ ଆଉ ୧୫ଦିନ ସମୟ ଲୋଡ଼ିଥିବା ବେଳେ ହାଇକୋର୍ଟ ଏଥିପାଇଁ ଅନୁମତି ପ୍ରଦାନ କରିଛନ୍ତି। ପରବର୍ତ୍ତୀ ଶୁଣାଣି ସୁଦ୍ଧା ଏହି ପ୍ରସଂଗରେ ଜବାବ ଦାଖଲ କରିବାକୁ କହିଛନ୍ତି ହାଇକୋର୍ଟ। ଆଇନଜୀବୀ କେଳୁଚରଣ ପାଇକରାୟଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୧୮କୁ ଧାର୍ଯ୍ୟ ହୋଇଛି।






# ‘ଆମ ହସ୍ପିଟାଲ’ ଓ ଡାଏଲିସିସ୍ କେନ୍ଦ୍ର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ







**ନବରଙ୍ଗପୁର,୨୬।୨(ସମିସ):**

ଓଡ଼ିଶାର ପ୍ରତିଟି ଜୀବନ ମୋ ପାଇଁ ମୂଲ୍ୟବାନ ବୋଲି ସବୁବେଳେ କୁହନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ତଥା ଦିଗଦର୍ଶନରେ ରାଜ୍ୟ ସରକାରଙ୍କ ଏକ ସ୍ୱତନ୍ତ୍ର ଯୋଜନା ‘୫-ଟି’ ଅଧୀନରେ ରୂପାନ୍ତରଣ ହୋଇଛି ନବରଙ୍ଗପୁର ଜିଲ୍ଲାର ୪ଟି ଚିକିତ୍ସାଳୟ। ସୋମବାର ଆମ ହସ୍ପିଟାଲ ରୂପାନ୍ତରଣର ଦ୍ୱିତୀୟ ପର୍ଯ୍ୟାୟର ଓଡ଼ିଶାର ୬୭ଟି ଆମ ହସ୍ପିଟାଲ ରୂପାନ୍ତର ହୋଇଥିବାବେଳେ ସେଥିମଧ୍ୟରୁ ନବରଙ୍ଗପୁର ଜିଲ୍ଲାର ୪ଟି ‘୫-ଟି’ ରୂପାନ୍ତରିତ ହସ୍ପିଟାଲ ଯଥା- ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚାନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଲୋକାର୍ପଣ ହୋଇଛି। ପୂର୍ବରୁ ନବରଙ୍ଗପୁର ଜିଲ୍ଲାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଗୋଟିଏ ଡାଏଲିସିସ୍ ସେଣ୍ଟର ଥିବାବେଳେ ସୋମବାର ଜିଲ୍ଲାର ଦ୍ୱିତୀୟ ଡାଏଲେସିସ୍ ସେଣ୍ଟର୍ ଉମରକୋଟଠାରେ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗତ ଦିନରେ ଯେତେବେଳେ ‘୫-ଟି’ ଅଧ୍ୟକ୍ଷ ତଥା ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ନବରଙ୍ଗପୁର ଜିଲ୍ଲା ଉମରକୋଟ ଏବଂ ରାଇଘର ଗସ୍ତରେ ଆସିଥିବା ସମୟରେ ଅଞ୍ଚଳବାସୀ ଉମରକୋଟଠାରେ ଏକ ଡାଏଲିସିସ୍ ସେଣ୍ଟର ଖୋଲିବା ନେଇ ଏକ ଅନୁରୋଧ ପତ୍ର ପ୍ରଦାନ କରିଥିଲେ। ସୋମବାର ତାହା ପୂରଣ ହୋଇଥିବାବେଳେ ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ‘୫-ଟି’ ଅଧ୍ୟକ୍ଷଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି ଜିଲ୍ଲାବାସୀ। ସୋମବାର ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ ପାଇଁ ଆମ ଓଡ଼ିଶାର ପ୍ରତ୍ୟେକଙ୍କ ଜୀବନ ମୂଲ୍ୟବାନ ଅଟେ। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଉତ୍ତମ ରୋଗୀ ସେବା, ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା, ରୋଗୀ ପଞ୍ଜୀକରଣ କେନ୍ଦ୍ର, ଉତ୍ତମ ଭୋଜନ ବ୍ୟବସ୍ଥା, ରୋଗୀ ଏବଂ ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ପ୍ରତୀକ୍ଷା ଗୃହ, ଚିକିତ୍ସାଳୟ ପରିସର ଆଲୋକୀକରଣ ଏବଂ ଚିକିତ୍ସାଳୟ ପରିସର ଚାରିଆଡ଼େ ପକ୍କା ରାସ୍ତା ଆଦି ରହିଛି। ଯାହା ଫଳରେ ରୋଗୀ ଉତ୍ତମ ସେବା ପାଇବା ସହିତ ରୋଗୀ ଏବଂ ରୋଗୀଙ୍କ ସମ୍ପର୍କୀୟ ଉତ୍ତମ ପରିବେଶଟିଏ ମଧ୍ୟ ପାଇପାରିବେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ। ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆୟୋଜିତ ଏହି ଆମ ହସ୍ପିଟାଲ ରୂପାନ୍ତର କାର୍ଯ୍ୟକ୍ରମରେ ନବରଙ୍ଗପୁର ନଗରପାଳ କୁନୁ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କାଳୀ ପ୍ରସାଦ ବେହେରା, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ସୁକାନ୍ତ କୁମାର ଶତପଥୀ, ନବରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନିଲ କୁମାର ଖରା, ପୌର ପରିଷଦର ୧୫ ନମ୍ବର ୱାର୍ଡ କାଉନସିଲର ନଗେନ୍ଦ୍ର କୁମାର ପଟ୍ଟନାୟକ, ପୌର ପରିଷଦର ୧୦ ନମ୍ବର ୱାର୍ଡ କାଉନସିଲର ଏ. ସତିଶ, ସେଣ୍ଟ୍ରାଲ ଷ୍ଟୋର ମୁଖ୍ୟ ଜଗନ୍ନାଥ ରଥ ପ୍ରମୁଖଙ୍କ ସମେତ ବହୁ ଅଧିକାରୀ କର୍ମଚାରୀ ଏବଂ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

**ଉମରକୋଟ :** ନବରଙ୍ଗପୁର ଜିଲ୍ଲାର ଉମରକୋଟ ପୌରାଞ୍ଚଳ ଅଧୀନ ଉପଖଣ୍ଡ ଚିକିତ୍ସାଳୟକୁ ଆମ ହସ୍ପିଟାଲ ଯୋଜନା ଅଧୀନରେ ରୂପାନ୍ତରିତ କରାଯାଇଛି। ଡାଏଲିସିସ ସେଣ୍ଟରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି। ଏହି ସମାରୋହ ଉମରକୋଟ ସ୍ଥିତ ଡିଏନକେ ଖେଳ ପଡ଼ିଆଠାରେ ଆୟୋଜନ କରାଯାଇଥିଲା। ଏହି ସମାବେଶରେ ପ୍ରାୟ ୪୦୦୦ ଲୋକ ଯୋଗଦେଇଥିଲେ ଏବଂ ସମାରୋହରେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ, ରାଜ୍ୟସଭା ସାଂସଦ ମୁନା ଖାଁ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ସ୍ୱତନ୍ତ୍ର ଉନ୍ନୟନ ଜିଲ୍ଲା ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଲିପିକା ବାରୋଇ, ପୌର ଅଧ୍ୟକ୍ଷ ରାଧା ଭତ୍ରା, ଉଠା ଜଳସେଚନ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ବ୍ଲକ ଅଧ୍ୟକ୍ଷ ସୁଶିଳା ମାଝୀ, ରାଇଘର ବ୍ଲକ ଅଧ୍ୟକ୍ଷ ନବିନା ନାୟକ, ପୂର୍ବତନ ବିଧାୟକ ସୁବାସ ଗଣ୍ଡ ପ୍ରମୁଖ ରହିଥିବାବେଳେ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର, ଉମରକୋଟ ବିଡିଓ ପ୍ରୀତିରଞ୍ଜନ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଚିକିତ୍ସାଳୟ ରୂପାନ୍ତରୀତ ଫଳରେ ରୋଗୀ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ପାଇପାରିବେ, ୧୪ ଜଣ ଏମବିବିଏସ୍ ଡାକ୍ତର ଓ ଦୁଇଜଣ ସ୍ପେସିଆଲିଷ୍ଟ ଡାକ୍ତର ରହିଛନ୍ତି। ତେଣୁ ରୋଗୀ ପୂର୍ବଠାରୁ ଭଲ ଚିକିତ୍ସା ପାଇପାରିବେ ଏବଂ ଉମରକୋଟଠାରେ ଡାଏଲିସିସ ସେଣ୍ଟର ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୭ ଜଣ ରୋଗୀ ଡାଏଲିସିସ୍ କରିପାରିବେ ଓ ଜିଲ୍ଲାର ଥିବା ୫୭ ଜଣ ରୋଗୀ ଆବଶ୍ୟକ ସ୍ଥଳେ ଏହାର ଲାଭ ଉଠାଇ ଚିକିତ୍ସିତ ହୋଇପାରିବେ ବୋଲି ଡାକ୍ତର ଶରତ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ଡାଲିମ୍ବ ଭତ୍ରା, ଚନ୍ଦନ ରାଏ, ଜାତୀନ୍ଦ୍ର ନାଥ ଗଣ୍ଡ, ବିକେବିକେ ଉପଦେଷ୍ଟା ସୁକଦେବ ଗଣ୍ଡ, ପ୍ରଣବ ଭୂୟାଁ, କାଉନସିଲର ତପନ ଦେବନାଥ, ଚିତ୍ତରଞ୍ଜନ ପାତ୍ର, କୈଳାଶ ନାୟକ, ଭି ବୁଜି ରାଓ, ସଞ୍ଜୟ ଗୁପ୍ତା, ମନୋଜ ଧଳ ପ୍ରମୁଖ



ଉପସ୍ଥିତ ରହିଥିବାବେଳେ ମିଶନ ଶକ୍ତିର ମହିଳା, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀଙ୍କ ସମେତ ଅନେକ ମହିଳା ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ବିଭାଗ ଓ ବ୍ଲକ କାର୍ଯ୍ୟାଳୟ, ପୂର୍ତ୍ତ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ପରିଚାଳନା କରାଯାଇଛି।

**ପାପଡ଼ାହାଣ୍ଡି :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ସୋମବାର ଭର୍ଚୁଆଲ ମାଧ୍ୟମରେ ପାପଡ଼ାହାଣ୍ଡିଠାରେ ଆମ ହସ୍ପିଟାଲକୁ ଲୋକାର୍ପଣ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଅଧ୍ୟକ୍ଷା ହେମଲତା ମାଝୀ, ଉପାଧ୍ୟକ୍ଷ ସୁଶାନ୍ତ ବେହେରା ଓ ଜିଲ୍ଲା ପରିଷଦ ସଭ୍ୟା ଲିପିକା ମାଝୀ ପ୍ରମୁଖ ଯୋଗଦେଇଥିଲେ। ଏହାର ସିଧାପ୍ରସାରଣ ପାପଡ଼ାହାଣ୍ଡିଠାରେ କରାଯାଇଥିଲା। କାର୍ଯ୍ୟକ୍ରମରେ ମେଡିକାଲ ଇନଚାର୍ଜ ସୁଶ୍ରୀତା ସେଠୀ, ଆଇଆଇସି ଦୀପକ କୁମାର ଜେନା, ସିଡିପିଓ ଏସ୍. ଗୀତା, ଅଙ୍ଗନବାଡ଼ି କର୍ମୀ, ବ୍ଲକ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ଆଶାକର୍ମୀମାନେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**କୋଟପାଡ଼:** କୋଟପାଡ଼ ବ୍ଲକ ସଦରରେ ‘ଆମ ହସ୍ପିଟାଲ’ ଯୋଜନାରେ ନବନିର୍ମିତ ବହୁ ପ୍ରତିକ୍ଷୀତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୋମବାର ଲୋକାର୍ପିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହାକୁ ଲୋକାର୍ପିତ କରିଛନ୍ତି। କୋଟପାଡ଼ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟିକାଙ୍କ ସହ ପୂର୍ବତନ ବିଧାୟକ ତଥା ଏସ୍‌ଡିସି ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝୀ ଓ ପ୍ରଦୀପ ମାଝୀ ଉପସ୍ଥିତ ଥିଲେ। ଅତ୍ୟାଧୁନିକ ସୁବିଧା ଯୁକ୍ତ ହସ୍ପିଟାଲ ଅଞ୍ଚଳର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ନିର୍ମାଣ ହୋଇଥିବାବେଳେ ଅଞ୍ଚଳବାସୀଙ୍କୁ ଆଉ ବାହାର ହସ୍ପିଟାଲ ଉପରେ ନିର୍ଭର ହେବାକୁ ପଡ଼ିବ ନାହିଁ ବୋଲି ଅତିଥିମାନେ ମତ ରଖିଥିବା ଜଣାପଡ଼ିଛି। ଉପସ୍ଥିତ ଲୋକ ପ୍ରତିନିଧିମାନେ ଅଞ୍ଚଳରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କୋଟପାଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲଳିତ ମଣ୍ଡଳ ଏବଂ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ବୃନ୍ଦଙ୍କ ସହଯୋଗରେ ପରିଚାଳନା କରିଥିବାବେଳେ ବହୁ ସଂଖ୍ୟକ ମହିଳା ପୁରୁଷ ସାମିଲ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଦେଇଥିଲେ।

**ପଟ୍ଟାଙ୍ଗି:** କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ମିନିଷ୍ଟାଡିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ‘ଆମ ହସ୍ପିଟାଲ’କୁ ଉଦ୍‌ଘାଟନ କରିଛନ୍ତି। ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନବୀକରଣ କରିବା ନିମନ୍ତେ ଓଡ଼ିଶା ସରକାର ‘୫-ଟି’ ମାଧ୍ୟମରେ ୨ କୋଟି ୯୨ ଲକ୍ଷ ଟଙ୍କା ଆର୍ଥିକ ରାଶି ଅନୁଦାନ ଦେଇଥିଲେ। ଉକ୍ତ ଯୋଜନାରେ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନବୀକରଣ କରାଯାଇଛି । ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ଏପିଓ ସୌମେନ୍ଦ୍ର ନାୟକ, ଜିପିଓ ଦିବାକର ପୁରୋହିତ, ଅମିତ ଅଗ୍ରୱାଲ, ବ୍ଲକ୍ ବିଜେଡି ସଭାପତି ବିଶ୍ୱନାଥ ପଡ଼ାଲ ଏବଂ ବିଭିନ୍ନ ଗ୍ରାମରୁ ଆସିଥିବା ଜନ ସାଧାରଣ ଉପସ୍ଥିତ ରହିଥିଲେ। ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନବୀକରଣ କରାଯିବା ଫଳରେ ସେହି ପଞ୍ଚାୟତ ସମିତିର ୧୪ଟି ପଞ୍ଚାୟତ ତଥା ପଟ୍ଟାଙ୍ଗି, ଗାଙ୍ଗରାଜପୁର, ମାଳିପୁଟ, ନୂଆଗାଁ, କୋଟିଆ, ଦେଓପଟ୍ଟାଙ୍ଗି, ପୂକାଲି, ଚନ୍ଦକା, ଗାଙ୍ଗରାଜପୁର, ସୁଙ୍କି, ସାମ୍ବାଇ, ତଳଗୋଲୁର୍, ଆମ୍ବାବିଲି, ରାଲେଗଡ଼ା ପଞ୍ଚାୟତର ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇପାରିବେ।

**ବୈପାରୀଗୁଡ଼ା :** ବୈପାରୀଗୁଡ଼ା ‘ଆମ ହସ୍ପିଟାଲ’କୁ ସୋମବାର ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୧୦ କୋଟି ଟଙ୍କାରେ ନିର୍ମିତ ତିନି ମହଲା କୋଠାକୁ ସୋମବାର ଭର୍ଚୁଆଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଲୋକାର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ରଘୁରାମ ପଡାଲ, ବ୍ଲକ୍ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ଉପାଧ୍ୟକ୍ଷ ପୂର୍ଣ୍ଣିମା ବାରିକ, ଜିଲ୍ଲା ପରିଷଦ ସଦସ୍ୟ ରାଜେଶ୍ୱର ମହୁରିଆ, ଦୋରାଗୁଡ଼ା ସମିତିସଭ୍ୟ ତ୍ରିଲୋଚନ ଜେନା, ଲକ୍ଷ୍ମଣ ଚନ୍ଦ୍ର ପଡ଼ିଆ, ମୁକ୍ତା ଯୋଜନା ଉପଦେଷ୍ଟା ମୀରା ପରିଡ଼ା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପାର୍ବତୀ ମସ୍ତି, ନବୀନ ଓଡ଼ିଶା ସଂଯୋଜକ ତୁଳସୀ କିର୍ସାନୀ, ହେମନ୍ତ ମହାପାତ୍ର ସହ ସମସ୍ତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ବ୍ଲକ କର୍ମଚାରୀ ଏବଂ ୨୦୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ସାମିଲ ହୋଇଥିଲେ।

**ଜୟପୁର :** କୋରାପୁଟ ଜିଲ୍ଲା ଜୟପୁର ଜିଲ୍ଲା ଚିକିତ୍ସାଳୟ ପରିସରରେ ‘ଆମ ହସ୍ପିଟାଲ’ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଉଦଘାଟନୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ୍ ତଥା ଭିଡିଓ କନଫରେନ୍ସି ମାଧ୍ୟମରେ ଉଦଘାଟନ କରିବା ସହିତ ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ଉନ୍ନତିକରଣ ପାଇଁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଆମ ହସପିଟାଲ ରୂପାନ୍ତରୀକରଣ ଯୋଜନାରେ ଚିକିତ୍ସାଳୟଗୁଡ଼ିକର ଆଧୁନିକୀକରଣ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଭର୍ଚୁଆଲ ମାଧ୍ୟମରେ ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରିଥିଲେ। ଜୟପୁରଠାରେ ପ୍ରାୟ ୭ କୋଟି ଟଙ୍କାରେ ଆମ ହସ୍ପିଟାଲ ଆଧୁନିକୀକରଣ ଭାବେ ଭବନ ମରାମତି, ଆହାର କେନ୍ଦ୍ର, ମିଶନ ଶକ୍ତି କାଫେ ଏବଂ ଏସଏନସିୟୁର ଉନ୍ନତିକରଣ କରାଯାଇଛି। ଜୟପୁରଠାରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ଚିକିତ୍ସାଳୟ ଅଧୀକ୍ଷକ ଡା. ରବିନ୍ଦ୍ରନାଥ ମିଶ୍ର, ମେଡିକାଲ ଅଧିକାରୀ ଡା. ରାମଚନ୍ଦ୍ର ମହାନ୍ତି, ବ୍ଲକ ଅଧ୍ୟକ୍ଷା ତିଲୋତ୍ତମା ମୁଦୁଲି, ଜିଲ୍ଲା ପରିଷଦ ସଦସ୍ୟା ତପତି ପଟ୍ଟନାୟକ, ଆସ୍ତା ନାୟକ, ରଶ୍ମି ରଥ, ବିଡିଓ ଶକ୍ତି ମହାପାତ୍ର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ଦୁଇ ମୃତ

**ପାପଡ଼ାହାଣ୍ଡି,୨୬।୨(ସମିସ):** ପାପଡ଼ାହାଣ୍ଡି ତୁରୀ ନଦୀଠାରେ ନିର୍ମାଣାଧୀନ ପୋଲ ନିକଟରେ ଡାଇଭର୍ସନ ରାସ୍ତା ଜାଣି ନ ପାରି ବାଇକ ଦୁର୍ଘଟଣା ହେବାରୁ ଜଣେ ଯୁବକ ଓ ଯୁବତୀଙ୍କ ମୃତ୍ୟୁ ହୋଇଛି। ସୂଚନା ପ୍ରକାରେ, ଉମରକୋଟ ଥାନା ଅନ୍ତର୍ଗତ ଗୋଇଦୌଡ଼ି ଗ୍ରାମର ବଳରାମ ମୁଦୁଲି ଓ ଡାବୁଗାଁ ଥାନା ଅନ୍ତର୍ଗତ ସିଉନାଗୁଡ଼ା ଗ୍ରାମର ରଇନା ଯାନୀ ରବିବାର ରାତି ୧୨ଟା ୩୦ରେ ଉଭୟ ଏକ ବାଇକ ଯୋଗେ ନବରଙ୍ଗପୁର ବ୍ଲକ୍ ଲୋଦିଯୋଡ଼ି ଯାଉଥିଲେ। ଏହି ସମୟରେ ପାପଡ଼ାହାଣ୍ଡି ତୁରୀ ନଦୀ ନିର୍ମାଣାଧୀନ ପୋଲ ପାଖ ଡାଇଭର୍ସନ ରାସ୍ତା ନ ଜାଣି ବାଇକ ଦୁର୍ଘଟଣା ହୋଇ ପୋଲ ତଳେ ପଡ଼ିବାରୁ ଉଭୟ ଗୁରୁତର ହୋଇଥିଲେ। ସେମାନଙ୍କୁ ପୁଲିସ ଉଦ୍ଧାର କରି ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ବାଟରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ଉଭୟ ମୃତକଙ୍କ ବାପା ଆସି ପାପଡ଼ାହାଣ୍ଡି ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଗତ ଏକ ମାସ ତଳେ ଡାଇଭର୍ସନ ନ ଜାଣି ୩ ଜଣ ବାଇକ୍ ଆରୋହୀ ଗୁରୁତର ହୋଇଥିଲେ। ଜଣଙ୍କର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତ୍ୟୁ ହୋଇଥିଲା। ରବିବାର ରାତିରେ ଦୁର୍ଘଟଣା ହୋଇ ୨ ଜଣଙ୍କ ମୃତ୍ୟୁ ହେବା ଘଟଣାଟି ସମ୍ବେଦନଶୀଳ ହୋଇପଡ଼ିଛି। ବିଭାଗ, ଯନ୍ତ୍ରୀ ଓ ଠିକାଦାରଙ୍କ ଅବହେଳା ଯୋଗୁଁ ଏହି ଦୁର୍ଘଟଣା ଘଟିଛି ବୋଲି ସାଧାରଣରେ ଆଲୋଚନା ହେଉଛି।

**● ପୁଲିସକୁ ଚ୍ୟାଲେଞ୍ଜ ଦେଲେ ଲୁଟେରା**

## ୩ଟି ସ୍ଥାନରେ ମହିଳାଙ୍କ ବେକରୁ ସୁନାହାର ଲୁଟ୍

**ଜୟପୁର,୨୬।୨(ସମିସ):**

କୋରାପୁଟ ଜିଲ୍ଲା ଜୟପୁର ଟାଉନ ଥାନା ପୁଲିସକୁ ସୁନାହାର ଲୁଟେରାମାନେ ଚ୍ୟାଲେଞ୍ଜ ଦେଇ ଗୋଟିଏ ଦିନରେ ସହରର ତିନିଟି ସ୍ଥାନରୁ ମହିଳାଙ୍କ ବେକରୁ ସୁନାହାର ଲୁଟିନେବାରେ ସଫଳ ହୋଇଛନ୍ତି। ଲୁଟେରାମାନେ ଗୋଟିଏ ଦିନରେ ମାତ୍ର ୨ ଘଣ୍ଟା ମଧ୍ୟରେ ତିନିଟି ସ୍ଥାନରେ ସୁନାହାର ଲୁଟକୁ ନେଇ ପୁଲିସର ଅକଲ ଗୁଡ଼ୁମ୍ ହୋଇଯାଇଛି। ଲୁଟେରାମାନଙ୍କୁ ଚିହ୍ନଟ କରିବା ନେଇ ପୁଲିସ ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରୁଛି। କିନ୍ତୁ ଲୁଟେରାମାନଙ୍କୁ ଚିହ୍ନଟ ନେଇ ସେହିପରି କୌଣସି ସୁରାକ ପାଇନାହିଁ। ଏହିପରି ସହରରେ ଚୋର ଓ ଲୁଟେରାଙ୍କ ପ୍ରାଦୁର୍ଭାବ ବୃଦ୍ଧିକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିବାବେଳେ ପୁଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ କାର୍ଯ୍ୟାନୁଷ୍ଠାନକୁ କଡ଼ାକଡ଼ି କରିବାକୁ ଦାବି କରାଯାଇଛି।

ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ଣ ୧୦ଟା ୧୫ ମିନିଟ ସମୟରେ ଲିଙ୍ଗରାଜ ନଗରର ବାସିନ୍ଦା ବିଶ୍ୱମ୍ବର ମଲ୍ଲିକଙ୍କ ପତ୍ନୀ ସରସ୍ୱତୀ ମଲ୍ଲିକ ନିଜ ଘର ସମ୍ମୁଖରେ ଦୋକାନରେ ବସିଥିବାବେଳେ ଦୁଇଜଣ ହେଲମେଟ ପିନ୍ଧି ବାଇକରେ ତାଙ୍କ ଦୋକାନ ନିକଟକୁ ଆସିଥିଲେ। ଜଣେ ବାଇକରେ ବସି ଷ୍ଟାର୍ଟିଂ ଅବସ୍ଥାରେ ଚାଳକ ବାଇକରେ ବସିଥିବାବେଳେ ପଛରେ ବସିଥିବା ଆରୋହୀ ଦୋକାନରୁ ପାନପୁଡ଼ିଆ କିଣି ୨୦ ଟଙ୍କା ଦେଇଥିଲେ। ବଳକା ୧୦ ଟଙ୍କା ମହିଳା ଦୋକାନୀ ସରସ୍ୱତୀ ଫେରାଇବା ପାଇଁ ବାହାର କରୁଥିବାବେଳେ ତାଙ୍କ ବେକରୁ ସୁନା ଚେନକୁ ଟାଣି ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସେହିପରି ଖଜୁରି ବନ୍ଧ ପଛପାଖ ଶାରଦା ବିହାରର ମହିଳା ଏ. ଭେଙ୍କଟମାଧବୀ ନିକଟସ୍ଥ ମନ୍ଦିରକୁ ଯାଉଥିବାବେଳେ ଦୁଇଜଣ ହେଲମେଟ ପିନ୍ଧିଥିବା ବାଇକ୍ ଚାଳକ ଆସି ତାଙ୍କ ବେକରୁ ସୁନାଚେନ ଟାଣି ନେଇ ଏନକେଟି ରାସ୍ତା ଦେଇ ଚମ୍ପଟ ମାରିଥିଲେ। ଅନ୍ୟ ଏକ ଘଟଣାରେ ସ୍ଥାନୀୟ ସମ୍ବାରତୋଟା ବାସିନ୍ଦା ସିଦ୍ଧାର୍ଥ ପାଣିଗ୍ରାହୀଙ୍କ ମାଆ ବଜାରକୁ ଯାଇ ଫେରୁଥିବାବେଳେ ସ୍ଥାନୀୟ ଜନଗହଳିପୂର୍ଣ୍ଣ ଇନ୍ଦିରା ଛକ ନିକଟରେ ମହିଳାଙ୍କ ପଛ ପଟରୁ ଏକ ବାଇକରେ ଦୁଇଜଣ ହେଲମେଟ ପିନ୍ଧିଥିବା ଲୁଟେରା ଆସି ପିନ୍ଧିଥିବା ଅଳଙ୍କାର ଲୁଟି ନେଇ ବେଲ୍ ରୋଡ ଦେଇ ଚମ୍ପଟ ମାରିଥିଲେ। ପୁଲିସ ପକ୍ଷରୁ ତିନିଟି ପୃଥକ ମାମଲା ରୁଜୁ କରିବା ସହିତ ତୁରନ୍ତ ଥାନାଧିକାରୀ ରମଣୀ ରଞ୍ଜନ ଦଳେଇଙ୍କ ନେତୃତ୍ୱରେ ଟାଉନ ଥାନା ପୁଲିସ ସହରର ବିଭିନ୍ନ ସ୍ଥାନକୁ ଯାଇ ଯାଞ୍ଚ କରିବା ସହିତ ତଦନ୍ତ ଜାରି ରଖିଛନ୍ତି।

# ଚୁକ୍ତିନାମାରେ ଅଟକିଛି ଦୁଇ ଗୋଷ୍ଠୀ ବିବାଦ

**କୁନ୍ଦୁରା,୨୬।୨(ସମିସ):** କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଘୁମର ଗ୍ରାମ ପଞ୍ଚାୟତର ଝଡ଼ିଗୁଡା ଗ୍ରାମବାସୀଙ୍କ ସହ କେ. ପକନାଗୁଡା ଗ୍ରାମର ଦୁଇ ଭାଇ ପୁରୁଷୋତ୍ତମ ଭେଜାଗୁଡ଼ିଆ ଓ ରତନ ଭେଜାଗୁଡ଼ିଆଙ୍କ ସରକାରୀ ଅନାବାଦୀ ଗୋଚର ଜମି ଅକ୍ତିଆରକୁ ନେଇ ଦୀର୍ଘ ଏକ ବର୍ଷ ହେବ ବିବାଦ ଲାଗି ରହିଥିଲା। ସେହି ବିବାଦ ଆଜି କୁନ୍ଦୁରା ତହସିଲଦାର ବିନୋଦ କୁମାର ନାୟକଙ୍କ କଡା ନିଷ୍ପତ୍ତି ପରେ ଏକ ଲିଖିତ ଚୁକ୍ତିନାମା ସହ ଆସନ୍ତା ଏକ ବର୍ଷ ପାଇଁ ବିବାଦ ଅଟକିଥିବା ଦେଖିବାକୁ ମିଳିଛି। ଆଜିର ଲିଖିତ ଚୁକ୍ତିନାମା ଓ ଦୁଇ ଗୋଷ୍ଠୀ କନ୍ଦଳ ଅଭିଯୋଗ ପତ୍ର ଅନୁସାରେ ଯାହା ସୂଚନା ମିଳିଛି, କେ. ପକନାଗୁଡ଼ା ଗ୍ରାମର ପୁରୁଷୋତ୍ତମ ଭେଜାଗୁଡ଼ିଆ ଓ ତାଙ୍କ ଭାଇ ରତନ ଭେଜାଗୁଡ଼ିଆ ଗତ କିଛି ବର୍ଷ ହେବ କେ ପକନାଗୁଡ଼ା ଓ ଝଡିଗୁଡା ଗ୍ରାମ ନିକଟରେ ରହିଥିବା ସରକାରୀ ଅନାବାଦୀ ଗୋଚର ଜମି ନିଜ ଦଖଲକୁ ନେଇ ନୀଳଗିରି ଚାଷ କରି ପ୍ରାୟ ୩ ଥର ସେହି ଗଛ କାଟି ବିକ୍ରି କରି ଲକ୍ଷାଧିକ ଟଙ୍କା ଲାଭ ପାଇଛନ୍ତି। ସରକାରୀ ଜମି ଦଖଲ କରିବା ସହ ଧୀରେଧୀରେ ନିକଟରେ ପ୍ରବାହିତ ହେଉଥିବା ନଦୀକୁ ମଧ୍ୟ ନିଜ ଆୟତରେ ନେଇ



ଝଡ଼ିଗୁଡ଼ା ଗ୍ରାମବାସୀଙ୍କୁ ଗୋଚର ଜମିରେ ଗାଇଗୋରୁ ଚରାଇବାକୁ ଦେଉଛନ୍ତି ନା ନଦୀକୁ ଯିବାକୁ ରାସ୍ତା ଦେଉଛନ୍ତି । ଏଥିପାଇଁ ଝଡ଼ିଗୁଡ଼ା ଗ୍ରାମବାସୀଙ୍କ ସହ ଏକାଧିକ ଥର ଝଗଡ଼ା ମଧ୍ୟ ହୋଇଯାଇଛି। ଏହି ବିଷୟକୁ ନେଇ ଝଡ଼ିଗୁଡ଼ା ଗ୍ରାମର ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ ଗତ ଏକ ବର୍ଷ ହେବ ଲିଖିତ ଅଭିଯୋଗ ନେଇ ଦିଗାପୁର ରାଜସ୍ୱ ନିରୀକ୍ଷକ ଓ କୁନ୍ଦୁରା ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଚାଲିଛନ୍ତି। କେ ପକାନାଗୁଡ଼ା ଗ୍ରାମର ଭେଜାଗୁଡ଼ିଆ ଦୁଇଭାଇଙ୍କ ଆକ୍ରୋଶମୂଳକ ବ୍ୟବହାର ଯୋଗୁଁ କେତେବେଳେ କେଉଁଭଳି ଅପ୍ରୀତିକର ଘଟଣା ଘଟିବ ସେଥିପାଇଁ ଝଡ଼ିଗୁଡ଼ା ଗ୍ରାମର ବୟୋଜ୍ୟେଷ୍ଠ ବୃଦ୍ଧ ବ୍ୟକ୍ତି ଗ୍ରାମବାସୀଙ୍କୁ ବୁଝାଇ ବାରମ୍ବାର କୁନ୍ଦୁରା ତହସିଲଦାର ନିକଟକୁ ଆସି ଘଟଣାର ସ୍ଥାୟୀ ସମାଧାନ ପାଇଁ ଲିଖିତ ଅନୁରୋଧ କରିଥିଲେ। ସରକାରୀ ଗୋଚର ଜମି ଜବର ଦଖଲକାରୀଙ୍କଠାରୁ ସରକାର ନିଜ ଅଧୀନକୁ ନେଇଯାଆନ୍ତୁ ଏବଂ ନଦୀକୁ ଜବରଦଖଲ କରିଥିବା ବ୍ୟକ୍ତିଙ୍କ ପ୍ରତି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ପୂର୍ବପୁରୁଷଠାରୁ ଗାଈ ଗୋରୁ ଚରୁଥିବା ଗୋଚର ଜମିକୁ ଗାଈଗୋରୁ ଚରିବା ପାଇଁ ଛାଡ଼ନ୍ତୁ ବୋଲି ଝଡ଼ିଗୁଡ଼ା ଗ୍ରାମବାସୀ ଲିଖିତ ଭାବେ କୁନ୍ଦୁରା ତହସିଲଦାରଙ୍କୁ ଦେଇଥିଲେ। ଗତ ୨୨ ତାରିଖ ଦିନ କୁନ୍ଦୁରା ତହସିଲଦାର ଏହି ଅଭିଯୋଗକୁ ଭିତ୍ତିକରି ବୈପାରୀଗୁଡ଼ା ଥାନାକୁ ଏକ ପତ୍ର ଦେବା ସହ ଉଭୟ ପକ୍ଷଙ୍କୁ ନୋଟିସ୍ ମାଧ୍ୟମରେ ସୋମବାର ଏହି ଘଟଣାର ଶୁଣାଣି ଧାର୍ଯ୍ୟ କରିଥିଲେ। ନୋଟିସ୍ ଅନୁସାରେ ଘଟଣାରେ ସମ୍ପୃକ୍ତ ଉଭୟ ପକ୍ଷ ପହଞ୍ଚିବା ସହ ଦିଗାପୁର ରାଜସ୍ୱ ନିରୀକ୍ଷକ ଭବାନୀ ଶଙ୍କର ଭତ୍ରା ମଧ୍ୟ ତହସିଲଦାରଙ୍କ ନିକଟରେ ପହଞ୍ଚି ଥିଲେ। ପ୍ରାୟ ୧ ଘଣ୍ଟା ଉଭୟ ପକ୍ଷଙ୍କ ସହ ଆଲୋଚନା କରିବା ପରେ କୁନ୍ଦୁରା ତହସିଲଦାର ଆସନ୍ତା ଏକ ବର୍ଷ ପାଇଁ ଉକ୍ତ ସରକାରୀ ଜମି ଦଖଲକାରୀଙ୍କ ନିକଟରେ ରହିବ କାରଣ ସେମାନେ ସେହି ଜମି ବାବଦକୁ ଚଳିତ ବର୍ଷର ଖଜଣା ଜମା କରିସାରିଲେଣି କିନ୍ତୁ ଆସନ୍ତା ବର୍ଷଠାରୁ ସେହି ଜମି କାହାରିକୁ ଦିଆଯିବ ନାହିଁ ବୋଲି କହି ଉଭୟ ପକ୍ଷଙ୍କୁ ବୁଝାଇଥିଲେ। ନଦୀକୁ କେହି ନିଜ ଆୟତ୍ତକୁ ନେଇ ପାରିବେ ନାହିଁ, ଏହା ସରକାରଙ୍କ ସମ୍ପତ୍ତି ଯାହା ସମସ୍ତେ ବ୍ୟବହାର କରିପାରିବେ। ଯଦି ଆଗକୁ ସେମିତି କୌଣସି ଭୁଲ ହୁଏ ତେବେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ଶ୍ରୀ ନାୟକ ବୁଝାଇଥିଲେ। ପରେ ଉଭୟ ପକ୍ଷଙ୍କୁ ନେଇ ଏକ ସ୍ୱଲିଖିତ ଚୁକ୍ତିନାମା ଲେଖାଯାଇ ସେଥିରେ ଉଭୟ ପକ୍ଷ ହସ୍ତାକ୍ଷର କରି ଫେରିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଏହି ଯେଉଁ ନିଷ୍ପତ୍ତି ନିଆଗଲା। ଏହା କେତେଦିନ ଦୁଇଟି ଗ୍ରାମର ଅସନ୍ତୋଷ ଗୋଷ୍ଠୀଙ୍କୁ ଶାନ୍ତ ରଖିବ ନା ପୁଣି କୌଣସି ଅପ୍ରୀତିକର ଘଟଣା ଘଟିବ। ଆମେ ଦୀର୍ଘ ଏକ

**● ତହସିଲଦାରଙ୍କ ନିଷ୍ପତ୍ତିକୁ ଦେଲେ ପ୍ରାଥମିକତା**

ବର୍ଷ ହେବ ଝଡ଼ିଗୁଡ଼ା ଗ୍ରାମବାସୀ ଅଭିଯୋଗ ପରେ ଅଭିଯୋଗ କରିଆସୁଛୁ। ଏହା ସତ୍ତ୍ୱେ କେମିତି ସେହି ଜମି ବାବଦରେ ଚଳିତ ବର୍ଷ ପାଇଁ ଖଜଣା ଆଦାୟ କରିଦିଆଗଲା। ଏଥିରେ ରାଜସ୍ୱ ଆଦାୟକୁ ପ୍ରାଧାନ୍ୟ ଦେଇ ପକ୍ଷପାତ କରାଯାଇଛି। ଗୋଟେ ପୁରା ଗାଁକୁ ଅଣଦେଖା କରି ମାତ୍ର ୨ ଜଣ ବ୍ୟକ୍ତି ବିଶେଷଙ୍କୁ ପ୍ରାଧାନ୍ୟ ଦିଆଯିବା ପଛରେ କ’ଣ କାରଣ ରହିଛି ବୋଲି ଝଡ଼ିଗୁଡ଼ା ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଆଜିପାଇଁ ଚୁପ୍ ହୋଇ ଫେରିଥିବା ଉଭୟ ପକ୍ଷଙ୍କ ମଧ୍ୟରେ ଯଦି କୌଣସି ଅପ୍ରୀତିକର ଘଟଣା ଘଟେ ତେବେ ସେଥିପାଇଁ କିଏ ଦାୟୀ ହେବ ଏହା ଏକ ବଡ଼ ପ୍ରଶ୍ନବାଚୀ ହୋଇ ରହିଛି।

## ଓଡ଼ିଶାରୁ ଆନ୍ଧ୍ରକୁ ଦାଦନ ଶ୍ରମିକ ଯାଉଥିବା ଭିଡିଓ ଭାଇରାଲ

**ପଟ୍ଟାଙ୍ଗି,୨୬।୨(ସମିସ):** କୋରାପୁଟ ଜିଲ୍ଲା ଓଡ଼ିଶା ସୀମାନ୍ତ ବ୍ଲକ୍ ପଟ୍ଟାଙ୍ଗିର ବିଭିନ୍ନ ଗ୍ରାମରୁ ଶହ ଶହ ଦାଦନ ଶ୍ରମିକ ଆନ୍ଧ୍ରକୁ ଦାଦନ ଖଟିବା ନିମନ୍ତେ ଯାଉଛନ୍ତି। ଉକ୍ତ ସମୟରେ ଆନ୍ଧ୍ରର ଏକ ବ୍ୟକ୍ତି ଦାଦନ ଶ୍ରମିକମାନଙ୍କୁ ଭିଡିଓ କରି ସୋସିଆଲ ମିଡିଆ ମାଧ୍ୟମରେ ଭାଇରାଲ୍ କରିଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ସୁଙ୍କି ଗ୍ରାମ ପଞ୍ଚାୟତର ଲିୟୁ ଗୁଣ୍ଡା ବୋଲି ପରିଚୟ ଦେଇ ଆମକୁ କେବଳ ବର୍ଷା ସମୟରେ



ଆମେ କାମ କରୁଛୁ। ଏହାପରେ ଆମ ଅଞ୍ଚଳରେ କାମ କରିବା ନିମନ୍ତେ ମିଳୁ ନ ଥିବା ଯୋଗୁଁ ଆମେ ଆନ୍ଧ୍ର ଦାଦନ ଖଟିବାକୁ ଆସୁଛୁ। ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ଚନ୍ଦକା, ଗାଲିପାଡ୍ଡୁ, ଗାଙ୍ଗରାଜପୁର ଆଦି ଗ୍ରାମଗୁଡ଼ିକରୁ ଶହ ଶହ ଦାଦନ ଶ୍ରମିକ ଆନ୍ଧ୍ର ଖଟିବାକୁ ଯାଉଛନ୍ତି। ଆମ୍ଭେ ୨୦ଟି ଅଟୋ ସାହାଯ୍ୟରେ ଗ୍ରାମରୁ ଅଣାଯାଇ ଓଡ଼ିଶା ଏବଂ ଆନ୍ଧ୍ର ସୀମାନ୍ତ ସାଲୁର ସହରରେ ପହଞ୍ଚିଛୁ। ଆମକୁ ଏଠାରୁ ଆନ୍ଧ୍ର ଗୁଡ଼ିୱାଡା ଗ୍ରାମର ଏକ ମାଲିକ କାର୍ଯ୍ୟ କରିବା ନିମନ୍ତେ ନେବାକୁ ଆସିବେ। ଏହି ସମୟରେ ଆମେ କାମ କରି ଆମର ଚୈତି ପର୍ବ ସମୟରେ ଗ୍ରାମକୁ ଯାଇ ଆମ ପାଇଥିବା ଟଙ୍କାଗୁଡ଼ିକୁ ଖର୍ଚ୍ଚ କରିବୁ ବୋଲି ଶ୍ରମିକମାନେ ଉକ୍ତ ଭିଡିଓରେ କହୁଥିବା ଦେଖିବାକୁ ମିଳିଛି।



## ସ୍ୱାଭିମାନ ଅଞ୍ଚଳରେ ପୁଲିସର ଜନସମ୍ପର୍କ ଶିବିର



**ଚିତ୍ରକୋଣ୍ଡା,୨୬ା୨(ସମିସ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ଥିବା ଯୋଡ଼ାଆମ୍ବ ଗ୍ରାମରେ ଜିଲ୍ଲା ପୁଲିସ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏକଦା ମାଓଗଡ଼ ଭାବେ ପରିଚିତ ଥିବା ଏହି ଅଞ୍ଚଳରେ ବର୍ତ୍ତମାନ ମାଓଗଡ଼ ଧ୍ୱଂସ ହେବା ସହ ରାଜ୍ୟ ସରକାରଙ୍କ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପୁଲିସ ପକ୍ଷରୁ ଲୋକଙ୍କ ବିଶ୍ୱାସଭାଜନ ହେବା ସହ ଲୋକଙ୍କ ନିକଟତର ଜିଲ୍ଲା ପୁଲିସ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଚିତ୍ରକୋଣ୍ଡା ଏସଡିପିଓ ଆଲେକ୍ସ କିସପୋଟା ଉପସ୍ଥିତ ଥିବାବେଳେ ଜିଲ୍ଲା ପୁଲିସର ବହୁ ଅଧିଆକରି, ସ୍ଥାନୀୟ ଥାନା ଅଧିକାରୀ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପୁଲିସ ଲୋକଙ୍କ ପାଇଁ ରହିଛି ଏବଂ ଲୋକେ ପୁଲିସକୁ ସହଯୋଗ କରିବା ସହ ନିଜର ସମସ୍ୟା ଜଣାଇଲେ ତାହାର ସମାଧାନ ପୁଲିସ କରିବ ବୋଲି ଉପସ୍ଥିତ ଅଧିକାରୀମାନେ ପ୍ରକାଶ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିବାବେଳେ ଲୋକଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରି ସ୍ୱାସ୍ଥ୍ୟ ପରୀକ୍ଷା ସହ ଲୋକଙ୍କୁ ଏବଂ ଯୁବକଯୁବତୀ ଓ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହା ସହ ସ୍ଥାନୀୟ ଯୁବପିଢ଼ିଙ୍କୁ ନେଇ ଏକ ଭଲିବଲ ମ୍ୟାଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲୋକେ ମଧ ଏହି କାର୍ଯ୍ୟକ୍ରମକୁ ନେଇ ବେଶ୍ ଖୁସି ପ୍ରକାଶ କରିବା ସହ ପୁଲିସ ପ୍ରଶାସନର ନିକଟତର ହୋଇଥିବା ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ମହିଳାଙ୍କୁ କରିଛି ସଶକ୍ତ

# ଇଟା ଓ ଛେଳି ବ୍ୟବସାୟ କରି ହେଉଛନ୍ତି ଲାଭବାନ

**ରାୟଗଡ଼ା, ୨୬ା୨(ସମିସ)**

ଇଟା ଓ ଛେଳି ବ୍ୟବସାୟ କରି ରୋଜଗାରକ୍ଷମ ହୋଇପାରିଛନ୍ତି ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଡାଙ୍ଗଲୋଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଲୁମତି ଗ୍ରାମର ଶିବାନୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ୧୦ଜଣ ମହିଳା। ପୂର୍ବରୁ ଛେଳି ବ୍ୟବସାୟ କରି ଲାଭବାନ୍ ହୋଇଥିବାବେଳେ ଚଳିତ ୨୦୨୩-୨୪ ଆର୍ଥିକ ବର୍ଷରେ ମାଟି ଇଟା ବ୍ୟବସାୟ ଆରମ୍ଭ କରିଛନ୍ତି ଶିବାନୀ ଏସଏଚଜି। ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ରାୟଗଡ଼ା ବ୍ଲକ୍ ତରଫରୁ ଏହି ମହିଳା ଏସଏଚଜିକୁ ବ୍ୟବସାୟ କରିବା ପାଇଁ ଉତ୍ସାହିତ କରାଯାଇଥିଲା। ସ୍ଥାୟୀ ଜୀବନ ଜୀବିକା ପାଇଁ ମହିଳାମାନଙ୍କୁ ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ବିଭାଗ ପକ୍ଷରୁ ରୋଜଗାରକ୍ଷମ ହେବାର ସୁଯୋଗ ଦିଆଯାଇଛି। ଏହି ଗୋଷ୍ଠୀର ମହିଳାମାନେ ନିଷ୍ଠାପର ଓ ପରିଶ୍ରମୀ ହୋଇ ଦୁଇଟି ବ୍ୟବସାୟକୁ ସଫଳ କରିବାରେ ସକ୍ଷମ ହୋଇଛନ୍ତି।

ମହିଳା ଗୋଷ୍ଠୀର ସଭାପତି ଦୁଣ୍ଡି ମେଲେକା ଓ ସମ୍ପାଦିକା ପୁରନୋ କାଡ୍ରକା ଗୋଷ୍ଠୀର ମଙ୍ଗୁଆଳ ହୋଇ ଏହି ଦୁଇଟି ବ୍ୟବସାୟ କରି ଅଞ୍ଚଳରେ ଉଦାହରଣ



ସୃଷ୍ଟି କରିପାରିଛନ୍ତି। ଚଳିତ ବର୍ଷ ରାୟଗଡ଼ା ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କରୁ ୫ଲକ୍ଷ ଟଙ୍କା ଋଣ ନେଇ ଇଟା ବ୍ୟବସାୟ ଆରମ୍ଭ କରିଛନ୍ତି। ମହିଳା ଗୋଷ୍ଠୀର ସଦସ୍ୟା ସୂର୍ଯ୍ୟୋ ଲିପିକା, ସାଇଲୁ କାଡ୍ରକା, ପୁଲାମେ ତାଡିଙ୍ଗି, ତାଲସୋ ତାଡିଙ୍ଗି, ଓରାଲୁ କଣ୍ଡାଗରି, ମିଟି ଲିପାକା, ବାଇଦେ ଲିପାକା, ସାମି ତାଡଙ୍ଗି, ଦୁଣ୍ଡି ମେଲେକା, ପୁରନୋ କାଡ୍ରକା ପ୍ରମୁଖ ମାଟି ଦଳିବାଠାରୁ ଆରମ୍ଭ କରି ଇଟା ପୋଡ଼ିବା ପର୍ଯ୍ୟନ୍ତ ସମସ୍ତ କାମ ନିଜେ କରିବା ସହ ଇଟା ପ୍ରସ୍ତୁତ ହେବା

**● ଶିବାନୀ ଏସ୍ଏଚ୍‌ଜି ହେଲା ରୋଜଗାରକ୍ଷମ**

ପରେ ଡାଙ୍ଗଲୋଡି ଗ୍ରାମ ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳରେ ନିର୍ମାଣ ହେଉଥିବା ଆବାସ ଯୋଜନାର ଗୃହ ତଥା ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକ ନିମନ୍ତେ ହିତାଧିକାରୀ ଏବଂ ଠିକାଦାରମାନଙ୍କୁ ବଜାର ମୂଲ୍ୟଠାରୁ କମ୍ ଦରରେ ଇଟା ଯୋଗାଇଦେବେ ବୋଲି ଗୋଷ୍ଠୀର ସମ୍ପାଦିକା ପୁରନୋ କାଡ୍ରକା ପ୍ରକାଶ କରିଛନ୍ତି। ସେହିପରି ଇଟା ବ୍ୟବସାୟ ପୂର୍ବରୁ ଛେଳି ବ୍ୟବସାୟ କରି ବାର୍ଷିକ ୨ ଲକ୍ଷ ଟଙ୍କା ରୋଜଗାର କରି ସମସ୍ତ ସଦସ୍ୟା ଉପକୃତ ହୋଇପାରୁଥିବା ସଭାନେତ୍ରୀ ଦୁଣ୍ଡି ମେଲେକା ପ୍ରକାଶ କରିଛନ୍ତି। ଓଡ଼ିଶା ଜୀବିକା ମିଶନ ରାୟଗଡ଼ା ଜିଲ୍ଲା ପ୍ରକଳ୍ପ ପରିଚାଳକ ହେମନ୍ତ କୁମାର ବାଗଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ବ୍ଲକର ଗୋଷ୍ଠୀ ପ୍ରକଳ୍ପ ପରିଚାଳିକା କମଳିନୀ ପଢ଼ିହାରୀ ବିଭିନ୍ନ ସମୟରେ ଗ୍ରାମ ପଞ୍ଚାୟତସ୍ତରୀୟ ସଂଘ ବୈଠକରେ ସମସ୍ତ ଗୋଷ୍ଠୀଙ୍କୁ ରୋଜଗାରକ୍ଷମ ହେବା ନିମନ୍ତେ ସଚେତନ କରି ଆସୁଥିବାବେଳେ ବାଲୁମତି ଆଞ୍ଚଳିକ ମଞ୍ଚର ଶିବାନୀ ସ୍ୱୟଂ ସହାୟିକା ଗୋଷ୍ଠୀ ଏହି ଦୁଇଟି ବ୍ୟବସାୟ କରି ଅନ୍ୟ ମହିଳା ଗୋଷ୍ଠୀଙ୍କ ପାଇଁ ରୋଜଗାରକ୍ଷମର ପ୍ରେରଣାର ଉତ୍ସ ପାଲଟିଛନ୍ତି। ତତ୍ ସହିତ ଏହି ଆଞ୍ଚଳିକ ମଞ୍ଚର ଦାୟିତ୍ୱରେ ଥିବା ଗୋଷ୍ଠୀ ପରିଚାଳିକା ସୁରଭି ପାସୁରେଡ୍ଡିଙ୍କ ସହଯୋଗରେ ଏହା ସମ୍ଭବପର ହୋଇପାରିଛି। ପୂର୍ବରୁ ଜଣଙ୍କ ରୋଜଗାରରେ ପରିବାର ପ୍ରତିପୋଷଣ କରିବା ଏକ ପ୍ରକାର କଷ୍ଟସାଧ ହେଉଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ସଶକ୍ତୀକରଣ ଦିଗରେ ଗଠନ କରିଥିବା ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ଆମେ ଏହି ଦୁଇଟି ବ୍ୟବସାୟ କରି ନିଜ ପରିବାର ଭରଣପୋଷଣରେ ସହାୟକ ହୋଇପାରୁଛୁ ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ମହିଳାଙ୍କୁ ସଶକ୍ତ କରିପାରିଛି ବୋଲି ସଭାନେତ୍ରୀ ଦୁଣ୍ଡି ମେଲେକା ପ୍ରକାଶ କରିଛନ୍ତି।

## ଜୁଆ ଆଡ୍ଡାରେ ଚଢ଼ଉ; ୫ ଜୁଆଡ଼ି ଗିରଫ

**ମାଲକାନଗିରି,୨୬ା୨(ସମିସ):** ମାଲକାନଗିରି ପୁଲିସ ଏକ ଜୁଆ ଆଡ୍ଡାରେ ଚଢ଼ଉ କରି ୫ ଜଣଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ମାଲକାନଗିରି ଥାନା ଅନ୍ତର୍ଗତ ଶିଖପାଲି ଗ୍ରାମ ନିକଟରେ ପୁଲିସ ଟିମ୍ ରବିବାର ବିଳମ୍ବିତ



ରାତିରେ ପାଟ୍ରୋଲିଂ କରୁଥିବାବେଳେ ଗ୍ରାମ ନିକଟରେ ଏକ ପଡ଼ିଆରେ ଖୁଲୁଖୁଲି ଜୁଆ ଖେଳ ଜାରି ରହିଥିବା ନେଇ ବିଶେଷ ସୂତ୍ରରୁ ସୂଚନା ପାଇଥିଲେ। ଏହାପରେ ପୁଲିସ ଟିମ୍ ସେଠାରେ ଚଢ଼ଉ କରିଥିବାବେଳେ ଜୁଆଡ଼ିମାନେ ପୁଲିସକୁ ଦେଖି ଛତ୍ରଭଙ୍ଗ ଦେଇଥିଲେ। ତେବେ ପୁଲିସ ଟିମ୍ କଳେବଳେ ଘଟଣାସ୍ଥଳରୁ ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ସୂଚନା ପାଇ ଆଉ ୨ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ବ୍ୟକ୍ତିମାନେ ହେଲେ ଶିଖପାଲି ଅଞ୍ଚଳର ଜଗା ମାଡକାମୀ(୫୦), ରାମା ମାଡ଼ି(୫୯), ମୋୟା ମାଡକାମୀ(୨୮), ବନ୍ଧଗୁଡ଼ା ଅଞ୍ଚଳର ରାମ ପଡ଼ିଆମୀ(୨୨), ଏମଭି ୧୭ ଗ୍ରାମର ସୁବଳ ସାହା (୪୫)। ଏମାନଙ୍କ ନିକଟରୁ ପୁଲିସ ୯୨୮୦ ଟଙ୍କା ସହ ଜୁଆ ଖେଳରେ ବ୍ୟବହୃତ ସାମଗ୍ରୀ ଜବତ କରି ଗିରଫ ବ୍ୟକ୍ତିମାନଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି।

## ଶ୍ରୀନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



**କୋରୁକୋଣ୍ଡା,୨୬ା୨(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ନାକାମାମୁଡ଼ି ଗ୍ରାମ ପଞ୍ଚାୟତ ଖଡ଼ିକାଜୋଡ଼ିଠାରେ ଶ୍ରୀନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠାର ଆଜି ଶେଷ ଦିନରେ ଭକ୍ତଙ୍କ ଗହଳରେ ଶ୍ରୀନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ପ୍ରବେଶ ଶେଷ ହୋଇଛି। ପ୍ରତିଷ୍ଠା ଉତ୍ସବ ଗତ ତିନିଦିନ ଧରି ଚାଲୁ ରହିଥିବାବେଳେ ଶନିବାର ପ୍ରଥମ ଦିନରେ ଦିକ୍ଷା ଗ୍ରହଣ ସହିତ ଜଳଯାତ୍ରା, ଅଙ୍କୁରାରୋପଣ, କର୍ମାରମ୍ଭ ଓ ଧାନ୍ୟାଧିବାସ ଅନୁଷ୍ଠିତ ହୋଇଥିଲା। ରବିବାର ଦ୍ୱିତୀୟ ଦିବସରେ ସତାଙ୍ଗ କର୍ମ, ସୂର୍ଯ୍ୟପୂଜା, ସାଲାଂଘ ଦେବତା ପୂଜା, ଅଗ୍ନି ସ୍ଥାପନା, ମହାସ୍ନାନ, ସୟନ, ବିଶେଷ ହୋମ ଅନୁଷ୍ଠିତ ହୋଇଥିବାବେଳେ ସୋମବାର ଶେଷ ଦିବସରେ ସତାଙ୍ଗ କର୍ମ, ସୂର୍ଯ୍ୟପୂଜା, ସାଲାଂଘ ଦେବତା ପୂଜା, ଦେବତା ନଗର ଭ୍ରମଣ, ତ୍ରିଶୂଳ, ଧ୍ୱଜା ସ୍ଥାପନ ପୂର୍ବକ ଦେବତା ମନ୍ଦିର ପ୍ରବେଶ ଓ ପୂର୍ଣ୍ଣାହୁତି ହୋଇଥିଲା। ଏହି ଅବସରରେ ମନ୍ଦିର କମିଟି ସଭାପତି ଜୟରାମ ଗୋଲାରୀ, ସମ୍ପାଦକ ରାଜେନ୍ଦ୍ର ଖରା, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର, ଆୟୋଜକ ମଦନ ଖୋସାଲା, ଆବାହକ ଘେନୁ ଖିଲ, ତ୍ରିନାଥ ଖାରଙ୍କ ସମେତ କମିଟି ସଦସ୍ୟ ଓ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଶ୍ରୀନୀଳକଣ୍ଠେଶ୍ୱର ମହାଦେବଙ୍କ ଆଶୀର୍ବାଦ ପ୍ରାପ୍ତି କରିବା ସହିତ ପ୍ରସାଦସେବନ କରିଥିଲେ।

## ସୀମାନ୍ତରେ ୮ ଲକ୍ଷ ଇନାମୀ କୁଖ୍ୟାତ ମାଓବାଦୀର ଆତ୍ମସମର୍ପଣ

**ମାଲକାନଗିରି,୨୬ା୨(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲା ପୁଲିସ ନିକଟରେ ଜଣେ ୮ ଲକ୍ଷ ଟଙ୍କା ଇନାମୀ କୁଖ୍ୟାତ ମାଓବାଦୀ ନାଗେଶ ଆତ୍ମସମର୍ପଣ କରିଛି। ସୂଚନା ଅନୁଯାୟୀ, ସୋମବାର ଛତିଶଗଡ଼ର ସୁକମା ଜିଲ୍ଲା ପୁଲିସ ନିକଟରେ କୁଖ୍ୟାତ ମାଓବାଦୀ ତଥା ମାଓ ସଂଗଠନର ପିଏଲଜିଏ ବାଟାଲିୟନ ୨ର କାମାଣ୍ଡର ନାଗେଶ (ଛଦ୍ମନାମ) ଏରା ସୁକମା ଏସପି କିରଣ ଚୌହାନଙ୍କ ନିକଟରେ ଆତ୍ମସମର୍ପଣ କରିଛି। ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୧୦ରେ ତାଡ଼ମେଟଲାରେ ସୁରକ୍ଷାବାହିନୀ ଯବାନଙ୍କ ଉପରେ ମାଓ ସଂଗଠନ ଆକ୍ରମଣ କରିଥିଲେ, ଯେଉଁଥିରେ ୭୬ଜଣ ଯବାନ ସହିଦ ହୋଇଥିଲେ।



ତେବେ ଏହି ଆକ୍ରମଣରେ ନାଗେଶ ମୁଖ୍ୟ ଭୂମିକା ନିର୍ବାହ କରୁଥିଲା। ଏହାସହ ସେ ଅନେକ ମାଓ ହିଂସାକାଣ୍ଡ କରିବା ସହ ଲୋକଙ୍କୁ ମାରପିଟ କରିବା, ଗାଡ଼ି ପୋଡ଼ାଜଳା କରିବା ସହ ଅନେକ ମାଓ ହିଂସାରେ ଜଡ଼ିତ ରହି ମାଓ କାର୍ଯ୍ୟକଳାପ କରୁଥିଲା। ବର୍ତ୍ତମାନ ମାଓ ସଂଗଠନ ନିଜ ନୀତି ଆଦର୍ଶ ହରାଉଥିବାରୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଏକ ନୂଆ ଜୀବନ ସୃଷ୍ଟି କରିବା ପାଇଁ ସେ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛି। ଛତିଶଗଡ଼ ସରକାରଙ୍କ ଆତ୍ମସମର୍ପଣ ନୀତି ଅନୁଯାୟୀ ନାଗେଶକୁ ସରକାରୀ ସୁବିଧା ଯୋଗାଇ ଦିଆଯିବ ବୋଲି ସୁକମା ଏସପି କିରଣ ଚୌହାନ ସୂଚନା ଦେଇଛନ୍ତି।

## ବାଲିମେଳା ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକ

**ବାଲିମେଳା,୨୬ା୨(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟଠାରେ ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ପତିତପାବନ ଦାସଙ୍କ ନେତୃତ୍ୱରେ ମହାବିଦ୍ୟାଳୟ ଅଧ୍ୟକ୍ଷ ରବୀନ୍ଦ୍ର ନାଥ ପାତ୍ର କାର୍ଯ୍ୟାଳୟ ସଭା



କକ୍ଷରେ କମିଟି ସଦସ୍ୟମାନଙ୍କୁ ନେଇ ଆଲୋଚନା କରାଯାଇଥିଲା। ବୈଠକ ଆରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ପାତ୍ର ମହାବିଦ୍ୟାଳୟର ସୁବିଧା ଅସୁବିଧା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟତଃ ମହାବିଦ୍ୟାଳୟର ନାକ୍ ମାନ୍ୟତା ପାଇଁ ଚେଷ୍ଟା କରିବା, +୩ ଛାତ୍ରଛାତ୍ରୀଙ୍କ ପାଇଁ ସାଇକଲ ଷ୍ଟାଣ୍ଡ ନିର୍ମାଣ, ମହାବିଦ୍ୟାଳୟ କୋଠାଗୁଡ଼ିକୁ ରଙ୍ଗ ମାରିବା, ଜାତୀୟ ଓ ରାଜ୍ୟସ୍ତରୀୟ ସେମିନାର ଯୋଗ ପାଇଁ ଅଧ୍ୟାପକଅଧ୍ୟାପିକାମାନଙ୍କୁ ଉତ୍ସାହିତ କରିବା, ଲାଇବ୍ରେରୀ ପାଇଁ ନୂତନ ପାଠ୍ୟ ପୁସ୍ତକ କିଣିବା, ଏଥି ସହିତ ଛାତ୍ରଛାତ୍ରୀମାନଙ୍କ ମାସିକ ଦେୟ ୩୫ରୁ ୫୦ ଟଙ୍କାକୁ ବୃଦ୍ଧି, ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନେଇ କ୍ଲବ ଗଠନ ଆଦି ନେଇ ପ୍ରସ୍ତାବ ସମସ୍ତଙ୍କ ଦ୍ୱାରା ଗୃହୀତ ହୋଇଥିଲା।

## ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଅଭିଯାନ



**ମାଲକାନଗିରି,୨୬ା୨(ସମିସ):** ମାଲକାନଗିରି ସଦର ବ୍ଲକ୍ ଗୁରାକୁଣ୍ଡା ଗ୍ରାମ ପଞ୍ଚାୟତଠାରେ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମି ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶର ବାର୍ତ୍ତା ସହ ଜନହିତକର ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ଏହାସହ ଉପସ୍ଥିତ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତାଙ୍କୁ ତୃଣମୂଳସ୍ତରରୁ କାର୍ଯ୍ୟ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଆହୁରି ଅଧିକ ସଶକ୍ତ କରିବା ଏବଂ ଆଗାମୀ ନିର୍ବାଚନରେ ବିଜୁ ଜନତା ଦଳକୁ ବିପୁଳ ଭୋଟରେ ବିଜୟ କରିବା ପାଇଁ କର୍ମକର୍ତ୍ତାଙ୍କ ମନୋବଳ ବଢ଼ାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ବ୍ଲକ୍ ଅଧ୍ୟକ୍ଷା ଗୌରି ପଡିଆମି, ଜୋନ୍ ସଂଯୋଜକ ତଥା ବିଜେଡି ଜିଲ୍ଲା ଉପଦେଷ୍ଟା ପ୍ରଫୁଲ୍ଲ କୁମାର ପଣ୍ଡା, ଜିଲ୍ଲା ଉପସଭାପତି ଗଣେଶ ମଣ୍ଡଳ, ଶିଖପାଲି ଜୋନ୍ ଜିଲ୍ଲା ପରିଷଦ ମୁକା ମାଡକାମି, ସୁଭାଷ ବେନର୍ଜିଙ୍କ ସହ ବିଜୁ ଜନତା ଦଳର ବହୁ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

## ସ୍ୱାମୀ ବିବେକାନନ୍ଦ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଶିଖପାଲି,୨୬ା୨(ସମିସ):** ମାଲକାନଗିରି ଜିଲ୍ଲା ଏମଭି ୧୭ ଗ୍ରାମ ସ୍ୱାମୀ ବିବେକାନନ୍ଦ ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ଏମଭି ୧୭ରେ ଥିବା ଏହି ବିଦ୍ୟାଳୟରେ ଆୟୋଜିତ ଦ୍ୱିତୀୟ ବାର୍ଷିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ପୂର୍ବତନ ବିଧାୟକ ତଥା ମାଲକାନଗିରି ଜିଲ୍ଲା ବିଜୁ



ଜନତା ଦଳର ଜିଲ୍ଲା ସଭାପତି ମାନସ ମାଡକାମି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିବାବେଳେ ସମ୍ମାନିତ ଅତିଥି ଭାବରେ ମାଲକାନଗିରି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଭାତୀ ଝଡ଼ିଆ, ବିଇଓ ବିରେନ୍ଦ୍ର କୁମାର କର, ସ୍ୱାମୀ ବିବେକାନନ୍ଦ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ନରେଶ ସାମଲ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହ ଛାତ୍ରଛାତ୍ରୀମାନେ ହେଉଛନ୍ତି ଦେଶର ଭବିଷ୍ୟତ, ତେଣୁ ସମସ୍ତେ ଉତ୍ତମ ଶିକ୍ଷା ଗ୍ରହଣ କରିବା ସହ ବିଭିନ୍ନ କ୍ଷେତ୍ରରେ ନିଜର ମନୋନିବେଶ କରି ଆଗକୁ ବଢ଼ିବା ପାଇଁ ଉପସ୍ଥିତ ଅତିଥିମାନେ ମତ ରଖିଥିଲେ।

## ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରୋତ୍ସାହନ କାର୍ଯ୍ୟକ୍ରମ

**ମାଲକାନଗିରି,୨୬ା୨(ସମିସ):** ମାଲକାନଗିରି ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ମାଲକାନଗିରି ମହାବିଦ୍ୟାଳୟ ଶିକ୍ଷାକେନ୍ଦ୍ର ତରଫରୁ ସୋମବାର ସରକାରୀ ପଲିଟେକନିକ ଓ ଶିଳ୍ପ ତାଲିମ ପ୍ରତିଷ୍ଠାନ ଦୁଇଟି ସ୍ଥାନରେ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମାଲକାନଗିରି




ମହାବିଦ୍ୟାଳୟର ଇଗ୍ନୋ ସଂଯୋଜକ ଅଶୋକ କୁମାର ଷଡ଼ଙ୍ଗୀ ଓ ବାଣିଜ୍ୟ ବିଭାଗର ମୁଖ୍ୟ ଡ. ରଞ୍ଜନ କୁମାର ସ୍ୱାଇଁ ଆୟୋଜିତ କରିଥିଲେ। ସରକାରୀ ପଲିଟେକନିକ ମାଲକାନଗିରିର ଅଧ୍ୟକ୍ଷ ଇଂ. ଜ୍ଞାନ ରଞ୍ଜନ ଦାସ ଓ ସହକାରୀ କର୍ମଚାରୀ ଇଂ. ପିନାକୀ ପାତ୍ର, ପ୍ରଦୀପ କୁମାର ରାୟ, ବିପିନ ବିହାରୀ ଗୌଡ଼ ଓ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏଥିରେ ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ପଲିଟେକନିକ କଲେଜରେ ଉପସ୍ଥିତ ଥିଲେ ଓ ଇଗ୍ନୋରେ ନାମ ଲେଖାଇବା ପାଇଁ ସେମାନଙ୍କର ଇଚ୍ଛା ପ୍ରକାଶ କରିଥିଲେ। ସେହିପରି ଶିଳ୍ପ ତାଲିମ ପ୍ରତିଷ୍ଠାନରେ ଅଧ୍ୟକ୍ଷ ଇଂ. ସୌମ୍ୟ ରଞ୍ଜନ ବେହେରା ତାଙ୍କର ସହକାରୀ କର୍ମଚାରୀଙ୍କ ଉପସ୍ଥିତିରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଇଗ୍ନୋ ବିଷୟରେ ବୁଝାଇଥିଲେ ଓ ଇଗ୍ନୋର ବିଭିନ୍ନ କାର୍ଯ୍ୟକ୍ରମରେ ନାମ ଲେଖାଇବା ପାଇଁ ପ୍ରୋତ୍ସାହନ ଦିଆଯାଇଥିଲା। ଶିଳ୍ପ ତାଲିମ ପ୍ରତିଷ୍ଠାନରେ ମଧ ଅଧିକାଂଶ ଛାତ୍ରଛାତ୍ରୀ ଇଗ୍ନୋରେ ନାମ ଲେଖାଇବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ।

## ବିଶ୍ୱ ବାଣିଜ୍ୟ ସଂଗଠନ ଛାଡ଼ ଦିବସ ପାଳନ

**କଲ୍ୟାଣସିଂହପୁର,୨୬ା୨(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଶିକରପାଇ ଗ୍ରାମ ପଞ୍ଚାୟତର ଧାମଲିମା ଆମ୍ବତୋଟାରେ କିଷାନ ମୋର୍ଚ୍ଚା (ସିକେଏମ) ତରଫରୁ ଦେଶବ୍ୟାପୀ ପ୍ରତିବାଦ କରାଯାଇଛି। ରାଷ୍ଟ୍ର ପରିଚାଳିତ ନୃଶଂସ ଦମନ ଓ ଟ୍ରାକ୍ଟର କ୍ଷୟକ୍ଷତିର ନ୍ୟାୟିକ



ତଦନ୍ତ କରିବା, ୨୬ ଫେବୃଆରୀ ୨୦୨୪କୁ 'ଭାରତ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ଛାଡ଼ ଦିବସ' ଭାବେ ପାଳନକୁ ବନ୍ଦ କରିବା, ମନ୍ତ୍ରୀସ୍ତରୀୟ ସମ୍ମିଳନୀ ଏମ୍.ସି- ୧୩ ସଂଯୁକ୍ତ କୃଷକ ମୋର୍ଚ୍ଚା (ଏସ୍.କେ.ଏମ୍) ମୋଦି ସରକାରଙ୍କ କୃଷକ ବିରୋଧୀ ନୀତିକୁ ବିରୋଧ କରିବା, ଆଳାପ-ଆଲୋଚନା ବନ୍ଦ କରିବା, ଭାରତ ସରକାର କୃଷକମାନଙ୍କୁ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍.ଏସ୍.ପି) ଲାଗୁ କରିବା, ଖାଦ୍ୟ ଶସ୍ୟ ବଣ୍ଟନ ବଦଳରେ ସିଧାସଳଖ ନଗଦ ହସ୍ତାନ୍ତର କରିବା, ସୁଲଭ ମୂଲ୍ୟରେ ଖାଦ୍ୟଶସ୍ୟ ବଣ୍ଟନ, ପିଡିଏସ୍ ବଣ୍ଟନ ବ୍ୟବସ୍ଥା ପ୍ରତ୍ୟାହାର କରିବା, ଦେଶର କୃଷକ, ଗରିବ ଲୋକଙ୍କ ଖାଦ୍ୟ ନିରାପତ୍ତା ଏବଂ ଭାରତର ସାର୍ବଭୌମତ୍ୱ ପାଇଁ କ୍ଷତିକାରକ ହେବ ବୋଲି ସଭାରେ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାମଚନ୍ଦ୍ର ପ୍ରାସ୍କା, ମୂର୍ତ୍ତି ମିଣିଆକା, ମେଦିରି ଗରଡ଼ିଆ, ଆଛାନା ମଣ୍ଡାଙ୍ଗି, ବୈଷ୍ଣମ ଉଲକା, ଆଶ୍ରିଗା ଅଟକା, ଚୈତନ୍ୟ ଗରଡ଼ିଆ, ସୁନ୍ଧୁରୁ ମିଣିଆକା ପ୍ରମୁଖ ଉପସ୍ଥିତ ଥିଲେ।

## ବଂଶଧାରା ନଦୀରେ ଛଡ଼ାଗଲା ୨.୫୦ ଲକ୍ଷ ମାଛ ଯାଆଁଳ

**ରାମନାଗୁଡ଼ା,୨୬ା୨(ସମିସ)**

ଦିନକୁ ଦିନ ନଦୀରେ ମାଛ ବଂଶ ଲୋପ୍ ପାଇଯାଉଛି। ଏଥିପାଇଁ ସରକାରଙ୍କ ନିର୍ଦ୍ଦେଶ ପରେ ରାୟଗଡ଼ା ଜିଲ୍ଲା ମତ୍ସ୍ୟ ବିଭାଗ ତରଫରୁ ଚଳିତ ବର୍ଷ ବଂଶଧାରା ନଦୀରେ ୨ ଲକ୍ଷ ୫୦ ହଜାର ମାଛ ଯାଆଁଳ ଛଡ଼ାଯାଇଛି। ରାମନାଗୁଡ଼ା ବ୍ଲକ୍ ଗୁମୁଡ଼ା ବଂଶଧାରା ନଦୀରେ ମାଛ ବଂଶ ବୃଦ୍ଧି କରିବା ସକାଶେ ରାୟଗଡ଼ା ଜିଲ୍ଲା ମତ୍ସ୍ୟ ବିଭାଗ ତରଫରୁ ଅଭିନବ ପ୍ରୟାସ କରିଛି। ବିଭିନ୍ନ ପ୍ରଜାତିର ମାଛ ଯାଆଁଳ ଛଡ଼ାଯାଇଛି। ବିଭିନ୍ନ ପର୍ଯ୍ୟାୟରେ ବଂଶଧାରା ନଦୀରେ ୭ ଲକ୍ଷ ଉର୍ଦ୍ଧ୍ୱ ମାଛ ଯାଆଁଳ ଛଡ଼ାଯିବ। ସୋମବାର



୨ ଲକ୍ଷ ୫୦ ହଜାର ମାଛ ଯାଆଁଳ ଛଡ଼ାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ଭାମିନୀ ସରପଞ୍ଚ ରିତୁପ୍ରଭା ଗମାଙ୍ଗ ଯୋଗଦେଇ ମାଛ ଯାଆଁଳ ଛାଡ଼ିଥିଲେ। ଆଗକୁ ମଧ ବିଭିନ୍ନ ପର୍ଯ୍ୟାୟରେ ନଦୀକୁ ସଂଯୋଗ କରୁଥିବା ଛୋଟ ଛୋଟ ନାଳରେ ମଧ ମାଛ ଯାଆଁଳ ଛଡ଼ାଯିବ। ଫଳରେ ମାଛ ବଂଶ ବୃଦ୍ଧି ପାଇବ। ଆଉ ନିଜର ବୃତ୍ତି ପ୍ରତି ବିମୁଖ ଥିବା ମତ୍ସ୍ୟଜୀବୀମାନଙ୍କ ଆର୍ଥିକ ରୋଜଗାର ବୃଦ୍ଧିରେ ସହାୟକ ହେବ ବୋଲି ଗୁଣୁପୁର ବିଧାୟକ ଶ୍ରୀ ଗମାଙ୍ଗ ସୂଚନା ଦେଇଛନ୍ତି। ସେହିଭଳି କଳାହାଣ୍ଡି ଡେପୁଟି ମତ୍ସ୍ୟ ଅଧିକାରୀ ମଧ ମାଛ ବଂଶ ନଦୀରେ ବୃଦ୍ଧି ପାଇବ ବୋଲି କହିଥିଲେ। ଏହି ସମୟରେ ରାଜ୍ୟ ଛାତ୍ର ଉପସଭାପତି ପିଙ୍କୁ ପଣ୍ଡା, ଜିଲ୍ଲା ମତ୍ସ୍ୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ, ରାମନାଗୁଡ଼ା ବିଡିଓ ପ୍ରଦ୍ୟୁମ୍ନ ମଣ୍ଡଳ, ରାମନାଗୁଡ଼ା, ପଦ୍ମପୁର, ଗୁଣୁପୁର ବ୍ଲକର ମତ୍ସ୍ୟ ଅଧିକାରୀ ଭାମିନୀ ସରପଞ୍ଚ, ପଦ୍ମପୁରର ସଫଳ ମାଛ ଚାଷୀ ଭାବେ ତାତ ବାବୁ ପରିଚିତ ଥିବା ମାଝୀ ଜଗଦୀଶ୍ୱର ରାଓ, ସ୍ଥାନୀୟ ମିଶନ ଶକ୍ତି ମା'ମାନଙ୍କ ସହ ଅନେକ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

## ବିଭିନ୍ନ ସମସ୍ୟାକୁ ନେଇ ୪ଟି ଗ୍ରାମର ବାସିନ୍ଦାଙ୍କ ବୈଠକ

**ମାଲକାନଗିରି,୨୬ା୨(ସମିସ):** ମାଲକାନଗିରି ସଦର ବ୍ଲକ୍ ଅନ୍ତର୍ଗତ ସିନ୍ଧ୍ରିମାଲ ଗ୍ରାମ ପଞ୍ଚାୟତର ମୁନୁସା ଗ୍ରାମର ମା' ବାରିଆ ମାଉଳି ମନ୍ଦିର ପ୍ରାଙ୍ଗଣରେ ବାତ୍ରୀଅଟାଳ, ବନ୍ଧଗୁଡ଼ା, ସୋରିଷମାଳ ଓ ମୁନୁସା ଗ୍ରାମର ଜନସାଧାରଣ ଏକାଠି ହୋଇ ବିଭିନ୍ନ ସମସ୍ୟା ନେଇ ଏକ ବୈଠକ କରିଥିଲେ। ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜୁ ଜନତା ଦଳର ସଭପତି ମାନସ ମାଡକାମୀ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଯଥା- ରାସ୍ତାଘାଟ, ପିଇବା ପାଣି ଭଳି ବିଭିନ୍ନ ସମସ୍ୟା ବିଷୟରେ ବିଶେଷ ଭାବେ ଆଲୋଚନା କରିଥିବାବେଳେ ୪ଟି



ଗ୍ରାମର ଗ୍ରାମବାସୀ ସ୍ୱତନ୍ତ୍ର ଭାବେ ମୁନୁସା ଗ୍ରାମର ମା' ବାରିଆ ମାଉଳି ନୂତନ ମନ୍ଦିର ନିର୍ମାଣ ପାଇଁ ଦାବି ଜଣାଇଥିଲେ। ଏଥିରେ ପୂର୍ବତନ ବିଧାୟକ ମାନସ ମାଡକାମୀ ଉପସ୍ଥିତ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରେ ଯଥାଶୀଘ୍ର ଅନୁଦାନ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ବ୍ଲକ୍ ସଭାପତି ହେମନ୍ତ ପଟ୍ଟନାୟକ, ଜିଲ୍ଲା ବିଜେଡି ମିଡିଆ ସଂଯୋଜକ ସଦାନନ୍ଦ ଖରା, ସରପଞ୍ଚ ଘାସି ନାୟକ, ସମାଜସେବୀ ଦଶରଥ ଗୋଲାରୀ, ମୁଁଗୁଡୁ ଦୁଦି, ଜଳେନ୍ଦ୍ର ବାଗ, ମୁନୁସା ଗ୍ରାମର ମା' ବାରିଆ ମାଉଳି କମିଟି ସଦସ୍ୟ ପ୍ରମୁଖଙ୍କ ସହ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

## ପୂଜାରୀପୁଟ ହନୁମାନ ମନ୍ଦିରରୁ ଚୋରି



**ବୋରିଗୁମ୍ମା,୨୬।୨(ସମିସ)**: କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ପୂଜାରୀପୁଟସ୍ଥିତ ଛକ ନିକଟରେ ଥିବା ହନୁମାନ ମନ୍ଦିରରୁ ରବିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଗେଟର ତାଲାଭାଙ୍ଗି ଚୋରି କରିଛନ୍ତି। ଦୁର୍ବୃତ୍ତମାନେ ଭିତରେ ପଶି ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ମା' ସୀତା ପିନ୍ଧିଥିବା ରୁପା ମୁକୁଟକୁ ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଥିବା ବେଳେ ମନ୍ଦିରର ଆସବାବପତ୍ର ବାହାରେ ଆଣି ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ସୋମବାର ସକାଳେ ପୂଜକ ପୂଜା କରିବାକୁ ଯିବା ସମୟରେ ଗେଟର ତାଲା ଭଙ୍ଗାଯାଇ ଜିନିଷ ପତ୍ର ଫିଙ୍ଗା ଯାଇଥିବା ଦେଖିବାକୁ ପାଇ ମନ୍ଦିର କମିଟିକୁ ଅବଗତ କରିଥିଲେ। କମିଟିର ସଦସ୍ୟ ଏନେଇ ବୋରିଗୁମ୍ମା ପୁଲିସକୁ ଜଣାଇଥିଲେ। ପୁଲିସ ମନ୍ଦିରରେ ପହଞ୍ଚି ସମସ୍ତ ବିଷୟ ଉପରେ ଅନୁଧ୍ୟାନ କରିଥିଲେ। କମିଟି ପକ୍ଷରୁ ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ଏହାର ତଦନ୍ତ ଆରମ୍ଭ କରିଛି।

### ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି

# ବିଭିନ୍ନ ପଞ୍ଚାୟତରେ ଭୂତ ପାଉଛନ୍ତି ପିଡିଏସ୍ ଚାଉଳ

**କୋରୁକୋଣ୍ଡା,୨୬।୨(ସମିସ)**:



ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଥିଲା। ଉକ୍ତ ଜନ ଶୁଣାଣିରେ ଆର୍ଥିକ ବର୍ଷ ୨୦୨୩-୨୪ର ଦ୍ୱିତୀୟ ଚକ୍ର ୨୦୨୩ ଏପ୍ରିଲ୍ ୧ରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ପଞ୍ଚାୟତ ସମିତି ଅଧୀନରେ ଥିବା ସମସ୍ତ ୧୨ଟି ପଞ୍ଚାୟତରେ ହୋଇଥିବା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଆସିଥିବା ସମସ୍ତ କାର୍ଯ୍ୟ ସହ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩କୁ ନେଇ ଅଧିକାରୀମାନେ ସମୀକ୍ଷା କରିବା ସହ ଅଭିଯୋଗ ଆସିଥିବା କାର୍ଯ୍ୟଗୁଡ଼ିକୁ ସୁଚାରୁ ରୂପେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଜନ ଶୁଣାଣିରେ 'ମନରେଗା' ଯୋଜନାରେ ହୋଇଥିବା କାର୍ଯ୍ୟ ମଧ୍ୟରୁ ୪୨ଟି କାର୍ଯ୍ୟର ଅଭିଯୋଗ ଆସିଥିବାବେଳେ ମନରେଗାରେ କରାଯାଉଥିବା କାର୍ଯ୍ୟଗୁଡ଼ିକରେ ପ୍ରଥମେ ସୂଚନାଫଳକ ଲଗାଯିବାକୁ ଥିବାବେଳେ ବହୁ ଜାଗାରେ କାର୍ଯ୍ୟ ଶେଷ ହୋଇଯାଇଥିବାବେଳେ ମଧ୍ୟ ସୂଚନାଫଳକ ଲାଗି ନ ଥିବା ଅଭିଯୋଗ ଆସିଥିଲା। ଏହିପରି ଭାବେ ପ୍ରତ୍ୟେକ ଥର ଜନ ଶୁଣାଣିରେ ଏହାକୁ ନେଇ ବାରମ୍ବାର ଅଭିଯୋଗ ଆସୁଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହାର ସମାଧାନ ହେଉ ନ ଥିବା ଦେଖିବାକୁ ମିଳୁଛି। ସେହିପରି ଭାବେ ଜାତୀୟ ଖାଦ୍ୟ ସୁରକ୍ଷାକୁ ନେଇ ୩୭ ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରେ ବିଭିନ୍ନ ଗ୍ରାମ ପଞ୍ଚାୟତ ଅଧୀନରେ ମୃତ ବ୍ୟକ୍ତିଙ୍କ ନାମରେ ଚାଉଳ ଦୀର୍ଘ ବର୍ଷ ଧରି ଉଠାଯାଉଥିବା ସହିତ ଅନ୍ୟତ୍ର ବିବାହ ହୋଇ ଚାଲି ଯାଇଥିବା ମହିଳାଙ୍କ ନାମରେ ମଧ୍ୟ ଚାଉଳ ଉଠାଯାଉଥିବାର ଅଭିଯୋଗ ହୋଇଥିଲା।

ଉକ୍ତ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିରକୁ ସିପି ସତ୍ୟ ଦାସ ପରିଚାଳନା କରିଥିବାବେଳେ ମାଲକାନଗିରି ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଏହାର ଅଧକ୍ଷତା କରିଥିଲେ। ଏଥିରେ କୋରୁକୋଣ୍ଡା ବ୍ଲକ୍ ଅଧକ୍ଷ ଜିତୁ ବୁରୁଡି, କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିବ ପ୍ରସାଦ ପଟ୍ଟନାୟକ, ଜିଲ୍ଲା ସାମାଜିକ ସମୀକ୍ଷକ ସୁବ୍ରତ କୁମାର ସାମଲ ଉପସ୍ଥିତ ରହିଥିବାବେଳେ ପଞ୍ଚାୟତ ସମିତି ଅଧୀନରେ ହୋଇଥିବା କାର୍ଯ୍ୟଗୁଡ଼ିକର ଅଭିଯୋଗଗୁଡ଼ିକୁ ପଞ୍ଚାୟତ ସମିତି ସାମାଜିକ ସମୀକ୍ଷକ ଦୃଷ୍ଟିଗୋଚର କରାଇଥିଲେ। ଏହି ଅବସରରେ ସମସ୍ତ ଗ୍ରାମ ପଞ୍ଚାୟତ ଅଧିକାରୀ, ଜିଆରଏସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



## ଓଏସ୍ଏପି ତୃତୀୟ ବାଟାଲିୟନ ହାବିଲ୍‌ଦାର ଓ ସିପାହୀ ସଂଘ ନିର୍ବାଚନ

**କୋରାପୁଟ,୨୬।୨(ସମିସ)**: କୋରାପୁଟ ଓଏସ୍ଏପି ତୃତୀୟ ବାଟାଲିୟନ ହାବିଲଦାର ଓ ସିପାହୀ ସଂଘ ନିର୍ବାଚନ ଅନୁଷ୍ଠିତ ହେବା ସହ ଫଳାଫଳ ଘୋଷଣା ହୋଇଛି। ଫଳାଫଳ ଘୋଷଣା ପରେ ବିଜୟ ଉତ୍ସବ ପାଳନ କରାଯାଇଛି। ସଭାପତି ଭାବରେ ମହେନ୍ଦ୍ର ଗୌଡ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ରଘୁରାମ ପଡାଲ ଉପସ୍ଥିତ ରହି ନବ ନିର୍ବାଚିତ ପ୍ରତିନିଧିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ନୂତନ ସଭାପତିଙ୍କ ସହ ବିଧାୟକ ବିଭିନ୍ନ ବିଷୟରେ ଆଲୋଚନା କରି ସମସ୍ୟାଗୁଡ଼ିକୁ ତୁରନ୍ତ ସମାଧାନ କରିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଉତ୍ସବରେ ଯୋଗଦେଇଥିବାରୁ ସମସ୍ତ ବିଜୟୀ ପ୍ରାର୍ଥୀ ବିଧାୟକଙ୍କୁ ଧନ୍ୟବାଦ ଦେଇଛନ୍ତି।

## ସର୍ଟସର୍କିଟରୁ ଜଳିଗଲା ଘର



**କଲ୍ୟାଣସିଂହପୁର,୨୬।୨(ସମିସ)**: ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ପୂଜାରିଗୁଡ଼ା ପଞ୍ଚାୟତର ଶାନ୍ତିନଗର ଗ୍ରାମର ନରେନ୍ଦ୍ର ବାଗଙ୍କ ଘରେ ବିଦ୍ୟୁତ ସର୍ଟସର୍କିଟରେ ଘର ଜଳି ଯାଇଥିବା ଦେଖିବାକୁ ମିଳିଛି। ସକାଳ ସମୟରେ ଘରେ କେହି ନ ଥିବାବେଳେ ଅଚାନକ ବିଦ୍ୟୁତ ସର୍ଟସର୍କିଟ ହୋଇ ଘରେ ଥିବା ଆସବାବ ପତ୍ର ସମେତ ଖାଦ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଘର ଜଳିଯାଉଥିବା ଦେଖି ସାହିପଡ଼ିଶା ନିଆଁକୁ ଲିଭାଇବାକୁ ଉଦ୍ୟାମ କରିବାବେଳେ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ଅଧିକାରୀ ଜଗଦୀଶ ପ୍ରସାଦ ଖରା ସମେତ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ପ୍ରାୟ ୧ ଲକ୍ଷ ଟଙ୍କାର ସମ୍ପତି ପୋଡ଼ି ଯାଇଥିବା ନରେନ୍ଦ୍ର ବାଗ କହିଛନ୍ତି। ନରେନ୍ଦ୍ରଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପୂଜ୍ୟପୂଜା ସଂସଦର ମାସିକ ସାହିତ୍ୟ ଆସର




**ଜୟପୁର,୨୬।୨(ସମିସ)**: କୋରାପୁଟ ଜିଲ୍ଲା ଜୟପୁର ପୂଜ୍ୟପୂଜା ସଂସଦ ପକ୍ଷରୁ ମାସିକ ସାହିତ୍ୟ ଆସର 'ସାହିତ୍ୟ ଟୁଙ୍ଗୀ' ପାଳନ ଅବସରରେ ଓଡ଼ିଶାର ସୁନାମଧନ୍ୟ ସାହିତ୍ୟିକ 'ବନ୍ଦେ ଉତ୍କଳ ଜନନୀ' ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସାହିତ୍ୟ ରଚନା ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ସଂସଦର ଉପଦେଷ୍ଟା ଇଂ. କେଦାରନାଥ ବେହେରା, ଉପସଭାପତି ତପନ କିରଣ ତ୍ରିପାଠୀ, ସମ୍ପାଦକ ବୈରାଗୀ ଚରଣ ସାହୁ, ସହ ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ, ସନ୍ଧ୍ୟାରାଣୀ ସାହୁ, ପପର୍ଣ୍ଣୀ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ନିଜ ନିଜ ମତବ୍ୟକ୍ତ କରିଥିଲେ। ସଂସଦର ୨୬ତମ ବାର୍ଷିକ ଉତ୍ସବ ଆସନ୍ତା ମାର୍ଚ୍ଚ ୩୧ ତାରିଖରେ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ହୋଇଥିଲା।

## ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା



**ସୁନାବେଡ଼ା,୨୬।୨(ସମିସ)**: ସୁନାବେଡ଼ା ମିଗ୍ ନଗରୀ ସ୍ଥିତ ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ପରିଷଦର ୮ ଜଣ ବରିଷ୍ଠ ସଦସ୍ୟ ବିଜୟ ମହାରଣା, ପ୍ରଦୀପ ତ୍ରିପାଠୀ, କିଶୋର ଚନ୍ଦ୍ର ସାମଲ, ବିଜୟ ପରିଡ଼ା, ଚନ୍ଦ୍ରଶେଖର ମାଝୀ, ରମେଶ ଲେଙ୍କା, ଫିଲିମନ ନାଏକ ଏବଂ ଚାମାନ ତିର୍କୀ 'ହାଲ' କମ୍ପାନୀରୁ ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରିଷଦର ସଭାପତି କମଳାକାନ୍ତ ବିଷୋଇଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପରିଷଦର ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ବିନୟ ଚନ୍ଦ୍ର ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ପାତ୍ର ଏବଂ ସୁଦାମ ବିଷୋୟୀ ପ୍ରମୁଖ ଯୋଗଦେଇ ଉତ୍କଳ ସାଂସ୍କୃତିକ ପରିଷଦର ସମସ୍ତ କାର୍ଯ୍ୟକ୍ରମରେ ଉକ୍ତ ସଦସ୍ୟମାନଙ୍କ ରହି ଆସିଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏତଦ୍ ବ୍ୟତୀତ ବରିଷ୍ଠ ସଦସ୍ୟମାନେ କିଭଳି ସୁସ୍ଥ ଓ ସୁରକ୍ଷିତ ରହିବେ ସେ ସମ୍ପର୍କରେ ମଧ୍ୟ ପରାମର୍ଶ ଦେଇ ସେମାନଙ୍କ ଭବିଷ୍ୟତ ଜୀବନର ମଙ୍ଗଳ କାମନା କରିଥିଲେ। ସୁନାବେଡ଼ାରେ ଏବଂ ଉତ୍କଳ ସାଂସ୍କୃତିକ ପରିଷଦ ସହିତ ସେମାନଙ୍କ ଦୀର୍ଘ ଦିନର ସମ୍ପର୍କ ବିଷୟରେ ବରିଷ୍ଠ ସଦସ୍ୟମାନେ ଆଲୋକପାତ କରିବା ସହ ପରିଷଦର ଉତ୍ତରୋତ୍ତର ଉନ୍ନତି ପାଇଁ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଶେଖ ଇବ୍ରାହିମ, ଶତ୍ରୁଞ୍ଜୟ ମିଶ୍ର, କର୍ମକର୍ତ୍ତା ସରୋଜ କୁମାର ଦାସ, ଦିପକ ମଲ୍ଲିକ, ବନ ବିହାରୀ ସେଠୀ ଏବଂ ପ୍ରକାଶ ଚନ୍ଦ୍ର ହୋତା ଉପସ୍ଥିତ ରହି ବରିଷ୍ଠ ସଦସ୍ୟମାନଙ୍କୁ ଶୁଭ କାମନା ଜଣାଇଥିଲେ। ପରିଷଦର ସାଧାରଣ ସମ୍ପାଦକ ମାନସ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟପୁର ସାରସ୍ୱତ ମହିଳା ସାହିତ୍ୟ ସଂସଦର ୪ର୍ଥ ବାର୍ଷିକୀ ସମାରୋହ



**ଜୟପୁର,୨୬।୨(ସମିସ)**: କୋରାପୁଟ ଜିଲ୍ଲା ଜୟପୁର ସହରର ସାରସ୍ୱତ ମହିଳା ସାହିତ୍ୟ ସଂସଦର ୪ର୍ଥ ବାର୍ଷିକୀ ସମାରୋହ ରବିବାର ଅପରାହ୍ଣରେ ଦୁର୍ଗା ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ମହିଳା ସାହିତ୍ୟ ସଂସଦର ସଭାନେତ୍ରୀ ଅନୁସୂୟା ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶଶିରେଖା ମିଶ୍ର ଏବଂ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ସୁରେଶ ଦାଶ ଯୋଗଦେଇ ମହିଳାମାନଙ୍କ ଦ୍ୱାରା ସାହିତ୍ୟ ସଂସଦ ଗଠନ କରାଯାଇ ୪ର୍ଥ ବାର୍ଷିକ ଉତ୍ସବ ପାଳନ ରାଜ୍ୟ, ଜିଲ୍ଲା ଓ ଜୟପୁର ପାଇଁ ଗୌରବର କଥା ବୋଲି କହିଥିଲେ। ସମ୍ମାନିତ ଅତିଥି ଭବେ ଶିକ୍ଷୟିତ୍ରୀ ଏନ୍ ଭାସ୍କର ଆମ୍ମା, ଜାନକୀ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ଅବସରରେ ସହରର ବରିଷ୍ଠ ସାହିତ୍ୟିକ ଭାବେ ଭାସ୍କର ସାମନ୍ତରାୟ, ନଳିନୀ ରଞ୍ଜନ ମିଶ୍ର, ଓଡ଼ିଶୀ ନୃତ୍ୟ ପ୍ରଶିକ୍ଷକ ଭାବେ କାହ୍ନୁଚରଣ ପ୍ରଧାନ, ଗାୟିକା କୁନ୍ତି ବେହେରାଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସମ୍ପାଦିକା ସରସ୍ୱତୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁକ୍ତାୟା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କବିତା ସାହୁ ଓ ରୀତାଞ୍ଜଳି ଡାକୁଆ ସଂଯୋଜନା କରିଥିଲେ। ଶେଷରେ ଉମାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଝୁନୁ ପଣ୍ଡା, ଶୋଭାଗିନୀ ନନ୍ଦ, ଗୀତା ଜୟନ୍ତୀ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଦିବ୍ୟ ଜୀବନ ସଂଘର ବାର୍ଷିକ ଉତ୍ସବ

**ତେନ୍ତୁଳିଖୁଣ୍ଟି,୨୬।୨(ସମିସ)**:

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ା ସ୍ଥିତ ଗୋପାଳ ଶ୍ରୀକ୍ଷେତ୍ର ପରିସରରେ ଦିବ୍ୟ ଜୀବନ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଯଶୋବନ୍ତ ବରାଳ ଯୋଗଦେଇ ଦିବ୍ୟ ଜୀବନ ସଂଘର ପ୍ରାଣ ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜ ଓ ସ୍ୱାମୀ ଚିଦାନନ୍ଦ ସରସ୍ୱାତୀ ମହାରାଜଙ୍କ ଜୀବନାଦର୍ଶନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ରୂପେ ସ୍ତମ୍ଭକାର ସୁଧୀରଞ୍ଜନ ରାଉତ ଯୋଗଦେଇ ଆତ୍ମସଞ୍ଜମତା ସମ୍ବନ୍ଧରେ ଆଲୋକପାତ କରି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜବାହର ନବୋଦୟ ବିଦ୍ୟାଳୟ ଅଧକ୍ଷ ସହଦେବ ପାଣିଗ୍ରାହୀ, ଅଧ୍ୟାପିକା ସ୍ନେହା ସିଂ, ଅଧ୍ୟାପକ ଡ. ଅଶୋକ କୁମାର ଦାସବାବୁ, ଡ. ରଞ୍ଜନ କୁମାର ସ୍ୱାଇଁ, ମନୋଜ କୁମାର ରଥ, ବିନୟ କୁମାର ବେହେରା, ଅଧ୍ୟାପିକା ପ୍ରିୟଦର୍ଶିନୀ ନାହାକ, ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସର୍ବେଶ୍ୱର ବେହେରା, ରମେଶ କୁମାର ପୃଷ୍ଟି, ହେମନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ପ୍ରବନ୍ଧ, ସଙ୍ଗୀତ, ନୃତ୍ୟ, ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମରେ ସୁଦର୍ଶନ ସାହୁ ଓ ସନ୍ତୋଷ ସାମଲ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ସଞ୍ଜୀବ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ସାଙ୍ଗକୁ ମଞ୍ଚ ପରିଚାଳନା କରିଥିଲେ। ଦିବ୍ୟ ଜୀବନ ସଂଘ ଖାତିଗୁଡ଼ା ଶାଖା ସଭାପତି ବିଜୟ କୁମାର ପାଣିଗ୍ରାହୀ ଆବାହନୀ ସଙ୍ଗୀତ ଗାନ କରିଥିବାବେଳେ ସଂଘର ବରିଷ୍ଠ ସଭ୍ୟ ପୃଥୀରାଜ ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## କୋରାପୁଟ ପୌର ପରିଷଦର ସାଧାରଣ ବୈଠକ

**କୋରାପୁଟ,୨୬।୨(ସମିସ)**: କୋରାପୁଟ ପୌର ପରିଷଦର ସାଧାରଣ ବୈଠକ କାର୍ଯ୍ୟାଳୟ ସଭାଗୃହଠାରେ ଆୟୋଜିତ ହୋଇଯାଇଛି। ପୌର ଅଧକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ରଘୁରାମ ପଡ଼ାଲ, ଉପାଧକ୍ଷା ସବିତା ପଣ୍ଡା ଓ କାଉନସିଲର କାଦମ୍ବିନୀ ସେଠୀଙ୍କ ସହ ପୌର ପରିଷଦର ସମସ୍ତ କାଉନସିଲର ଯୋଗଦେଇଥିଲେ। କୋରାପୁଟ ସହରର ସୌନ୍ଦର୍ଯ୍ୟକରଣ, ପାନୀୟ ଜଳ ଯୋଗାଣ, ଡ୍ରେନେଜ ଓ ରାସ୍ତା ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯାଇଥିଲା। ନିର୍ବାହୀ ଅଧିକାରୀ ଦୁତିକୃଷ୍ଣ ପାତ୍ର ବୈଠକର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ସୁଧୀର ଦାସ, କନିଷ୍ଠ ଯନ୍ତ୍ରୀ ନର୍ମଦା ସାହୁ ଓ ସନ୍ତୋଷ ପାଣିଗ୍ରାହୀ, କାର୍ଯ୍ୟାଳୟର ଉମେଶ ଚନ୍ଦ୍ର ବେହେରା, ସୀମାଞ୍ଚଳ ପଡ଼ିହାରୀ, ମୂର୍ତ୍ତୀ ପଟ୍ଟନାୟକ ଓ ଅଶୋକ ସାହା ପ୍ରମୁଖ ଉପସ୍ଥିତ ଥିଲେ। ସୋମବାର କୋରାପୁଟ ବିଧାୟକଙ୍କ ଶେଷ ପରିଷଦ ବୈଠକ ଥିଲା। ତେଣୁ ଅଧକ୍ଷ ଓ କାଉନସିଲରମାନଙ୍କ ସହ ବିଧାୟକ ଉପସ୍ଥିତ ରହି ସମୂହ ଫଟୋ ଉଠାଇଥିଲେ।



## ଅମୃତ ଭାରତ ଷ୍ଟେସନ ଯୋଜନାରେ ରୂପାନ୍ତରୀତ ହେବ କୋରାପୁଟ ରେଳଷ୍ଟେସନ



**କୋରାପୁଟ,୨୬।୨(ସମିସ)**: ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ କୋରାପୁଟ ଓ ଜୟପୁର ରେଳ ଷ୍ଟେସନର ରୂପାନ୍ତରୀତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସ ମାଧ୍ୟମରେ ଏହାର ଶିଳାନ୍ୟାସ କରିଛନ୍ତି। ମୁଖ୍ୟ ଅତିଥି ଭାବେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ରଘୁରାମ ପଡ଼ାଲ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା। ଅତ୍ୟାଧୁନିକ ସୁବିଧା ସହ କୋରାପୁଟର ଶାବର ଶ୍ରୀକ୍ଷେତ୍ର ମଡେଲରେ ହେବ ଏହି ରେଳଷ୍ଟେସନ। ପ୍ରଧାନମନ୍ତ୍ରୀଙ୍କୁ ବିଧାୟକ ଶ୍ରୀ ପଡ଼ାଲ ଧନ୍ୟବାଦ ଦେବା ସହ କୋରାପୁଟରୁ ଭୁବନେଶ୍ୱରକୁ ଦିନ ବେଳା ଏକ ଟ୍ରେନ ଚଳାଚଳ କରିବା ସହ ଦିଲ୍ଲୀକୁ ସିଧାସଳଖ ଟ୍ରେନ ଚଳାଚଳ କରିବା ନେଇ ଦାବି କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଗୋବର୍ଦ୍ଧନ ପାନିକା, ଜିଲ୍ଲା ବିଜେପି ସଭାପତି ସୁମନ୍ତ ପ୍ରଧାନ, ବିଜେପି ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, କୋରାପୁଟ ଏସ୍‌ଡିପିଓ ଶ୍ରାବଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ରେଲୱେ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

## ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍‌ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

**ନାରାୟଣପାଟଣା,୨୬।୨(ସମିସ)**: ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍ ରବିବାର ନାରାୟଣପାଟଣା ଡାକ୍ତରଖାନା ପରିଦର୍ଶନ କରି ଫେରିଯାଇଛନ୍ତି। ପ୍ରତିବର୍ଷ ଏହି ଟିମ୍ କୋରାପୁଟ ଜିଲ୍ଲାର ସମସ୍ତ ଡାକ୍ତରଖାନା ପରିଦର୍ଶନ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରୁଥିବାବେଳେ ଚଳିତବର୍ଷ ପ୍ରଥମ ଥର ପାଇଁ ନାରାୟଣପାଟଣା ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସନ୍ଧ୍ୟାରେ ଫେରିଛନ୍ତି। କର୍ମଚାରୀମାନଙ୍କ ଜ୍ଞାନକୌଶଳ ଆକଳନ ସହିତ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ କିପରି ଭାବରେ ସ୍ୱଚ୍ଛତା ରଖାଯାଉଛି, ଡଷ୍ଟବିନ୍ ବ୍ୟବହାର କରାଯାଉଛି ନା ନାହିଁ, ବ୍ୟବହୃତ ହୋଇସାରିଥିବା ଛୁଞ୍ଚି, ଗଜ୍ କପଡ଼ା ଭଳି ରୋଗୀଙ୍କ ବ୍ୟବହାର ସାମଗ୍ରୀ ଉଚିତ୍ ସ୍ଥାନରେ ପକାଯାଉଛି କି ନାହିଁ,



କର୍ମଚାରୀମାନେ ସରକାରୀ ଡ୍ରେସରେ ରହୁଛନ୍ତି କି ନାହିଁ, ରୋଗୀଙ୍କ ସହ କିପରି ବ୍ୟବହାର କରାଯାଉଛି, ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଯନ୍ତ୍ରାଂଶର ଉଚିତ ବ୍ୟବହାର ହେଉଛି କି ନାହିଁ, ରୋଗୀଙ୍କ ପାଇଁ ଥିବା ଶୌଚାଳୟ ସଫାସୁତରା ରଖାଯାଉଛି କି ନାହିଁ ସେ ସମସ୍ତ ବିଷୟରେ ପଚାରି ବୁଝିଥିଲେ। ରାଜ୍ୟସ୍ତରୀୟ କାୟାକଳ୍ପ ଟିମରେ ରାଜ୍ୟସ୍ତରୀୟ ଆରଆରଟି ସେଲର ଡା. ସବ୍ରଜିତ୍ ଗରବଡ୍ଡୁ, ପିଟିସି ପରାମର୍ଶଦାତା ଡାକ୍ତର ସୁଧାଂଶୁ ଶେଖର ସାମନ୍ତ, ଏସସିବି ୟୁନିଟ ପରାମର୍ଶଦାତା ଡାକ୍ତର ଚକ୍ରଧର ସାହୁ, କୋରାପୁଟ ଏଏମ୍ଏ ପୂର୍ଣ୍ଣ ଚନ୍ଦ୍ର ଭୋଇ, ମେଡିକାଲ ଅଫିସର ଓ କର୍ମଚାରୀଙ୍କ ସହ ସମସ୍ତ ବିଷୟ ନେଇ ପଚାରି ବୁଝିବା ସହ ଏସବୁ ବିଷୟରେ ସବୁଦିନ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ନାରାୟଣପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଗର୍ଭବତୀ ମା'ଙ୍କ ସହ ଶିଶୁମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଥିବା ଜାଣି ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍ ଖୁସିବ୍ୟକ୍ତ କରିଥିଲେ। କାୟାକଳ୍ପ ଟିମର ଏହି ଗସ୍ତ ସମୟରେ ନାରାୟଣପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ. ବିମଳ କୁମାର ବାଘ, ବିପିଏମ୍ ଅସିତ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଡାକ୍ତରଖାନାର ସମସ୍ତ ଅଞ୍ଚଳ ବୁଲି ଦେଖାଇଥିବା ସହ ସହଯୋଗ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ରହିବା ସହ ସହଯୋଗ କରିଥିଲେ।

## ନାଳରେ ପଡ଼ି ବୃଦ୍ଧା ମୃତ

**ଗୁଣୁପୁର,୨୬ା୨(ସମିସ):** ଗୁଣୁପୁର ସହରର କୁମ୍ଭାର ସାହିରୁ ଜଣେ ନିଖୋଜ ଥିବା ବୃଦ୍ଧାଙ୍କ ମୃତଦେହ ଏକ ନାଳରୁ ଉଦ୍ଧାର କରାଯାଇଛି। ମୃତକ ହେଲେ ରୋକମ୍ ପଦ୍ମା (୭୦) ସେ ଗତ ଦୁଇଦିନ ଧରି ନିଖୋଜ ଥିଲେ। ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର କୌଣସି ଖୋଜଖବର ପାଇ ନ ଥିଲେ। ସୋମବାର ମଧ୍ୟାହ୍ନ ବେଳେ ରୋକମଙ୍କୁ ତାଙ୍କ ଘର ପଛ ପଟେ ଥିବା ଏକ ନାଳରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପରିବାର ଲୋକେ ଏନେଇ ଗୁଣପୁର ଥାନାକୁ ଜଣାଇବାରୁ ଘଟଣାସ୍ଥଳରେ ଏସଡିପିଓ ବାବୁଲି ନାୟକ, ଗୁଣୁପୁର ଥାନା ଅଧିକାରୀ ଉତ୍ତମ୍ କୁମାର ସାହୁ ଓ ଏସ୍ଆଇ ଅଶୋକ ପାଢ଼ୀ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଗୁଣୁପୁର ପୌର ପରିଷଦ ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼ଙ୍କ ଉପସ୍ଥିତରେ ସଫେଇ କର୍ମଚାରୀଙ୍କ ସହାୟତାରେ ବୃଦ୍ଧାଙ୍କୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିଲା। ପରେ ପରିବାର ବର୍ଗଙ୍କୁ ତାଙ୍କ ମରଶରୀରକୁ ହସ୍ତାନ୍ତର କରାଯାଇଥିଲା। ପଦ୍ମା ଜଣେ ମାନସିକ ରୋଗୀ ବୋଲି ତଦନ୍ତରୁ ଜଣାପଡ଼ିଛି।

### ବୋରିଗୁମ୍ମାକୁ ଏନ୍ଏସି ମାନ୍ୟତା ପରେ ଉତ୍ସବ ପାଳିଲା ବିଜେଡି

# ଶୋଭାଯାତ୍ରା ସହ ବାଣ୍ଟିଲେ ମିଠା, ଫୁଟାଇଲେ ବାଣ






**ବୋରିଗୁମ୍ମା,୨୬ା୨(ସମିସ):** କୋରାପୁଟ ଜିଲ୍ଲା ବୋରିଗୁମ୍ମାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ମାନ୍ୟତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିବା ପରେ ସୋମବାର ବିଜେଡି ପକ୍ଷରୁ ବୋରିଗୁମ୍ମା ସହରରେ ଉତ୍ସବ ପାଳନ କରାଯାଇଛି। ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ବଜେଡି ମହିଳା ନେତ୍ରୀ ଡ. ଇନ୍ଦିରା ନନ୍ଦ ନିଜର ଶହଶହ ସମର୍ଥକଙ୍କ ସହ ବାଣ ଫୁଟାଇ ଓ ମିଠା ବାଣ୍ଟି ଉତ୍ସବ ପାଳିଛନ୍ତି। ଏହି ଅବସରରେ ବୋରିଗୁମ୍ମା ନୂତନ ବସଷ୍ଟାଣ୍ଡରୁ ଏକ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ସୂଚନାନୁଯାୟୀ, ୩୧ଟି ପଞ୍ଚାୟତକୁ ନେଇ ବୋରିଗୁମ୍ମା ବ୍ଲକ ଗଠନ ହୋଇଥିବାବେଳେ ଏହା ରାଜ୍ୟର ସର୍ବ ବୃହତ୍ତ ବ୍ଲକ ଭାବେ ପରିଚିତ। କେବଳ ବୋରିଗୁମ୍ମା ପଞ୍ଚାୟତର ଜନସଂଖ୍ୟା ୧୮ ହଜାରରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଏନ୍ଏସି ମାନ୍ୟତା ପାଇଁ ଆବଶ୍ୟକ ସମସ୍ତ ଯୋଗ୍ୟତା ଥିବାରୁ ସ୍ଥାନୀୟ ଲୋକେ ଏନ୍ଏସି ପାଇଁ ଦାବି କରି ଆସୁଥିଲେ। ବୋରିଗୁମ୍ମାକୁ ଏନ୍ଏସି ଘୋଷଣା କରିବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ତଥା 'ନବୀନ ଓଡ଼ିଶା ' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରାଯାଇଛି। ଅଞ୍ଚଳବାସୀଙ୍କ ଦାବି, କ୍ରମବର୍ଦ୍ଧିତ ଜନସଂଖ୍ୟା, ବୋରିଗୁମ୍ମାର ବିକାଶ ଓ ଅର୍ଥନୈତିକ ସମେତ ସାମଗ୍ରିକ ବିକାଶକୁ ନେଇ ବୋରିଗୁମ୍ମାକୁ ଏନ୍ଏସି ଗଠନ ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। କୋରାପୁଟ ଜିଲ୍ଲାର ଗୋଟିଏ ମାତ୍ର ସହର ବୋରିଗୁମ୍ମାକୁ ଏନ୍ଏସି ଘୋଷଣା କରାଯାଇଥିବାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ମହିଳା ନେତ୍ରୀ ଡ. ଇନ୍ଦିରା ନନ୍ଦ, ଜିଲ୍ଲା ସାଧାରଣ ସମ୍ପାଦକ କେ. ନାଗରାଜ ଦୋରା, ବ୍ଲକ ଅଧ୍ୟକ୍ଷା ଦୀପ୍ତିମୟୀ ନାୟକ, ଜିଲ୍ଲାପରିଷଦ ସଭ୍ୟ ପ୍ରସାଦ ବିଡ଼ିକା, ସଭ୍ୟା ମଞ୍ଜୁଳା ଘାସି, ବ୍ଲକ ସଭାପତି ବିବେକାନନ୍ଦ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ମୁନ୍ନା ଦୋରା, ସୂର୍ଯ୍ୟନାରାୟଣ ଆଚାରୀ,ଏଲ. ନାରାୟଣ ରାଓ, ଗୁପ୍ତପ୍ରସାଦ ଗନ୍ତାୟତ, ପି. ଜଗଦୀଶ୍ୱର ରାଓ, ବୁଢ଼ା ବିଷୋୟୀ, ସୁବାସ ଚନ୍ଦ୍ର ନାୟକ ଓ ଜୟପୁର ବ୍ଲକ ଉପାଧ୍ୟକ୍ଷ ଗଣେଷ ପ୍ରସାଦ ପାଢ଼ୀଙ୍କ ସମେତ ଅନ୍ୟ ନେତୃବୃନ୍ଦ ଓ କର୍ମୀମାନେ ମୁଖ୍ୟମନ୍ତ୍ରୀ ଏବଂ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି।

**ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା**

## ବିଷାକ୍ତ ଖାଦ୍ୟଖାଇ ପରିବାରର ୫ ଝାଡ଼ାବାନ୍ତିରେ ଆକ୍ରାନ୍ତ



**ପଦ୍ମପୁର,୨୬ା୨(ସମିସ):** ରାୟଗଡ଼ା ଜିଲ୍ଲାର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଗୋଟିଏ ପରିବାରର ୫ଜଣ ଚିକିତ୍ସା ହେଉଥିବା ଦେଖିବାକୁ ମିଳିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ନାଇରା ପଞ୍ଚାୟତର ପୂଜାବାଲି ଗ୍ରାମରେ ରବିବାର ରାତିରେ ଗୋଟିଏ ପରିବାରର ସମସ୍ତେ ଖାଦ୍ୟ ଖାଇବାର କିଛି ସମୟ ପରେ ଅସୁସ୍ଥ ହୋଇ ପଡ଼ିଥିଲେ। ରମେଶ ଶବର(୪୩), ଫୁଲ ଶବର(୩୮), ଶୁଭଙ୍କର ଶବର (୧୧), ଯୋଗେଶ୍ୱର ଶବର(୧୩), ଉମାଶଙ୍କର ଶବର (୧୭) ରବିବାର ରାତିରେ ଭାତ ସହ ବନ୍ଧା କୋବି ତରକାରୀ ଖାଇଥିଲେ। କିଛି ସମୟ ପରେ ପରିବାରର ସମସ୍ତ ସଦସ୍ୟ ଅସୁସ୍ଥ ହୋଇ ପଡ଼ିଥିଲେ। ଯାହା ଫଳରେ ସାହିର କିଛି ଲୋକ ତାଙ୍କୁ ପ୍ରଥମେ ନାଇରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖାଇବା ପରେ ମଧ୍ୟ ଝାଡ଼ା, ବାନ୍ତି ଓ ଜ୍ୱର ନ କମିବାରୁ ସୋମବାର ଅପରାହ୍ନ ୨ଟା ସମୟରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦାୟିତ୍ୱରେ ଥିବା ଡାକ୍ତର ଚିନ୍ମୟ ସାମିଲ ପରିବାରର ସମସ୍ତେ ସୁସ୍ଥ ଅବସ୍ଥାକୁ ଫେରୁଥିବା କହୁଥିବାବେଳେ ଖାଦ୍ୟ ବିଷାକ୍ତକରଣ ଯୋଗୁଁ ଏଭଳି ହୋଇଥିବା ସେ କହିଛନ୍ତି।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



**ଚନ୍ଦ୍ରପୁର,୨୬ା୨(ସମିସ):** ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ, ଚନ୍ଦ୍ରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଦଭାବନା ସଭା ଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଗୁଣୁପୁର ଉପଜିଲ୍ଲାପାଳ କିରଣ ଦୀପ କୌର ସାହତ୍, ଗୁଣୁପୁର ପ୍ରକଳ୍ପ ପ୍ରଶାସକ ଶାନ୍ତିପ୍ରଭା ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ନିର୍ବାହୀ ଯନ୍ତ୍ରୀ ବିଶ୍ୱଜିତ୍ ମିଶ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସାଲୁଙ୍କ ଚରଣ ପୂର୍ତ୍ତି, ବ୍ଲକ ଶିକ୍ଷା ଅଧିକାରୀ ଗଣେଶ ଶବର, ଜଳ ଓ ପରିମଳ ନିର୍ବାହୀ ଯନ୍ତ୍ରୀ ସମେତ ଜିଲ୍ଲାର ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ମୋଟ ୫୭ଟି ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ପାନୀୟଜଳ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ଗୃହ, ପ୍ରଧାନମନ୍ତ୍ରୀ ସଡ଼କ, ଜମି ପଟ୍ଟା ପ୍ରଦାନ, ମଧୁବାବୁ ଭତ୍ତା, ରାସନ କାର୍ଡ ଇତ୍ୟାଦି ନେଇ ଅଭିଯୋଗ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଏହି ଅଭିଯୋଗଗୁଡ଼ିକ ତୁରନ୍ତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ନବନିର୍ମିତ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା





**ମୁନିଗୁଡ଼ା,୨୬ା୨(ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ସୀମାନ୍ତ ଲାଞ୍ଜିଗଡ଼ଠାରେ ନବ ନିର୍ମିତ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ଚତୁର୍ଦ୍ଧାମୂର୍ତ୍ତି ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାହରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଉତ୍ସବରେ ଯୋଜନା ଏବଂ ସମ୍ମିଳନୀ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଉପସ୍ଥିତ ଥିଲେ। ଉତ୍ସବରେ ବିଭିନ୍ନ ସ୍ଥାନରୁ ୨୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ରହିଥିବା ଦେଖିବାକୁ ମିଳିଥିଲା। ଚଳିତ ମାସ ୨୨ ତାରିଖରୁ ବିଭିନ୍ନ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ସୋମବାର ଚତୁର୍ଦ୍ଧାମୂର୍ତ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କ ପ୍ରତିମୂର୍ତ୍ତିକୁ ପୂଜକମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ସ୍ଥାପନ ସହ ପାର୍ଶ୍ୱରେ ଥିବା ବିମଳା ମନ୍ଦିରରେ ମା' ବିମଳାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଦୀର୍ଘ ପାଞ୍ଚ ଦିନଧରି ଏହି ଆଧ୍ୟାତ୍ମିକ କାର୍ଯ୍ୟରେ ଅନେକ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସୂଚନାନୁଯାୟୀ, ଏହି ଅଞ୍ଚଳଟି ଏକ ଗଡ଼ଜାତ ଅଞ୍ଚଳ ଅଟେ। ରାଜାରାଜୁଡ଼ାଙ୍କ ଅମଳରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପୂଜା କରାଯାଉଥିଲେ ମଧ୍ୟ ଏକ ଭବ୍ୟ ମନ୍ଦିରର ଆବଶ୍ୟକତା ରହିଥିଲା। ଯାହାକି ବେଦାନ୍ତ ଲିମିଟେଡ୍ ଓ ଲାଞ୍ଜିଗଡ଼ବାସୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଚେଷ୍ଟା ଦ୍ୱାରା ଦେଢ଼ଶହ ବର୍ଷର ସ୍ୱପ୍ନ ପୂରଣ ହୋଇଥିବାରୁ ଅଞ୍ଚଳବାସୀ ଆନନ୍ଦିତ ହୋଇଛନ୍ତି। ପାଞ୍ଚଦିନ ଧରି ଚାଲିଥିବା ଏହି ଉତ୍ସବରେ କର୍ତ୍ତା ଭାବରେ ବେଦାନ୍ତ ଲିମିଟେଡ୍ ଡେପୁଟି ସିଇଓ ଗୋବିନ୍ଦ ଗୋପାଲ ପାଲ୍ ଓ ଧର୍ମପତ୍ନୀ ଶୁଭେସ୍ମା ପାଲ୍, ଲାଞ୍ଜିଗଡ଼ ରାଜା ସୁରେନ୍ଦ୍ର ପ୍ରତାପ ସିଂହଦେଓ ଓ ଧର୍ମପତ୍ନୀ ଗୌରୀସ୍ୱପ୍ନା ସିଂଦେଓ, ଚନ୍ଦ୍ରଧ୍ୱଜ ପେସିନିଆ ଓ ଧର୍ମପତ୍ନୀ ଶାନ୍ତିଲତା ପେସିନିଆ, ସରତ ସିଂହ ଓ ଧର୍ମପତ୍ନୀ ସବିତା ସିଂ, ସୁବାସ ଅଗ୍ରୱାଲ ଓ ଧର୍ମପତ୍ନୀ ପିଙ୍କିବାଇ ଅଗ୍ରୱାଲ, ଶ୍ରୀକାନ୍ତ ବୋହିଦାର ଓ ଧର୍ମପତ୍ନୀ ସସ୍ମିତା ବହିଦାର ପ୍ରମୁଖ ସହଯୋଗ କରିଥିଲେ। ବେଦାନ୍ତ କର୍ତ୍ତୃପକ୍ଷ ପ୍ରଣବ ଭଟ୍ଟାଚାର୍ଯ୍ୟ, ଗୋବିନ୍ଦ ଗୋପାଲ ପାଲ୍, ବିଭୁଦେନ୍ଦୁ ପଣ୍ଡା, ଏସ ସୁରେଶ ଅଭିଜିତ ତ୍ରିପାଠୀ, ଭଗବାନ ହୋତା, ଶ୍ରୀକାନ୍ତ ବୋହିଦାର୍, ଓଁକାର ଆଚାର୍ଯ୍ୟ, କିରନ୍ କିଶୋର ପଟ୍ଟନାୟକ, ଶାନ୍ତନୁ ବିଶି ଓ ହରିହର ସଂସ୍କୃତି ସେବା ସମିତି ସଦସ୍ୟ ଚନ୍ଦ୍ରଧ୍ୱଜ ପେସିନିଆ, ଦଳ ବେହେରା, ରାଜେନ୍ଦ୍ର ପ୍ରତାପ ସିଂଦେଓ, କୃଷ୍ଣଚନ୍ଦ୍ର ମହାରଣା, ଶ୍ରୀଧର ପେସିନିଆ ଓ ଶରତ ପଟ୍ଟନାୟକଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ଏହି ପବିତ୍ର କାର୍ଯ୍ୟରେ ନିଜକୁ ସମର୍ପଣ କରିଥିଲେ। ପାଞ୍ଚ ଦିନ ଧରି ଚାଲିଥିବା ଏହି ଉତ୍ସବରେ ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିବାବେଳେ ଶ୍ରଦ୍ଧାଳୁମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଥିଲା।

## ହୃଦଘାତରେ ଶିକ୍ଷକଙ୍କ ପରଲୋକ

**କୋରାପୁଟ,୨୬ା୨(ସମିସ):** କୋରାପୁଟ ବ୍ଲକ ମରିଚମାଳ ଜେଇଏଲସି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଦିଲ୍ଲୀପ କୁମାର ବାଘଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ଖ୍ରୀଷ୍ଟିଆନ ରୀତିନୀତି ଅନୁସାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସେହି ସମୟରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କୋରାପୁଟ ସହର ମିଶନ କମ୍ପାଉଣ୍ଡ ନିବାସୀ ଦିଲ୍ଲୀପ ସାର୍ ଜଣେ ସରଳ ଓ ମିଷ୍ଟଭାଷୀ ଶିକ୍ଷକ ଭାବେ ବେଶ୍ ଜଣାଶୁଣା। ଜେଇଏଲସି ଦ୍ୱାରା ପରିଚାଳିତ ବିଭିନ୍ନ ସ୍କୁଲରେ କାର୍ଯ୍ୟ କରି ସେ ପ୍ରଶଂସା ସାଉଁଟିଛନ୍ତି। ସୂଚନାଯୋଗ୍ୟ ଯେ, ଶିକ୍ଷକ ଦିଲ୍ଲୀପ କୁମାର ବାଘ ହୃଦଘାତ ସମସ୍ୟା ଯୋଗୁଁ ବିଶାଖାପାଟଣାର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଶନିବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା।



## ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମବାର୍ଷିକୀ

**ତେନ୍ତୁଲିଖୁଣ୍ଟି,୨୬ା୨ (ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ଇନ୍ଦ୍ରାବତୀସ୍ଥିତ ଜୟଗୁରୁ ମନ୍ଦିର ପରିସରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ ତମ ଜନ୍ମ ବାର୍ଷିକୀ ଅନୁଷ୍ଠିତ ହେବାସହ ୨୯ ତମ ମନ୍ଦିର ପ୍ରତିଷ୍ଠା ଉତ୍ସବ ମଧ୍ୟ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ବିଷ୍ଣୁମୋହନ ଉପାଧ୍ୟାୟ ସୁଦୂର ବାଲେଶ୍ୱରରୁ ଆସି ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଇନ୍ଦ୍ରାବତୀ ସତସଙ୍ଗ ମା' ଓ ଭାଇମାନଙ୍କ ଆନୁକୂଲ୍ୟରେ ଆୟୋଜିତ ଏହି ଉଦବୋଧନୀ ସ୍ମାରକୀ ଉତ୍ସବରେ ପ୍ରଥମେ ଉଷା କୀର୍ତ୍ତନ, ପ୍ରାତଃ ବିନତୀ, ସତଗ୍ରନ୍ଥ ପାଠ, ସଙ୍ଗୀତାଞ୍ଜଳୀ ଆଦି କାର୍ଯ୍ୟକ୍ରମ ହୋଇଥିଲା। ପରେ ଭକ୍ତିମୟ ପରିବେଶ ମଧ୍ୟରେ ନଗର ପରିକ୍ରମା, ସତସଙ୍ଗ ଓ ଆଲୋଚନା, ମାତୃ ସମ୍ମିଳନୀ ଓ ସନ୍ଧ୍ୟା ବିନତି ଆଦି କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଶତାଧିକ ଲୋକଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତ ସମ୍ପ୍ରଦାୟ ଏକତ୍ରିତ ହୋଇ ଭେଦଭାବରୁ ଊର୍ଦ୍ଧ୍ୱକୁ ଯାଇ ବର୍ତ୍ତମାନର ସମୟ ଏବଂ ସପରିବେଶରେ ନିଜକୁ ଅଭିଷିକ୍ତ କରି ଜୀବନକୁ ସାର୍ଥକ କରିବା ସହ ବିଶ୍ୱ ଶାନ୍ତି ପଥରେ ଅଗ୍ରସର ହେବା ପାଇଁ ସମସ୍ତେ ଶପଥପାଠ କରିଥିଲେ। ଭକ୍ତିମୟ ପରିବେଶରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

## ଶାରୀରିକ ଅକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ଚିକିତ୍ସା ଶିବିର

**ବୋରିଗୁମ୍ମା,୨୬ା୨(ସମିସ):** ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଗୋଷ୍ଠୀ ସାଧନ କେନ୍ଦ୍ର ଗୃହଠାରେ ଶାରିରୀକ ଅକ୍ଷମ ଛାତ୍ରଛାତ୍ରୀଙ୍କ ଚିକିତ୍ସା ପାଇଁ ତିନିଦିନିଆ ଅଣ ଆବାସିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୋରିଗୁମ୍ମା




ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରୁ ୪୦ ଜଣ ଶାରିରୀକ ଅକ୍ଷମ ଛାତ୍ରଛାତ୍ରୀ ଯୋଗଦେଇ ଥିବାବେଳେ ୪୦ ଜଣ ଅଭିଭାବକ ଯୋଗଦେଇଥିଲେ। ଉକ୍ତ ଶିବିରରେ ଶାରିରୀକ ଅକ୍ଷମ ଛାତ୍ରଛାତ୍ରୀଙ୍କୁ ଫିଜିଓ ଥେରାପି ମାଧ୍ୟମରେ ଶଶକ୍ତ କରିବା ଏହାର ମୂଳ ଲକ୍ଷ୍ୟ। ଏନେଇ ଫିଜିଓ ଥେରାପି ଡା. ପଦ୍ମା ମାଝୀ ଓ ସହକାରୀ ଡା. ବିଜୟ ସାହୁ ଛାତ୍ରଛାତ୍ରୀଙ୍କୁ ଚିକିତ୍ସା କରିଥିଲେ। ଉକ୍ତ ଶିବିରକୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କନିଷ୍ଠ ସହାୟକ ଶଶୀଭୂଷଣ ଦାଶ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ବିଭାଗୀୟ ଅଧିକାରୀ କାକୁଳି ଭଟ୍ଟାଚାର୍ଯ୍ୟ, ବରିଷ୍ଠ ସହାୟିକା ସୁଜାତା ମହାପାତ୍ର, ହିସାବ ରକ୍ଷିକା ରଞ୍ଜିତା ମହାରଣା ଓ ଗୋଷ୍ଠୀ ସଂଯୋଜିକା ନନ୍ଦିନୀ ବଡ଼ଜେନା ଓ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଜଗଦିଶ ମେହେର ଉକ୍ତ ଶିବିରର ମୁଖ୍ୟ ପରିଚାଳକ ଦାୟିତ୍ୱ ନିର୍ବାହ କରିଥିଲେ।

## ଘରଡିହ ପଟ୍ଟା ପାଇଁ ରାମଚନ୍ଦ୍ରପୁର ଗ୍ରାମବାସୀଙ୍କ ତହସିଲଦାରଙ୍କୁ ଗୁହାରି




**ବନ୍ଧୁଗାଁ,୨୬ା୨(ସମିସ):** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍ ଆଲମଣ୍ଡା ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମର ସମସ୍ତ ପରିବାର ଘରଡିହ ପଟ୍ଟା ପାଇବା ପାଇଁ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଲିଖିତ ଭାବେ ତହସିଲଦାରଙ୍କୁ ଗୁହାରି କରିଛନ୍ତି। ଆଜକୁ ପ୍ରାୟ ୧୫ ବର୍ଷ ହେଉଛି ଅନେକ ଥର ୫୦ ପରିବାର ଘର ପଟ୍ଟା ଖଣ୍ଡିକ ପାଇବା ପାଇଁ ଲିଖିତ ଭାବେ ଜଣାଇ ଆସୁଥିଲେ ମଧ୍ୟ ତହସିଲଦାର ଆସୁ ନ ଥିଲେ। ସୋମବାର ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଅନେକ ଅଧିକାର ପାଇବା ପାଇଁ ଲଢ଼େଇ କରି ଆସୁଥିବା ଚାଷୀମୂଲିଆ ଆଦିବାସୀ ସଂଘର ଜିଲ୍ଲା ସଭାନେତ୍ରୀ ପାଇଡାମା କଣ୍ଡାଗୋରୀ, ସମ୍ପାଦିକା ସୁରାମା ପିଡ଼ିକା, ସୁବାରାଉ କେଣ୍ଡୁକା, ଆଦାନା କାଡ୍ରାକା ଓ ସମସ୍ତ ଗ୍ରାମବାସୀ ଘରଡିହ ପଟ୍ଟା ଚିହ୍ନଟ କରି ଦେବା ପାଇଁ ଲିଖିତ ଭାବେ ଜଣାଇଥିଲେ। ରାମଚନ୍ଦ୍ରପୁର ଗ୍ରାମବାସୀ ଏସଟିଏମ୍ ନାମକ ଟେକ ପ୍ଲାଣ୍ଟ କମ୍ପାନୀ କ୍ରୟ କରିଥିବା ଜମିରେ ଆଜକୁ ପ୍ରାୟ ୨୫ ବର୍ଷ ହେଲା ଘର କରି ବସବାସ କରି ଆସୁଛନ୍ତି। ସେହି ଜମିର ଘରଡିହ ପଟ୍ଟା ପାଇବା କଷ୍ଟକର ଥିବାବେଳେ ଗାଁର ଅଳ୍ପ ଦୂରରେ ସରକାରୀ ଜମି ଥିବା ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ଚିହ୍ନଟ କରାଯାଇଥିଲା। ଉକ୍ତ ଚିହ୍ନଟ ସରକାରୀ ଜମିକୁ ଆମ ୫୦ଟି ପରିବାରକୁ ଦେବା ପାଇଁ ତହସିଲଦାର ସୋନାଲି ପାତ୍ରଙ୍କୁ ନିବେଦନ କରିଥିଲେ। ୧୦ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଚାଷୀମୂଲିଆ ଆଦିବାସୀ ସଂଘର ସହଯୋଗ ନେଇ ଜୋରଦାର ଲଢ଼େଇ କରିବାକୁ ସୁରମା ପିଡ଼ିକା ଚେତାବନୀ ଶୁଣାଇଛନ୍ତି।

## ଜୟପୁର ଷ୍ଟେସନର ୧୯.୮୬ କୋଟି ଟଙ୍କାରେ ଆଧୁନୀକରଣ ଶିଳାନ୍ୟାସ




**ଜୟପୁର,୨୬ା୨(ସମିସ):** ଆଧୁନିକ ଏବଂ ଦ୍ରୁତ ରେଳସେବା ମୋଦି ସରକାରଙ୍କ ଗ୍ୟାରେଣ୍ଟି ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅମୃତ ଭାରତ ଷ୍ଟେସନ ଯୋଜନାରେ ସାରା ଦେଶରେ ୫୫୪ଟି ରେଳ ଷ୍ଟେସନର ପୁନର୍ବିକାଶ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ୪୧ ହଜାର କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ଓଡ଼ିଶାର ୨୧ଟି ରେଳ ଷ୍ଟେସନ୍ ପୁନର୍ବିକାଶ ଯୋଜନାରେ ସାମିଲ କରାଯାଇଛି। କୋରାପୁଟ ଜିଲ୍ଲାର ଜୟପୁର ଷ୍ଟେସନକୁ ୧୯ କୋଟି ୮୬ ଲକ୍ଷ ଟଙ୍କାରେ ଆଧୁନିକୀକରଣ ଯୋଜନାରେ ସାମିଲ କରାଯାଇଛି। ଏଥିରେ କୋରାପୁଟ ଜିଲ୍ଲା ଜୟପୁର ରେଳ ଷ୍ଟେସନଠାରେ ସୋମବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିଳାନ୍ୟାସ କରିଥିଲେ। ଜୟପୁର ଆଧୁନିକୀକରଣ ନିର୍ମାଣ କାର୍ଯ୍ୟ ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିରେ ଜୟପୁର ଷ୍ଟେସନର ସମ୍ମୁଖ ଭାଗ ନିର୍ମାଣ, ଷ୍ଟେସନରେ ଯାତ୍ରୀଙ୍କ ପାଇଁ ବିଶ୍ରାମାଗାର, ଅନ୍ୟାନ୍ୟ ଆଧୁନିକ ବୈଷୟିକ ସରଞ୍ଜାମ ସଂଯୋଗୀକରଣ କରାଯିବ। ଜୟପୁରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶାଖାପାଟଣା ଡିଭିଜନ ଡିଇଏନ୍ ଅଭିଷେକ କୁମାର, ଜୟପୁର ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଡେପୁଟି ଇଲେକ୍ଟ୍ରିକାଲ ଇଞ୍ଜିନିୟର ଏସ୍ଏମ୍ ପ୍ରସାଦ, ପଟ୍ଟାଙ୍ଗି ବିଧାୟକ ପୀତମ ପାଢ଼ି, ବିଜେପି ରାଜ୍ୟ ପାର୍ଲାମେଣ୍ଟାରୀ ଅତିଥି ଗୌତମ ସାମନ୍ତରାୟ, ରାଧେଶ୍ୟାମ ପରିଡ଼ା, ମୁଖ୍ୟ ମ୍ୟାନେଜର ଗିରିଜା ଶଙ୍କର ଦାଶ, ଜୟପୁର ଚାମ୍ବର ଅଫ୍ କମର୍ସର ସଭାପତି ଭି. ପ୍ରଭାକର, ସମ୍ପାଦକ ମାଧବ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ମେଗା ପାନୀୟ ଜଳ ପ୍ରକଳ୍ପ କମ୍ପାନୀର ମନମାନୀ ନେଇ ଥାନାରେ ଅଭିଯୋଗ

**ବୋରିଗୁମ୍ମା,୨୬ା୨(ସମିସ):** ବୋରିଗୁମ୍ମା, ଜୟପୁର ଓ କୋଟପାଡ଼ ବ୍ଲକରେ ପ୍ରାୟ ୫୨ ଟି ପଞ୍ଚାୟତକୁ ନିରନ୍ତର ଭାବେ ପାନୀୟ ଜଳ ଯୋଗାଣ ନିମନ୍ତେ ବୋରିଗୁମ୍ମା ବ୍ଲକର ମୁରାନ ଡ୍ୟାମରୁ ପାନୀୟ ଜଳ ଯୋଗାଣ ନେଇ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ପାଇପ ବିଛାଇବା କାର୍ଯ୍ୟରେ ପାନୀୟ ଜଳ ପ୍ରକଳ୍ପ କାମ ହାତକୁ ନେଇଥିବା କମ୍ପାନୀ କର୍ତ୍ତୃପକ୍ଷ ମନମାନି କରୁଥିବା ନେଇ ବୋରିଗୁମ୍ମା ଥାନାରେ ଅଭିଯୋଗ ହୋଇଛି। ଦୀର୍ଘ ବର୍ଷ ଧରି ସମ୍ପୃକ୍ତ କମ୍ପାନୀ କାମ କରୁଥିଲେ ବି ଏପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ନିର୍ମାଣଧୀନ କମ୍ପାନୀ କେଉଁଠି ରାସ୍ତା ଖୋଳି ପାଇପ ପକାଉ ନ ଥିବାବେଳେ କେଉଁଠି ବେସରକାରୀ ସ୍ଥାନରେ ପାଇପ ବିଛାଉଥିବା ଅଭିଯୋଗ ହୋଇଛି। ବୋରିଗୁମ୍ମା ସହର ଉପକଣ୍ଠ ଝିଲିମିଲି ମୌଜାରେ ଏକ ବେସରକାରୀ ସ୍ଥାନରେ ସଂସ୍ଥା ପାଇପ ପକାଉଥିବା ଦେଖିବାକୁ ମିଳିଛି। ଏନେଇ ବୋରିଗୁମ୍ମା ସହର ପ୍ରଦୀପ୍ତ କୁମାର ନାୟକ ଓ ଶୁଭମ ଚୌଧୁରୀ ଦୁହେଁ ସେମାନଙ୍କ ନିଜସ୍ୱ ସ୍ଥାନରେ ମେଗା ପ୍ରୋଜେକ୍ଟ କମ୍ପାନୀ ପାଇପ ପକାଇବା ନେଇ ଥାନାରେ ଏତଲା ଦେଇଛନ୍ତି। ପ୍ରଦୀପ୍ତ କୁମାର ନାୟକ ଏତଲାରେ ଦର୍ଶାଇଛନ୍ତି ଯେ, ଝିଲିମିଲି ମୌଜା ଖାତା ନମ୍ବର ୧୫୫/୨୩୩ ପ୍ଲଟ ନମ୍ବର ୧୧୯ ଓ ୧୨୦ ରେ କମ୍ପାନୀ ପାଇପ ପକାଇଛନ୍ତି। ସେହିପରି ଶୁଭମ ଚୌଧୁରୀ ମଧ୍ୟ ଏତଲାରେ ଦର୍ଶାଇଛନ୍ତି ଯେ, ଝିଲିମିଲି ମୌଜାର ଖାତା ନମ୍ବର ୧୫୫/୯୯୬ ପ୍ଲଟ ନମ୍ବର ୧୩/୮୫୩/୧୩୩୩ ରେ ନିର୍ମାଣଧୀନ କମ୍ପାନୀ ପାଇପ ବିଛାଇଛି। କମ୍ପାନୀ କର୍ତ୍ତୃପକ୍ଷ ରାତିରେ କାମ କରିବା ଯୋଗୁଁ ସେମାନେ ଜାଣି ପାରୁନାହାନ୍ତି ବୋଲି ଉଭୟେ ଏତଲାରେ ଦର୍ଶାଇଛନ୍ତି। କମ୍ପାନୀ କର୍ତ୍ତୃପକ୍ଷଙ୍କ ନାମରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଥାନା ଅଧିକାରୀଙ୍କୁ ସେମାନେ ଅନୁରୋଧ କରିଛନ୍ତି।

ସକାଳ THE SAKALA



## ଜଙ୍ଗଲି ବାର୍‌ହା ଆକ୍ରମଣରେ ଯୁବକ ଗୁରୁତର

**ପଦ୍ମପୁର,୨୬।୨(ସମିସ):** ଜଙ୍ଗଲକୁ ଫୁଲ ଝାଡୁ ଓ ସିଆଳି ଦଉଡ଼ି ସଂଗ୍ରହ କରିବାକୁ ଆସି ଜଙ୍ଗଲି ବାରହା ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଆହତ ଜଣକ ହେଲେ ରାୟଗଡ଼ା ଜିଲ୍ଲାର ଗୁଡ଼ାରୀ ବ୍ଲକ କଦମା ପଞ୍ଚାୟତର ଡୁନାମ ଗ୍ରାମର ବିଷ୍ଣୁ କିମ୍ବାକା (୩୦)। ପ୍ରକାଶ ଯେ, ପଦ୍ମପୁର ବ୍ଲକ୍ କେନ୍ଦୁଗୁଡ଼ା ପାଖ ମିଲିକାପାଙ୍ଗା ଜଙ୍ଗଲକୁ ବିଷ୍ଣୁ ଫୁଲ ଝାଡୁ ଓ ସିଆଳି ଦଉଡ଼ି ସଂଗ୍ରହ କରିବାକୁ ଯାଇଥିଲେ। ଜଙ୍ଗଲରେ ବାରହାଟି ଲୁଚି ରହିଥିବାବେଳେ ତାଙ୍କ ଦେହସାରା କାମୁଡ଼ିଦେଇଥିଲା। ଫଳରେ ତାଙ୍କ ଡାହାଣ ହାତଟି ଭାଙ୍ଗିଯାଇଛି। ଚିତ୍କାର ଶୁଣି ତାଙ୍କ ପରିବାର ଲୋକେ ବାରହାକୁ ଘଉଡ଼ିବା ସହ ଗୁରୁତର ଅବସ୍ଥାରେ ପଦ୍ମପୁର ମେଡିକାଲକୁ ଆଣିଥିଲେ। ତେବେ ଅଧିକ ଚିକିତ୍ସା ନିମନ୍ତେ ପଦ୍ମପୁର ଡାକ୍ତର ଚିନ୍ମୟ ସାମିଲ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି।

### ରାୟଗଡ଼ା ରେଳ ଷ୍ଟେସନର ହେବ ପୁନର୍ବିକାଶ

# ଭର୍ଚୁଆଲରେ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

**ରାୟଗଡ଼ା,୨୬।୨(ସମିସ):** ଅମୃତ ଭାରତ ଯୋଜନାରେ ଦକ୍ଷିଣ-ପୂର୍ବତଟ ରେଳବାଇ ଅନ୍ତର୍ଗତ ରାୟଗଡ଼ା ରେଳ ଷ୍ଟେସନର ପୁନର୍ବିକାଶ ପାଇଁ ସୋମବାର ଭର୍ଚୁଆଲ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରାୟ ୯୦୦ କୋଟି ଟଙ୍କା ବ୍ୟୟରେ ଓଡ଼ିଶାରେ ୨୧ଟି ରେଳ ଷ୍ଟେସନର ଉନ୍ନତିକରଣ ନିମନ୍ତେ ପ୍ରଧାନମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଅମୃତ ଭାରତ ଯୋଜନାରେ ୱାଲଟିୟର ଡିଭିଜନର ୧୨ଟି ରେଳ ଷ୍ଟେସନର ଭିତ୍ତିଭୂମିର ଉନ୍ନତିକରଣ ପାଇଁ ୪୪୩.୩୭ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ରେଳ ବିଭାଗ ତରଫରୁ ସୂଚନା ମିଳିଛି। ରାୟଗଡ଼ା ରେଳ ଷ୍ଟେସନର ପୁନର୍ବିକାଶ ପାଇଁ ସର୍ବାଧିକ ୨୪୩.୫୧ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଅମୃତ ଭାରତ ଯୋଜନାରେ ରେଳ ଷ୍ଟେସନରେ ଯାତ୍ରୀଙ୍କ ସୁବିଧାକୁ ପ୍ରାଥମିକତା ଦିଆଯାଇଛି। ଯାତ୍ରୀମାନଙ୍କ ପାଇଁ ଫୁଟ୍ ଓଭରବ୍ରିଜ, ୱେଟିଂ ହଲ୍, ଶୌଚାଳୟ, ଏସ୍କାଲେଟରର ସୁବିଧା କରାଯିବ। ଏଥିସହ ଯାତ୍ରୀମାନଙ୍କ ପାଇଁ ମାଗଣା ୱାଇ-ଫାଇ ସୁବିଧା ମଧ୍ୟ ଯୋଗାଇ ଦିଆଯିବ। ଭିନ୍ନକ୍ଷମମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇ ଲିଫ୍ଟର ବ୍ୟବସ୍ଥା କରାଯିବ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମ ପୂର୍ବରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସହିତ ଏହି ଅଞ୍ଚଳର ରେଳ ଭିତ୍ତିଭୂମି ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରାଥମିକତା ଦେଉଛନ୍ତି ବୋଲି ପ୍ରକାଶ କରିଥିଲେ। ରାୟଗଡ଼ା ରେଳ ଷ୍ଟେସନରେ ଆୟୋଜିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଜିଲ୍ଲା ବିଜେପି ସଭାପତି ଶିବ ପଟ୍ଟନାୟକ, ବରିଷ୍ଠ ବିଜେପି ନେତା କାଳିରାମ ମାଝୀ, ବସନ୍ତ କୁମାର ଉଲ୍ଲାକା, ଶିବ ଶଙ୍କର ଉଲ୍ଲାକା, ରାୟଗଡ଼ା ଆରକ୍ଷୀ ଅଧୀକ୍ଷକ ହରିଶ୍ ବିସି, ଉପଜିଲ୍ଲାପାଳ ସଂଘମିତ୍ରା ଦେବୀ, ରାୟଗଡ଼ା ପୌରାଧ୍ୟକ୍ଷ ପି.ମହେଶ ପଟ୍ଟନାୟକ, ରେଳ ବିଭାଗର ମୁଖ୍ୟ ପ୍ରୋଜେକ୍ଟ ମ୍ୟାନେଜର ୱାଇ. ମସ୍ତାନିଆ, ୱାଲଟର ଡିଭିଜନର ବରିଷ୍ଠ ଡିଓଏମ୍ ପ୍ରୀତି ରାଣା, ରାୟଗଡ଼ା ସରକାରୀ ରେଳବାଇ ପୁଲିସ (ଜିଆରପିଏସ) ଉପ ଅଧୀକ୍ଷକ ନିରଞ୍ଜନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ରାୟଗଡ଼ା ରେଳ ଡିଭିଜନ ତୁରନ୍ତ କାର୍ଯ୍ୟକାରୀ କରାଯିବା ସହ ଗୁଣୁପୁର-ଥେରୁବାଲି ରେଳ ଲାଇନ୍ ପ୍ରକଳ୍ପ କାମ ତୁରନ୍ତ ଆରମ୍ଭ କରିବାକୁ ସାଂସଦ ଶ୍ରୀ ଉଲ୍ଲାକା ଦାବି କରିଥିଲେ। ପୂର୍ବରୁ ଅମୃତ ଭାରତ ଯୋଜନା ଉପଲକ୍ଷେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କୋଲନରା ସ୍ଥିତ ଜ୍ଞାନବର୍ଦ୍ଧନୀର ଛାତ୍ରଛାତ୍ରୀମାନେ ଚିତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଶ୍ୟାମା ପ୍ରସାଦ ପତି ଏବଂ ମିହିର କୁମାର ମିଶ୍ର ସଞ୍ଚାଳନ କରିଥିଲେ।



## ପୁଣି ବଦଳିଲେ ଗୁଣୁପୁର ପୌର ପରିଷଦର ନିର୍ବାହୀ ଅଧିକାରୀ

**ଗୁଣୁପୁର,୨୬।୨(ସମିସ):** ରାୟଗଡ଼ା ଜିଲ୍ଲା ଗୁଣୁପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ବଦଳି ହୋଇଛି। ତାଙ୍କୁ ବୌଦ୍ଧ ଏନଏସିର ନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଥିବା ସୋମବାର ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଜଣାପଡ଼ିଛି। ଅନ୍ୟପଟେ ଟିଟଲାଗଡ଼ ପୌର ପରିଷଦର ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡିଙ୍କୁ ଗୁଣୁପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଛି। ଗୁଣୁପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ବାରମ୍ବାର ବଦଳି ହେଉଥିବା ଯୋଗୁଁ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି।

## କେନ୍ଦ୍ର ସରକାରଙ୍କ ଅନ୍ୟାୟ ନୀତି; ଝୋଡ଼ିଆଙ୍କୁ ମିଳିନି ଆଦିବାସୀ ମାନ୍ୟତା

### ସଂସଦୀୟ କ୍ଷେତ୍ରର ୪ଟି ବ୍ଲକକୁ ଏନ୍‌ଏସି ଘୋଷଣା କରିଥିବାରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା

**ରାୟଗଡ଼ା,୨୬।୨(ସମିସ):**

ଅବିଭକ୍ତ କୋରାପୁଟ ଜିଲ୍ଲା ତଥା ରାୟଗଡ଼ା ଜିଲ୍ଲାର କାଶିପୁର ବ୍ଲକରେ ବସବାସ କରୁଥିବା ହଜାର ହଜାର ଝୋଡ଼ିଆ ସମ୍ପ୍ରଦାୟକୁ କେନ୍ଦ୍ର ସରକାରଙ୍କ ଅନ୍ୟାୟ ନୀତି ଯୋଗୁଁ ସେମାନଙ୍କୁ ଆଦିବାସୀ ମାନ୍ୟତା ମିଳିପାରିନାହିଁ ବୋଲି ସୋମବାର କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲ୍ଲାକା। ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଝୋଡ଼ିଆ ସମ୍ପ୍ରଦାୟ ଆଦିବାସୀ ମାନ୍ୟତା ପାଇଁ ଦାବି କରି ଆସୁଥିବାବେଳେ ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନେକ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ମିଳିପାରିଛି। ତେବେ ଝୋଡ଼ିଆ ସମ୍ପ୍ରଦାୟକୁ ଏଥିରେ ସାମିଲ କରାଯାଇ ନ ଥିବାରୁ ନିର୍ବାଚନ ଆଚରଣ ସଂହିତା ରାଜ୍ୟରେ ଲାଗୁ ହେବା ପୂର୍ବରୁ ଆଦିବାସୀ ମାନ୍ୟତା ଦାବି ନେଇ ଏକ ଦସ୍ତଖତ ଅଭିଯାନ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଦାବି ଉପସ୍ଥାପନା କରିବି ବୋଲି ସାଂସଦ ଶ୍ରୀ ଉଲ୍ଲାକା ପ୍ରକାଶ କରିଛନ୍ତି। ସେହିପରି କୋରାପୁଟ ଜିଲ୍ଲାର ବୋରିଗୁମ୍ମା ସହ ରାୟଗଡ଼ା ଜିଲ୍ଲାର ଚାନ୍ଦିଲି, ବିଷମକଟକ ଓ ମୁନିଗୁଡ଼ା ବ୍ଲକକୁ ଏନ୍‌ଏସି ଘୋଷଣା କରିଥିବାରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ଜିଲ୍ଲାର ପଦ୍ମପୁର ବ୍ଲକକୁ ଏନ୍‌ଏସି ଘୋଷଣା କରାଯାଇ ନ ଥିବାରୁ ପୁନଃବିଚାର ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବି ବୋଲି କହିଛନ୍ତି ସାଂସଦ ଶ୍ରୀ ଉଲ୍ଲାକା। ଏହା ସହିତ ଆଦିମ ଜନଜାତି ସୌରାଙ୍କ ଲିପି ସୌରା ସୋମ୍ପେଙ୍ଗ ଓ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଯୋଡ଼ି ଭାଷାର ମାନ୍ୟତା ଦେବା ପାଇଁ ସେ ବାରମ୍ବାର ଦାବି କରି ଆସୁଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ କେନ୍ଦ୍ର ସରକାରଙ୍କୁ ଦାବି ଜଣାଇବି ବୋଲି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ଜିଲ୍ଲା ଡିସିସି ଉପସଭାପତି ସୁନୀଲ କୁମାର ପଣ୍ଡା, ସାଧାରଣ ସମ୍ପାଦକ ଶଙ୍କର୍ଷଣ ମଙ୍ଗରାଜ, ଆପଲସ୍ୱାମୀ କାଡ୍ରକା, ଅମ୍ବିକା ମାଝି, ଆସଲାମ୍ ଖାନ୍, ଦେବେନ୍ଦ୍ର ରାଓ, ଚିନ୍ନାରି ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




## ରାସନ କାର୍ଡ ହିତାଧିକାରୀଙ୍କୁ ଟଙ୍କା ଓ ବ୍ୟାଗ୍ ବଣ୍ଟନ



**ଟିକିରି/କାଶୀପୁର,୨୬।୨(ସମିସ):** ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ଥିବା ଅଡ଼ାଜୋର ପଞ୍ଚାୟତର ୨୧୯୯ ଜଣ ରାସନ କାର୍ଡ ହିତାଧିକାରୀଙ୍କୁ ୧୦୦୦ ଟଙ୍କା ସହ ଦୁଇଟି ବ୍ୟାଗ୍ ବଣ୍ଟନ କରାଯାଇଛି। ସରପଞ୍ଚ ସୁରେନ୍ଦ୍ରୀ ମାଝୀଙ୍କର ଅଧ୍ୟକ୍ଷତାରେ କାଶୀପୁର ବିଜୁଛାତ୍ର ଜନତା ଦଳର ସଭାପତି ରଞ୍ଜିତ ନାଏକ, ଜିଲ୍ଲା ବିଜୁ ଜନତା ଦଳର ଯୁଗ୍ମ ସମ୍ପାଦକ ଧୋବା ମାଝୀ, ପଞ୍ଚାୟତ ସଭାପତି କାର୍ତ୍ତିକ ବାଗ, ବରିଷ୍ଠ ବିଜେଡି କର୍ମୀ ଅଭିରାମ ନାଏକ ଓ ଅଡ଼ାଯୋର ପଞ୍ଚାୟତ ଯୋଗାଣ ସହାୟିକା ସୁକେସି ଦୁର୍ଗା ଉପସ୍ଥିତ ଥିଲେ।

## ସୁନାବେଡ଼ାରେ ବିଜୁ ମହିଳା ସମାବେଶ

**ସୁନାବେଡ଼ା,୨୬।୨(ସମିସ):**

କୋରାପୁଟ ଜିଲ୍ଲା ସୁନାବେଡ଼ା ୩ ସ୍ଥିତ କଲ୍ୟାଣମଣ୍ଡପଠାରେ ବିଜୁ ଜନତା ଦଳ ପକ୍ଷରୁ ବିଜୁ ମହିଳା ସମାବେଶ ଓ ଘରେ ଘରେ ଶଙ୍ଖ, ବିଜୁ ଜନତା ଦଳର ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡ଼ାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ମହିଳାମାନଙ୍କ ଉନ୍ନତି ପାଇଁ ବହୁତ ପ୍ରୟାସ ଜାରି ରଖିବା ସହ ମହିଳାଙ୍କୁ ସବୁ ପ୍ରକାର ସହଯୋଗ କରିଥିବା ନେଇ ବିଧାୟକ ରଘୁରାମ ମହିଳା କର୍ମୀମାନଙ୍କୁ ଜଣାଇଥିଲେ। ସମ୍ମାନୀତ ଅତିଥି ଭାବରେ କୋରାପୁଟ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷିକା ତଥା ମୁକ୍ତା ଯୋଜନାର ଉପଦେଷ୍ଟା ମୀରା ପରିଡ଼ା ନିଜ ଅଭିଭାଷଣରେ ମହିଳାମାନେ ଓଡ଼ିଶାର ପ୍ରଗତିରେ ସାମିଲ ହୋଇ ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଯୋଗୁଁ ସେ ସେମାନଙ୍କୁ ପ୍ରଶଂସା କରିଥିଲେ। ମହିଳାମାନଙ୍କ ପାଇଁ ସବୁ ପ୍ରକାର ସୁବିଧା ରହିଛି। ସେସବୁ ଠିକ୍ ଭାବରେ ବ୍ୟବହାର କରିବା ପାଇଁ ନିବେଦନ କରିଥିଲେ। ସୁନାବେଡ଼ା ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର, ଉପାଧ୍ୟକ୍ଷ ରିତୁ କଣ୍ଟା, ବିଜୁ ମହିଳା ଜିଲ୍ଲା ସଭାପତି ପାର୍ବତୀ ମସ୍ତୀ ଓ ପୂର୍ବତନ ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ତୁଳସୀ କିର୍ଷାନୀ, ପୂର୍ବତନ ସାଂସଦ ଝିନ୍ନ ହିକକା, ଅନୁମ ସେଠୀ ଏବଂ ପାରିଷଦ ଉପସ୍ଥିତ ଥିଲେ। ବିଜୁ ମହିଳା ନଗର ସଭାପତି ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମିନତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଜୁ ମହିଳା ଜନତା ଦଳର ସମସ୍ତ କର୍ମକର୍ତ୍ତା ଲିଲି ମହାନ୍ତି, ଅଞ୍ଜଳି ପଣ୍ଡା, ତନୁଜା ସାବତ, ସାବିତ୍ରୀ ବେହେରା, ଜୟନ୍ତୀ ପ୍ରଧାନ, ମମତା ସାହୁ, ମିନତୀ ଆଚାର୍ଯ୍ୟ, ରଶ୍ମିତା ମଲ୍ଲିକ, ନିଳେନ୍ଦେ ତୁରୁକ୍, ଗୀତା ସେଠୀ, ସୁପ୍ରଭା ବିଶ୍ୱାଳ ସହଯୋଗ କରିଥିଲେ। ଉକ୍ତ ସମାବେଶରେ ୩୦୦ ମହିଳା ଉପସ୍ଥିତ ଥିଲେ।




## ଆଲିଗାଁରେ କମ୍ପୋଷ୍ଟ ଖତ ୟୁନିଟ୍ ଉଦ୍‌ଘାଟିତ



**ସେମିଳିଗୁଡ଼ା, ୨୬।୨(ସମିସ)**

କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ୍ ପାକଝୋଲା ପଞ୍ଚାୟତ ଆଲିଗାଁରେ କମ୍ପୋଷ୍ଟ ଖତ ୟୁନିଟ ନେଇ ଏକ ସମାରୋହ ଆୟୋଜିତ ହୋଇଯାଇଛି। ଏହି ସମାରୋହ ଆଲିଗାଁର ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ପରିଚାଳନା କରାଯାଇଥିଲା। ମୁଖ୍ୟ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ ଯୋଗ ଦେଇଥିବାବେଳେ ଡିପିଏମ ପ୍ରୀୟମ୍ବଦା ବିଶୋୟୀ, ପାକଝୋଲା ସରପଞ୍ଚ ପଦ୍ମିନୀ ଆଲତୀୟା, ବୈଜ୍ଞାନିକ ଡ. ଅଭିନାସ ଦତ୍ତ, ଡ. ରାଜେସ ପାସୁ ମୁର୍ତ୍ତି, ଡ. ସନ୍ତୋଷ କାଲେ, ଡ. ରାକେଶ ସାବନ୍ତ, ବିଶ୍ୱନାଥ ବେହେରା, ଉଦିତ ଶଙ୍କର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯକ୍ରମକୁ ସମ୍ପାଦକ ପ୍ରଭାକର ଅଧିକାରୀ ପରିଚାଳନା କରିଥିବା ବେଳେ ପ୍ରୋଗ୍ରାମ ପରିଚାଳକ ହର୍ଷିତା ମିଶ୍ର ଏଥିରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇକରିସେଟର ମନୋଜ ଲିମା, ଏମ୍‌କେ, ସିଆରପି, କୃଷି ମିତ୍ର, ପ୍ରାଣୀମିତ୍ର, ସରସ୍ୱତୀ ଏସ୍‌ଏଚ୍‌ଜି ମହିଳା ମିଶନ ଶକ୍ତିର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜୈବିକ ସାର ପ୍ରସ୍ତୁତି ନେଇ ବୈଜ୍ଞାନିକମାନେ ଲୋକଙ୍କୁ ସଚେତନ କରାଇବା ସହ ଏହାର ଉପକାରିତା ଓ ଚାଷ କାର୍ଯ୍ୟରେ କିପରି ବ୍ୟବହାର କରାଯାଇ ପାରିବ ସେନେଇ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଟାଙ୍ଗି ବିଧାୟକ ପ୍ରତିନିଧି ଲକ୍ଷ୍ମଣ ପାଢ଼ୀ, ବିଜେଡି ବ୍ଲକ ସଭାପତି ରାମ ଅଣ୍ଟବିରିଆ, ଲକ୍ଷ୍ମଣ କିର୍ଷାନୀ ଏବଂ ପଞ୍ଚାୟତର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ଶତାଧିକ ମହିଳା ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଶେଷରେ ଉଦିତ ଶଙ୍କର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା କାଉନସିଲରଙ୍କ ଠାରୁ ସୁନାଚେନ୍ ଲୁଟ୍

**ସୁନାବେଡ଼ା,୨୬।୨(ସମିସ):** ସୁନାବେଡ଼ା ପୌରାଞ୍ଚଳରେ ଗତ କିଛି ଦିନ ହେଲା ଚୋର ଓ ଲୁଟେରାମାନଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ସ୍ପଷ୍ଟ ଦିବାଲୋକରେ ଜଣେ ମହିଳା କାଉନସିଲରଙ୍କଠାରୁ ସୁନାଚେନ୍ ଲୁଟ୍ ହୋଇଥିବା ସୁନାବେଡ଼ା ଥାନାରେ ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ସୋମବାର ଦିନ ୪ଟା ସମୟରେ ସୁନାବେଡ଼ା ପୌରପରିଷଦ ଅନ୍ତର୍ଗତ ୧ନଂ ୱାର୍ଡର କାଉନସିଲର ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ ନିଜ ପୁତୁରାଙ୍କୁ ନେଇ ଏକ ସ୍କୁଟି ଯୋଗେ ଶିଶୁମନ୍ଦିରରୁ ଘରକୁ ଫେରୁଥିବା ବେଳେ ଠିକ୍ ତାଙ୍କ ଘର ସମ୍ମୁଖରୁ ଏକ ବାଇକରେ ହେଲମେଟ ପିନ୍ଧି ଦୁଇ ଜଣ ଲୁଟେରା ଆସି ତାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇ ଦ୍ରୁତ ଗତିରେ ଚାଲିଯାଇଥିଲେ। ଏନେଇ ସୁନାବେଡ଼ା ଥାନାରେ ସେ ଲିଖିତ ଅଭିଯୋଗ କରିବା ପରେ ଥାନା ଭାରପ୍ରାପ୍ତ ଅଧିକାରୀ ସତ୍ୟାନନ୍ଦ ପାତ୍ର ଘଟଣାର ତଦନ୍ତ କରୁଛନ୍ତି।

### ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ

# ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର ଓ ଟ୍ରାଇ ସାଇକଲ ପ୍ରଦାନ

**କୋଷାଗୁମୁଡ଼ା,୨୬।୨(ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ ମିନି ସମ୍ମିଳନୀ କକ୍ଷରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ୍, ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଏସଡିପିଓ ମିନାକ୍ଷୀ ଠାକୁରଙ୍କ ସହ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନଶୁଣାଣି କରିଥିଲେ। ରାସ୍ତା, କୋଷାଗୁମୁଡ଼ା ସ୍ଥିତ ଆର୍‌ଏମସି ଷ୍ଟଲକୁ ସଠିକ ହିତାଧିକାରୀଙ୍କ ମଧ୍ୟରେ ଦେବା, ବ୍ଲକର ସମିତିସଭ୍ୟମାନଙ୍କ ମୌଳିକ ଅଧିକାର ଦାବିକୁ ପୂରଣ କରିବା, ମତ୍ସ୍ୟ ସମବାୟ ସମିତି କେନ୍ଦ୍ରର ମାସିକ ଭଡ଼ାର ସମାଧାନ, ମାସମାସ ଧରି ଅଙ୍ଗନବାଡ଼ି କର୍ମୀ ନଥିବା ଜାଗାରେ ଉକ୍ତ ଗାଁର ଶିକ୍ଷିତ ଯୁବତୀଙ୍କୁ ପୁନଃନିଯୁକ୍ତି ପ୍ରଦାନ କରିବା, ଭୁବନେଶ୍ୱରକୁ ବସ୍ ସେବା, ଗୋଷ୍ଠୀ ଶୌଚାଳୟର ମରାମତି ବକେୟା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସୂତି, ଚକ୍ଷୁ, ଶିଶୁ, ଦାନ୍ତ ବିଶେଷଜ୍ଞଙ୍କୁ ନିଯୁକ୍ତି, ନୂତନ ବସଷ୍ଟାଣ୍ଡର ନିମ୍ନମାନର କାର୍ଯ୍ୟର ତଦାରଖ, ଜମିବାଡ଼ି ସମ୍ପର୍କିତ, ଗୃହ ପ୍ରଦାନ, ବାର୍ଦ୍ଧକ୍ୟ ଭତ୍ତା, ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ, ରାସନ କାର୍ଡ ପ୍ରଦାନ, ଗଭୀର ନଳକୂଅ ନିର୍ମାଣ ଭଳି ଅଭିଯୋଗର ଶୁଣାଣି କରିଥିଲେ ଜିଲ୍ଲା ମାଜିଷ୍ଟ୍ରେଟ, ଉପଜିଲ୍ଲାପାଳ ଏବଂ ପିଡି ନବରଙ୍ଗପୁର। ତୁରନ୍ତ ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲା ମାଜିଷ୍ଟ୍ରେଟ, ଉପଜିଲ୍ଲାପାଳ ଏବଂ ନବରଙ୍ଗପୁର ପିଡି ନିର୍ଦ୍ଦେଶ ଦେଇଛନ୍ତି। ସର୍ବମୋଟ ୬୮ଟି ଶୁଣାଣି ମଧ୍ୟରୁ ବ୍ୟକ୍ତିଗତ ୫୩ ଏବଂ ଦଳଗତ ୧୫ଟିର ଅଭିଯୋଗ ଶୁଣାଣି କରାଯାଇଥିଲା। ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ଜିଲ୍ଲା ମାଜିଷ୍ଟ୍ରେଟ, ଉପଜିଲ୍ଲାପାଳ, ପିଡି, ବ୍ଲକ୍ ଚେୟାରମ୍ୟାନ, ଉପାଧ୍ୟକ୍ଷ, ଏସଡିପିଓ, ଥାନାଧିକାରୀ, ରେଞ୍ଜରଙ୍କ ଦ୍ୱାରା ୨ଟି ହ୍ୱିଲ ଚେୟାର ଓ ଗୋଟିଏ ଟ୍ରାଇ ସାଇକଲ ଦିବ୍ୟାଙ୍ଗମାନଙ୍କୁ ବଣ୍ଟନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କୋଷାଗୁମୁଡ଼ା ବ୍ଲକ୍ ପରିସରରେ ଆରସିଡିସି ତରଫରୁ ଓଡ଼ିଶା ମିଲେଟ ମିଶନର ଖୁଦ୍ର ଶସ୍ୟର ଖାଦ୍ୟ ପ୍ରଦର୍ଶନୀରେ ସମସ୍ତ ଜିଲ୍ଲା ଏବଂ ବ୍ଲକ୍ ଅଧିକାରୀଙ୍କ ସହ ସ୍ଥାନୀୟ ଜନସାଧାରଣ ମିଷ୍ଟାନ୍ନ ଖାଦ୍ୟର ମଜା ଉଠାଇଥିଲେ। ଜିଲ୍ଲା ପ୍ରଶାସନ ଏବଂ କୋଷାଗୁମୁଡ଼ା ବ୍ଲକ୍ ଅଧ୍ୟକ୍ଷ ସର୍ବେଶ୍ୱରୀ ମାଝୀ, ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, କୋଷାଗୁମୁଡ଼ା ବିଡିଓ ଆଶିଷ ତ୍ରିପାଠୀ, ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ଏଏଫ୍‌ଓ ଗିରିଜା ଶଙ୍କର ପଟ୍ଟନାୟକ, ଏସଡିପିଓ ମିନାକ୍ଷୀ ଠାକୁର, କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର, କୋଷାଗୁମୁଡ଼ା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ, ଅତିରିକ୍ତ ତହସିଲଦାର ସଞ୍ଜୀବ କୁଲୁ, ସିଡିପିଓ ଯମୁନା ଭତ୍ରା, ଜିପିଓ ତ୍ରିଲୋଚନ ଛଞ୍ଚାଣ, କୋଡ଼ିଙ୍ଗା ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ, କୃଷି ଅଧିକାରୀ ଦୁର୍ଯ୍ୟୋଧନ ଯାନୀ, ପ୍ରାଣୀ ଅଧିକାରୀ ଡା. ରଶ୍ମିତା ମାଳି, ଯୋଗାଣ ଅଧିକାରୀ ସୀତାକାନ୍ତ ରାଉତ, ବିଇଓ ସୁବାସ ଚନ୍ଦ୍ର ରାୟ, ଆରଡି ଏସଡିଓ ଧ୍ରୁବ ସେଠୀ, କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ଭୋଇ, ଏଇ ଅଶ୍ୱେନୀ ପଟ୍ଟନାୟକ, ଏଇ ସନ୍ତୋଷ କୁମାର ବିଶ୍ୱାଳ, କନିଷ୍ଠ ଯନ୍ତ୍ରୀ ପିତମ ବିଶୋଇ, ରାଜା ସାହୁ, ଏଇ ଦୀପକରାଜ ଭତ୍ରା, ବରିଷ୍ଠ ରାଜସ୍ୱ ସହାୟକ ସୁରେନ୍ଦ୍ର ମୋହନ ଦାସ, ସ୍ୱରୂପା ନାୟକ, ପିଏ ବାଳକୃଷ୍ଣ ସାହୁ, ସିପି ଚିନ୍ମୟ ପଟ୍ଟନାୟକ, କୀର୍ତ୍ତିରଞ୍ଜନ ସାହୁ, ଆରଡବ୍ଲ୍ୟୁଏସ୍‌ଏସ୍ ଏଇ ଅମରେଶ ନାୟକଙ୍କ ସହ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ପ୍ରଦୀପ୍ତ କୁମାର ବେହେରା, ମୃର୍ତ୍ତିକା ସଂରକ୍ଷଣ ବିଭାଗ ଯନ୍ତ୍ରୀ ଦିନେସ ସାହୁ, ଲିଫ୍ଟ ଇରିଗେସନ ବିଭାଗ ଯନ୍ତ୍ରୀ ମନୋଜ କୁମାର ସ୍ୱାଇଁ, ଗ୍ରାମ୍ୟ ଜଳ ଯୋଗାଣ, ବନ ବିଭାଗ, ଓ ସ୍ୱାସ୍ଥ୍ୟ ବିଭାଗ ଭଳି ବ୍ଲକର ୨୩ଟି ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।



## ୨୧ ୱାର୍ଡରେ ପୌରାଧ୍ୟକ୍ଷଙ୍କ ପରିଦର୍ଶନ




**ସେମିଳିଗୁଡ଼ା,୨୬।୨(ସମିସ):** ସୁନାବେଡ଼ା ପୌର ପରିଷଦ ୨୧ ନମ୍ବର ୱାର୍ଡ ଅନ୍ତର୍ଗତ ପେଟକଣା ଗ୍ରାମ ସହ ବିଭିନ୍ନ ଅଞ୍ଚଳରେ ପୌରାଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର ପରିଦର୍ଶନ କରିଛନ୍ତି। ଉକ୍ତ ଗାଁ ସେମିଳିଗୁଡ଼ା ସହରରୁ ୨ କିମି ଦୂରରେ ରହିଥିବା ବେଳେ ବହୁତ ସମସ୍ୟା ରହିଛି। ଗ୍ରାମକୁ ରାସ୍ତା ନିର୍ମାଣ କରିବା ଦିଗରେ ଅଧ୍ୟକ୍ଷ ଶ୍ରୀ ପାତ୍ର ଉକ୍ତ ଗ୍ରାମ ପରିଦର୍ଶନ କରି ଗ୍ରାମର ସ୍ଥିତି ଅନୁସନ୍ଧାନ କରିବା ସହ ଲୋକଙ୍କ ସମସ୍ୟା ବୁଝିଥିଲେ। ପରେ ସେମିଳିଗୁଡ଼ା ମଶାଣି ରାସ୍ତା ଏବଂ ଅନ୍ୟାନ୍ୟ ରାସ୍ତାକାମ କିପରି ହେବ ତାହା ଉପରେ ତଦାରଖ କରିଥିଲେ। ସେହିପରି ସେମିଳିଗୁଡ଼ା ବସ୍‌ଷ୍ଟାଣ୍ଡରେ ଥିବା ପୁରାତନ ମାର୍କେଟ କମ୍ପ୍ଲେକ୍ସ ଷ୍ଟଲ୍ ମରାମତି ନିମନ୍ତେ ସେଠାକୁ ପରିଦର୍ଶନ କରି ଷ୍ଟଲର ଅବସ୍ଥା ଦେଖିଥିଲେ। ମରାମତି କାର୍ଯ୍ୟକୁ ନେଇ ପୌର ପରିଷଦ ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ରଙ୍କ ସହ ଆଲୋଚନା କରିଥିଲେ। ଷ୍ଟଲ୍ ତୁରନ୍ତ ମରାମତି କରିବା ପାଇଁ ବ୍ୟବସାୟୀମାନେ ପୌରାଧ୍ୟକ୍ଷଙ୍କୁ ନିବେଦନ କରିଥିବାବେଳେ ମରାମତି ଦିଗରେ ଅଧ୍ୟକ୍ଷ ଦୃଷ୍ଟି ଆକର୍ଷଣ କରିଥିଲେ।

**ନୂଆ ରୂପ ପାଇବ ବାରବାଟୀ**

# ଆଜି ଭିତ୍ତିପ୍ରସ୍ତର ସ୍ଥାପନ

- ଆଭାସୀ ଜରିଆରେ ଯୋଗଦେବେ ମୁଖ୍ୟମନ୍ତ୍ରୀ
- ଉଦ୍‌ଘାଟିତ ହେବ ୪୧ଟି ନୂତନ ଏକାଡେମୀ

କଟକ, ୨୬।୨(ସମିସ): ରାଜ୍ୟର ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ଭେନ୍ୟୁ ବାରବାଟୀ ଷ୍ଟାଡିୟମ ନୂଆ ରୂପ ନେବ। ଭାରତୀୟ ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ (ବିସିସିଆଇ), ରାଜ୍ୟ ସରକାର ଏବଂ ଓଡ଼ିଶା କ୍ରିକେଟ ଆସୋସିଏସନର ମିଳିତ ଉଦ୍ୟମରେ ରୂପାନ୍ତରଣ କାର୍ଯ୍ୟ ଆରମ୍ଭ ହେବ। ମଙ୍ଗଳବାର ଅପରାହ୍ନରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଆରେ ଯୋଗ ଦେଇ ନୂତନ ବାରବାଟୀ ଷ୍ଟାଡିୟମ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି ଅବସରରେ ଓସିଏ ପକ୍ଷରୁ ପ୍ରସ୍ତୁତ ହୋଇଥିବା ୩୦ଜିଲ୍ଲାର ମୋଟ ୪୧ଟି କ୍ରିକେଟ ଏକାଡେମୀ ମଧ୍ୟ ଉଦ୍‌ଘାଟିତ ହେବ।



ଓଡ଼ିଶା କ୍ରିକେଟ ଆସୋସିଏସନ ସମ୍ମିଳନୀ କକ୍ଷରେ ସୋମବାର ସନ୍ଧ୍ୟାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ସଞ୍ଜୟ ବେହେରା ଯୋଗ ଦେଇ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସମସ୍ତ ସୂଚନା ଦେଇଛନ୍ତି। ୪୧ଟି ଯାକ କ୍ରିକେଟ ଏକାଡେମୀରେ ଅଭିଜ୍ଞ କ୍ୟୁରେଟର ଓ କୋଚ୍ ନିଯୁକ୍ତ କରାଯାଇଛି। ପ୍ରତ୍ୟେକ ଏକାଡେମୀରେ ଟର୍ଫ ୱିକେଟ, ନେଟ୍ କେଜେସ୍, ଇଭି ରୋଲର୍, ପିଚ୍ ଗ୍ରାସ କଟର, ବୋଲିଂ ମେସିନ, ପ୍ରାକ୍ଟିସ କିଟ୍‌ସ, ଟ୍ରେନିଂ କିଟସ ସମେତ ଅନ୍ୟ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଓସିଏ ପକ୍ଷରୁ ଯୋଗାଇ ଦିଆଯାଇଛି ବୋଲି ସମ୍ମିଳନୀରେ କୁହାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଷ୍ଟାଡିୟମ ପରିସରରେ ହେବାକୁ ଥିବା କାର୍ଯ୍ୟକ୍ରମରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ଆର ଭିନୀଲକ୍ରିଷ୍ଣା, ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ଅଧ୍ୟକ୍ଷ ଅରୁଣ ସିଂହ ଧୂମାଲ, ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ଓଡ଼ିଶା ହାଇକୋର୍ଟର ଆଡଭୋକେଟ ଜେନେରାଲ ଅଶୋକ ପରିଜା, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେବେ। ଏତଦବ୍ୟତୀତ ପୂର୍ବତନ ଅନ୍ତର୍ଜାତୀୟ ତାରକା କ୍ରିକେଟର ଇର୍ଫାନ ପଠାନ୍, ପ୍ରଜ୍ଞାନ ଓଝାଙ୍କ ସମେତ ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ, ସଞ୍ଜୟ ରାଉଳ, ସ୍ୱାଗତିକା ରଥ, ରସନାରା ପରୱିନ, ମାଧୁରୀ ମେହେଟା ମଧ୍ୟ ସ୍ୱତନ୍ତ୍ର ଅତିଥି ଭାବେ ସାମିଲ ହେବେ। ଏହି ଅବସରରେ ରାଜ୍ୟ ତିନି ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା, ଶ୍ରଦ୍ଧାନନ୍ଦ ଦାସ ଏବଂ ଅଧୀପ ଦାସଙ୍କୁ ସମ୍ବର୍ଦ୍ଧିତ କରାଯିବ। ବଲିଉଡ କଣ୍ଠଶିଳ୍ପୀ ନେହା କକରଙ୍କ ଦ୍ୱାରା ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସମ୍ମିଳନୀରେ ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, ସିଇଓ ସୁବ୍ରତ କୁମାର ବେହେରା ଉପସ୍ଥିତ ଥିଲେ।

## 'ଆଉ ଆନ୍ଧ୍ର ପାଇଁ କେବେ ଖେଳିବି ନାହିଁ'

ଇନ୍ଦୋର, ୨୬।୨ (ଏଜେନ୍ସି)

ଚଳିତ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲରେ ମଧ୍ୟ ପ୍ରଦେଶ ନିକଟରୁ ୪ ରନରେ ହାରି ଆନ୍ଧ୍ର ପ୍ରଦେଶ ଦଳ ପ୍ରତିଯୋଗିତାରୁ ବାହାରିଯାଇଛି। ଆନ୍ଧ୍ର ପ୍ରଦେଶ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିବା ପରେ ଦଳରେ ଏକ ହାଇଡ୍ରାମା ଦେଖିବାକୁ ମିଳିଛି। ଅଭିଜ୍ଞ ବ୍ୟାଟର୍ ହନୁମା ବିହାରୀ ରାଜ୍ୟ ସଂଘ ଉପରେ ନିଜର କ୍ଷୋଭ




ପ୍ରକାଶ କରି ଆଉ କେବେ ମଧ୍ୟ ଆନ୍ଧ୍ର ପ୍ରଦେଶ ପକ୍ଷରୁ ଖେଳିବେ ନାହିଁ ବୋଲି କହିଛନ୍ତି। ଭାରତ ପାଇଁ ୧୬ ଟେଷ୍ଟ ମ୍ୟାଚ୍ ଖେଳିସାରିଥିବା ହନୁମା ବିହାରୀ ଚଳିତ ରଣଜୀ ଟ୍ରଫି ଆରମ୍ଭରୁ ବେଙ୍ଗଲ ବିପକ୍ଷ ପ୍ରଥମ ମ୍ୟାଚରେ ଅଧିନାୟକ ରହିଥିଲେ। କିନ୍ତୁ ଏହି ମ୍ୟାଚ୍ ଅବସରରେ ସେ ଦଳର ଅତିରିକ୍ତ ୱିକେଟରକ୍ଷକ ପୃଥ୍ୱୀ ରାଜଙ୍କ ଉପରେ ବିରକ୍ତି ପ୍ରକାଶ କରି ବଡ଼ ପାଟିରେ ଗାଳି କରିଥିଲେ। ରାଜଙ୍କ ପିତା ଜଣେ ପ୍ରଭାବଶାଳୀ ରାଜନେତା ହୋଇଥିବାରୁ ପରବର୍ତ୍ତୀ ସମୟରେ ହନୁମାଙ୍କୁ ନେତୃତ୍ୱରୁ ହଟାଇ ଦିଆଯାଇଥିଲା।

ସୋମବାର ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ଉଲ୍ଲେଖ କରି ୩୦ ବର୍ଷୀୟ ହନୁମା କହିଛନ୍ତି, 'ଆମେ ଶେଷ ପର୍ଯ୍ୟନ୍ତ କଡ଼ା ସଂଘର୍ଷ କରିଥିଲୁ। ଆନ୍ଧ୍ର ସହ ପୁଣି ଏକ କ୍ୱାର୍ଟରଫାଇନାଲ ହାରି ନିରାଶ ହୋଇଛି। କିନ୍ତୁ ଏଠାରେ ମୁଁ କିଛି ଅନାଲୋଚିତ ତଥ୍ୟ ସାମ୍ନାରେ ରଖିବାକୁ ଚାହୁଁଛି। ବେଙ୍ଗଲ ବିପକ୍ଷ ପ୍ରଥମ ମ୍ୟାଚରେ ମୁଁ ଅଧିନାୟକ ଥିଲି। ଏହି ମ୍ୟାଚରେ ୧୭ତମ ଖେଳାଳି (ପୃଥ୍ୱୀ ରାଜ)ଙ୍କ ଉପରେ ବଡ଼ ପାଟିରେ ଗାଳି କରିଥିଲି। ସେହି ଖେଳାଳିଙ୍କ ପିତା ଜଣେ ପ୍ରଭାବଶାଳୀ ରାଜନେତା ଥିବାରୁ ତାଙ୍କ ଚାପରେ ମୋର କୌଣସି ଭୁଲ ନଥାଇ ନେତୃତ୍ୱ ହରାଇବାକୁ ପଡ଼ିଥିଲା। ହନୁମା ଆହୁରି ମଧ୍ୟ କହିଛନ୍ତି, 'ବ୍ୟକ୍ତିଗତ ଭାବେ ସେହି ଖେଳାଳିଙ୍କୁ କିଛି କହି ନ ଥିଲି। ଗତବର୍ଷ ଆହତ ସତ୍ତ୍ୱେ ବାମହାତରେ ବ୍ୟାଟିଂ କରି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲି। ଏପରିକି ଗତ ୭ ବର୍ଷ ମଧ୍ୟରେ ଦଳକୁ ୫ଥର ରଣଜୀ ଟ୍ରଫି ନକ୍‌ଆଉଟ୍‌କୁ ନେଇଛି। ଏହାସତ୍ତ୍ୱେ ରାଜ୍ୟ କ୍ରିକେଟ୍ ସଂଘ ଭାବିଥିଲା ଯେ ସେହି ଖେଳାଳି (ରାଜ) ଜଣଙ୍କ ତାଙ୍କଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ। ମୋତେ ଅପମାନିତ କରାଯାଇଥିଲେ ମଧ୍ୟ ଏହି ସିଜନରେ ଖେଳ ଜାରି ରଖିବା ଏକମାତ୍ର କାରଣ ଥିଲା ମୁଁ ଖେଳ ଓ ମୋ ଟିମ୍‌କୁ ସମ୍ମାନ ଦେଉଥିଲି। ବର୍ତ୍ତମାନ ମୁଁ ନିଷ୍ପତ୍ତି ନେଇସାରିଛି ଯେଉଁଠାରେ ଆତ୍ମ ସମ୍ମାନ ହରାଇସାରିଛି ସେଠାରେ ଆଉ କେବେ ମଧ୍ୟ ଖେଳିବି ନାହିଁ। ତେବେ ହନୁମାଙ୍କ ଏହି ଅଭିଯୋଗକୁ ପୃଥ୍ୱୀ ରାଜ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି।

**ରଣଜୀ ଟ୍ରଫି**

# ଆନ୍ଧ୍ରକୁ ହରାଇ ସେମିରେ ମଧ୍ୟପ୍ରଦେଶ



ଇନ୍ଦୋର, ୨୬।୨ (ଏଜେନ୍ସି)

ସ୍ଥାନୀୟ ହୋଲ୍‌କର କ୍ରିକେଟ୍ ଷ୍ଟାଡିୟମରେ ଘରୋଇ ମଧ୍ୟପ୍ରଦେଶ ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଖେଳାଯାଇଥିବା ଚଳିତ ରଣଜୀ ଟ୍ରଫିର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ଶେଷ ହୋଇଛି। ୧୭୦ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଆନ୍ଧ୍ର ପ୍ରଦେଶ ସୋମବାର ୪ର୍ଥ ଦିବସରେ ୧୬୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ମଧ୍ୟ ପ୍ରଦେଶ ୪ ରନରେ ରୋମାଞ୍ଚକ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ମୋଟ୍ ୯ ୱିକେଟ୍ ନେଇଥିବା ବିଜୟୀ ଦଳର ଅନୁଭବ ଅଗ୍ରୱାଲଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ମଧ୍ୟପ୍ରଦେଶ ପକ୍ଷରୁ ଧାର୍ଯ୍ୟ ୧୭୦ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଆନ୍ଧ୍ର ପ୍ରଦେଶ ରବିବାର ୩ୟ ଦିବସ ଶେଷ ସୁଦ୍ଧା ଦ୍ୱିତୀୟ ପାଳିରେ ୪ ୱିକେଟ୍ ହରାଇ ୯୫ ରନ କରିଥିଲା। ସୋମବାର ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିବା ଆନ୍ଧ୍ର ବିଜୟ ଲାଗି ଆବଶ୍ୟକ ବଳକା ୭୫ ରନକୁ ସହଜରେ ହାସଲ କରିନେବେ ବୋଲି ଆଶା କରାଯାଉଥିଲା। କିନ୍ତୁ ପୂର୍ବଦିନର ଅପରାଜିତ ଅଭିଜ୍ଞ ବ୍ୟାଟର୍ ହନୁମା ବିହାରୀ (୫୫) ଓ କିରଦାନ୍ତ କରଣ ସିନ୍ଧେ (୧୪)ଙ୍କୁ ୩ ଓଭର ମଧ୍ୟରେ ଆଉଟ୍ କରି ଅନୁଭବ ଅଗ୍ରୱାଲ ଘରୋଇ ଦଳକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ। ପରବର୍ତ୍ତୀ ବ୍ୟାଟର୍ ସୋଏବ ଖାନ ମଧ୍ୟ ଖାତା ଖୋଲିବା ପୂର୍ବରୁ ଅନୁଭବଙ୍କ ଶିକାର ବନିଥିଲେ। ଫଳରେ ଆନ୍ଧ୍ର ୧୧୮ ରନରେ ୭ ୱିକେଟ୍ ହରାଇ ସାଂଘାତିକ ସଙ୍କଟ ମଧ୍ୟକୁ ଚାଲିଯାଇଥିଲା। ଶେଷ ଭାଗରେ ଅଶ୍ୱିନ ହେବର୍ ୨୨ ରନ କରି କିଛିଟା ଲଢ଼େଇ କରିଥିଲେ ମଧ୍ୟ ଦଳ ବିଜୟଠାରୁ ୫ ରନ ଦୂରରେ ରହି ୧୬୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅନୁଭବ ସର୍ବାଧିକ ୬ ୱିକେଟ୍ ନେଇଥିଲେ। ପୂର୍ବରୁ ପ୍ରଥମ ଦଳ ଭାବେ ତାମିଲନାଡ଼ୁ ଏକ ପାଳି ଓ ୩୩ ରନରେ ସୌରାଷ୍ଟ୍ରକୁ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଥିଲା।

**ସଂକ୍ଷିପ୍ତ ସ୍କୋର**

ମଧ୍ୟ ପ୍ରଦେଶ ପ୍ରଥମ ପାଳି: ୨୩୪/୧୦
ଆନ୍ଧ୍ର ପ୍ରଦେଶ ପ୍ରଥମ ପାଳି: ୧୭୨/୧୦
ମଧ୍ୟ ପ୍ରଦେଶ ୨ୟ ପାଳି: ୧୦୭/୧୦
ଆନ୍ଧ୍ର ପ୍ରଦେଶ ୨ୟ ପାଳି: ୧୬୫/୧୦

### ଶେଷ ଦିନରେ କର୍ଣ୍ଣାଟକ ସାମ୍ନାରେ ୨୬୮ ରନ ଲକ୍ଷ୍ୟ

ଅପରପକ୍ଷରେ ନାଗପୁରରେ ଚାଲିଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ଘରୋଇ ବିଦର୍ଭ ୩୭୧ ରନର ଲକ୍ଷ୍ୟ କର୍ଣ୍ଣାଟକ ସାମ୍ନାରେ ଧାର୍ଯ୍ୟ କରିଛି। ଏହାକୁ ପିଛା କରି ଭ୍ରମଣକାରୀ କର୍ଣ୍ଣାଟକ ସୋମବାର ୪ର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ୨୬ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୦୩ ରନ କରିଛି। ଅଧିନାୟକ ମୟଙ୍କ ଅଗ୍ରୱାଲ ୬୧ ଓ କେଭି ଅନିଷ ୧ ରନ କରି ଅପରାଜିତ ରହିଛନ୍ତି। ଓପନର୍ ରବିକୁମାର ସମର୍ଥ ୪୦ ରନ କରି ଅପରାଜିତ ରହିଛନ୍ତି। ମଙ୍ଗଳବାର ଶେଷ ଦିନରେ କର୍ଣ୍ଣାଟକ ସାମ୍ନାରେ ୨୬୮ ରନ ଓ ବିଦର୍ଭ ସମ୍ମୁଖରେ ୯ ୱିକେଟ୍ ବିଜୟ ଲକ୍ଷ୍ୟ ରହିଛି। ସେହିଭଳି ଘରୋଇ ମୁମ୍ବାଇ ଓ ବରୋଦା ମଧ୍ୟରେ ଚାଲିଥିବା ୨ୟ କ୍ୱାର୍ଟର ଫାଇନାଲ ଡ୍ର ଅଭିମୁଖେ ଅଗ୍ରସର ହୋଇଛି। ମୁସିର ଖାନ (୨୦୩)ଙ୍କ ଦ୍ୱିଶତକ ବଳରେ ମୁମ୍ବାଇ ପ୍ରଥମ ପାଳିରେ ୩୮୪ ରନ ଜବାବରେ ବରୋଦା ୩୪୮ ରନ କରିଥିଲା। ଏହାପରେ ୩୬ ରନରେ ଅଗ୍ରଣୀ ଥାଇ ୨ୟ ପାଳି ଆରମ୍ଭ କରିଥିବା ମୁମ୍ବାଇ ୪ର୍ଥ ଦିବସ ଶେଷ ସୁଦ୍ଧା ୯ ୱିକେଟ୍‌ରେ ୩୭୯ ରନ କରିଛି। ଫଳରେ ଦଳ ଏବେ ୪୧୫ ରନରେ ଅଗ୍ରଣୀ ରହିଛି।

## ଟେନିସ୍‌ରେ କିଟ୍‌କୁ ସ୍ୱର୍ଣ୍ଣିମ ସଫଳତା



ଭୁବନେଶ୍ୱର, ୨୬।୨ (ସମିସ): ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ମିଳିତ ଆନୁକୂଲ୍ୟରେ ଆସାମରେ ଚାଲିଥିବା ୪ର୍ଥ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍ ପୁରୁଷ ଦଳ ସ୍ୱର୍ଣ୍ଣିମ ସଫଳତା ପାଇଛି। ସୋମବାର ଅନୁଷ୍ଠିତ ଫାଇନାଲରେ କିଟ୍ ପୁରୁଷ ଟେନିସ ଦଳ ୨:୧ରେ ଚେନ୍ନଇର ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଏଥିସହ ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ କିଟ୍ ଏହି ସମ୍ମାନଜନକ ପ୍ରତିଯୋଗିତାର ଟେନିସରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଫାଇନାଲ ପଥରେ କିଟ୍ ୩-୦ରେ ଚୌଧୁରୀ ଚରଣ ସିଂହ ବିଶ୍ୱବିଦ୍ୟାଳୟକୁ, ୩-୦ରେ ଶିବାଜୀ ବିଶ୍ୱବିଦ୍ୟାଳୟକୁ, ୨-୧ରେ କୋଏମ୍ବାଟୁରସ୍ଥିତ ଭାରତୀୟର ବିଶ୍ୱବିଦ୍ୟାଳୟକୁ ଏବଂ ୨-୧ରେ ସାବିତ୍ରୀ ବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। କିଟ୍ ଦଳର କବୀର ହଂସ ପ୍ରତିଯୋଗିତାରେ ଖେଳିଥିବା ସମସ୍ତ ୧୫ଟି ମ୍ୟାଚ୍ (୧୦ ଏକକ ଓ ୫ ଯୁଗଳ)ରେ ବିଜୟୀ ହୋଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସ୍ୱର୍ଣ୍ଣ ବିଜୟୀ କିଟ୍ ଦଳର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ଅଥର୍ବ ଶର୍ମା, ଅଂଶୁମାନ ସିଂ, ଆଶିଷ କୁମାର ପରିଡ଼ା ଓ ପ୍ରତ୍ୟୁଷ ମହାନ୍ତି ରହିଛନ୍ତି। ସମସ୍ତ ଖେଳାଳି ବର୍ତ୍ତମାନ କିଟ୍-ଆଲେକ୍ସଜାଣ୍ଡର ୱାସ୍କେ-ଅଲଟେଭୋଲ ଟେନିସ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

## ମହିଳା ହକିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୬।୨ (ସମିସ): ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସୋମବାର ଓଡ଼ିଶାକୁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଭେଟି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ଦେଇଛି। ମହିଳା ହକିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ଫାଇନାଲରେ ୫-୩ (୧-୧) ଗୋଲ୍ ସୁଟ୍‌ଆଉଟ୍‌ରେ ଆଇଟିଏମ୍ ବିଶ୍ୱବିଦ୍ୟାଳୟ (ଗ୍ୱାଲିଅର୍)କୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଗୌହାଟୀରେ ସୋମବାର ଖେଳାଯାଇଥିବା ମହିଳା ହକି ଫାଇନାଲ ମ୍ୟାଚରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳର ମୁକାବିଲା ଆଇଟିଏମ୍ ବିଶ୍ୱବିଦ୍ୟାଳୟ ସହ ହୋଇଥିଲା। ମ୍ୟାଚର ୨ୟ ମିନିଟ୍‌ରେ ଆତେନ ଟପ୍ପୋ ଏକ ଫିଲ୍ଡ ଗୋଲ୍ ଦେଇ ସମ୍ବଲପୁରକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାର ୭ ମିନିଟ୍ ପରେ ପ୍ରିୟଙ୍କା ଯାଦବ ଆଇଟିଏମ୍ ପାଇଁ ଏହି ଗୋଲ୍‌ଟି ଶୁଝି ୧-୧ର ବରାବର୍‌ସ୍ଥିତିକୁ ଆଣିଥିଲେ। ପରବର୍ତ୍ତୀ ୩ଟି କ୍ୱାର୍ଟରରେ ଆଉ କୌଣସି ଗୋଲ୍ ହୋଇ ନ ପାରିବାରୁ ଫଳାଫଳ ପାଇଁ ସୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ସମ୍ବଲପୁର ମହିଳା ହକି ଦଳ ୫-୩ରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ଜିତିଥିଲା। ସୁଟ୍ ଆଉଟ୍‌ରେ ବିଜୟୀ ସମ୍ବଲପୁର ପକ୍ଷରୁ ମନୀଷା ଓରାମ, ନେହା ଲାକ୍ରା, ଫେଲିସିଆ ଟପ୍ପୋ, ସୁଜାତା କୁଜୁର ଓ ନୀତୁ ଲାକ୍ରା ଗୋଲ୍‌ସ୍କୋର କରିଥିଲେ।



# ଘରୋଇ ମାଟିରେ ଭାରତର ରେକର୍ଡ ୧୭ତମ ସିରିଜ ବିଜୟ

ରାଞ୍ଚି, ୨୬।୨(ଏଜେନ୍ସି)

ଏଠାରେ ଇଂଲଣ୍ଡ ସହ ଅନୁଷ୍ଠିତ ଚତୁର୍ଥ ଟେଷ୍ଟର ଚତୁର୍ଥ ଦିନରେ ଭାରତ ୫ ୱିକେଟରେ ବିଜୟୀ ହୋଇଛି। ଏହା ଫଳରେ ଭାରତ ଘରୋଇ ମାଟିରେ କ୍ରମାଗତ ରେକର୍ଡ ୧୭ଥର ଲାଗି ଟେଷ୍ଟ ସିରିଜ୍ ଜିତିଛି। ୨୦୧୨-୧୩ରେ ଇଂଲଣ୍ଡ ଆଲିଷ୍ଟର କୁକ୍‌ଙ୍କ ନେତୃତ୍ୱରେ ଭାରତକୁ ଶେଷଥର ଘରୋଇ ମାଟିରେ ହରାଇଥିଲା। ଏହା ପରେ ୨୦୧୩ରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଘରୋଇ ମାଟିରେ ଭାରତର ଟେଷ୍ଟ ସିରିଜ୍ ବିଜୟ ଧାରା ଆରମ୍ଭ ହୋଇଥିଲା। ଏହି ସିରିଜ୍‌ଠାରୁ ଆରମ୍ଭ କରି ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ ଶେଷ ହେବା ଯାଏ ଭାରତ ଘରୋଇ ମାଟିରେ ଗୋଟିଏ ହେଲେ ଟେଷ୍ଟ ସିରିଜ୍ ହାରିନାହିଁ। ଏହା ଫଳରେ ଘରୋଇ ମାଟିରେ ଭାରତ ଗତ ୧୧ ବର୍ଷ ହେଲା ଟେଷ୍ଟ ସିରିଜ୍ ହାରିନାହିଁ।

ସେହିପରି ଘରୋଇ ମାଟିରେ ଭାରତ ୩୩ଟି ଟେଷ୍ଟରେ ୨୦୦ କିମ୍ବା ତା'ଠାରୁ କମ୍ ରନ୍ ଚେଜ୍ କରି ବିଜୟୀ ହୋଇଛି। ଅନ୍ୟ ୩ଟି ଟେଷ୍ଟ ଡ୍ର ରହିଛି।

ଏହି ଟେଷ୍ଟରେ ଭାରତ ପ୍ରଥମ ପାଳିରେ ୪୬ ରନ୍‌ରେ ପଛୁଆ ରହିଥିଲା। କିନ୍ତୁ ପ୍ରଥମ ପାଳି ପଛୁଆ ରହିବା ସତ୍ତ୍ୱେ ଦଳ ବିଜୟୀ ହୋଇଥିଲା। ପ୍ରଥମପାଳିରେ ପଛୁଆ ରହି ମ୍ୟାଚ୍ ଜିତିବାରେ ଭାରତ ଲାଗି ଏହା ସପ୍ତମ ଅବସର।

ଟେଷ୍ଟ କ୍ୟାରିୟରର ପ୍ରଥମ ୮ଟି ଟେଷ୍ଟରୁ ଯଶସ୍ୱୀ ଜୟସ୍ୱାଲ ୯୭୧ ରନ୍ ସଂଗ୍ରହ କରିସାରିଛନ୍ତି। ଏହା ଫଳରେ ସେ ସୁନୀଲ ଗାଭାସ୍କରଙ୍କ ରେକର୍ଡକୁ ଅତିକ୍ରମ କରିଯାଇଛନ୍ତି। ଗାଭାସ୍କର ତାଙ୍କ ପ୍ରଥମ ୮ଟି ଟେଷ୍ଟରେ ୯୩୮ ଓ ବିଶ୍ୱରେ ସର୍ବାଧିକ ରନ ସଂଗ୍ରହ କରିଥିବା ଅଷ୍ଟ୍ରେଲିଆର ଡନ୍ ବ୍ରାଡମ୍ୟାନ୍ ୧୨୧୦ ରନ୍ କରିଥିଲେ।

ଅମ୍ପାୟାରଙ୍କ କଲ୍ ଯୋଗୁଁ ଏହି ଟେଷ୍ଟରେ ୮ଥର ଡିଆର୍‌ଏସ୍ ନାକଚ ହୋଇଯାଇଛି। ଏହା ମଧ୍ୟରୁ ଭାରତ ୬ଥର ଓ ଇଂଲଣ୍ଡ ଦୁଇଥର ରିଭ୍ୟୁ ନେଇଥିଲା। ଭାରତ ପ୍ରଥମ ପାଳିରେ ଅମ୍ପାୟାରଙ୍କ କଲ ଯୋଗୁ ଭାରତର ୪ ଥର ରିଭ୍ୟୁ ନାକଚ ହୋଇଯାଇଥିଲା।

## ଭାରତ ଜୁରେଲଙ୍କ ଭଳି ଏକ ରତ୍ନ ପାଇଛି: ମୁଡି

ନୂଆଦିଲ୍ଲୀ, ୨୬।୨(ଏଜେନ୍ସି)



ଭାରତର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ଉତ୍ତରପ୍ରଦେଶର ଯୁବ ୱିକେଟ ରକ୍ଷକ ଧ୍ରୁବ ଜୁରେଲଙ୍କୁ ସବୁଆଡୁ ପ୍ରଶଂସା କରାଯାଇଛି। ସେ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ପଦାର୍ପଣ କରି ବ୍ୟାଟିଂ କରିଥିବା ଗୋଟିଏ ପାଳିରେ ୪୬ ରନ୍ କରିଥିଲେ। ତାଙ୍କର ଦ୍ୱିତୀୟ ତଥା ସିରିଜର ଚତୁର୍ଥ ଟେଷ୍ଟରେ ଭାରତର ପ୍ରଥମ ପାଳିରେ ୯୦ ଓ ଦ୍ୱିତୀୟ ପାଳିରେ ଅପରାଜିତ ୩୯ ରନ୍ କରି ଦଳକୁ ଉତ୍ତେଜନାପୂର୍ଣ୍ଣ ବିଜୟ ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ କ୍ୟାରିୟରର ଆରମ୍ଭରେ ଏଭଳି ଖେଳିବା ଖୁବ୍ କମ୍ ଖେଳାଳିଙ୍କ ପକ୍ଷେ ସମ୍ଭବ ହୋଇଥାଏ। ରଜତ ପଟିଦାର ସ୍ପେଶାଲିଷ୍ଟ ବ୍ୟାଟର ହୋଇ ୬ଟି ପାଳିରେ ମାତ୍ର ଥରେ ୩୦ରୁ ଅଧିକ ସ୍କୋର କରିଛନ୍ତି। କିନ୍ତୁ ଜୁରେଲ ଭାରତକୁ ବିପଦରୁ ରକ୍ଷା କରିବା ସହ ମ୍ୟାଚ୍ ବିଜୟୀ ପାଳି ଖେଳିଛନ୍ତି। ତାଙ୍କ ୱିକେଟକିପିଂ ମଧ୍ୟ ଉଚ୍ଚକୋଟୀର ହୋଇଛି। ଏହା ଫଳରେ ୱିକେଟକିପରଙ୍କ ନେଇ ଯେଉଁ ସମସ୍ୟା ରହିଥିଲା ତାହା ଜୁରେଲଙ୍କ ଆବିର୍ଭାବ ପରେ ଏକପ୍ରକାର ସମାଧାନ ହୋଇଯାଇଛି। ତାଙ୍କର ଏହି ପ୍ରଦର୍ଶନ ଲାଗି ଭାରତ ଏକ ମଣି ପାଇଛି ବୋଲି ବିଶିଷ୍ଟ ପ୍ରଶିକ୍ଷକ ତଥା ଅଷ୍ଟ୍ରେଲିଆର ପ୍ରାକ୍ତନ ଅଲରାଉଣ୍ଡର ଟମ୍ ମୁଡି କହିଛନ୍ତି।

ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକେଲ ଭନ୍‌ଙ୍କ ମତରେ ଏହି ଟେଷ୍ଟରେ ଭାରତ ୫ ଜଣ ବିଶ୍ୱଶ୍ରେଣୀୟ ଖେଳାଳିଙ୍କୁ ହରାଇଛି। ଟସ୍ ହାରିଛି ଓ ପ୍ରଥମ ପାଳିରେ ପଛୁଆ ମଧ୍ୟ ରହିଛି। ଏହା ସତ୍ତ୍ୱେ ଏକାଧିକ ପ୍ରତିଭାବାନ ଯୁବ ଖେଳାଳିଙ୍କୁ ଭାରତ ଏହି ମ୍ୟାଚ୍ ଜିତିବା ନିଶ୍ଚିତଭାବେ ଏକ ଉଲ୍ଲେଖନୀୟ ସଫଳତା। ଯେଉଁ ଯୁବ ଖେଳାଳିମାନେ ଏଠାରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଛନ୍ତି ସେମାନେ ଦୀର୍ଘଦିନ ଭାରତ ଲାଗି ଖେଳିବେ ବୋଲି ଭନ୍ ଭବିଷ୍ୟବାଣୀ କରିଛନ୍ତି। ଅନେକ ଯୁବ ଖେଳାଳି ଟେଷ୍ଟରେ ସଫଳ ହେବା ଭାରତ ଲାଗି ଏକ ନୂଆ ଆଶା ସୃଷ୍ଟି କରିଛି। ଏହା ନିଶ୍ଚିତ ଭାବେ ଚମତ୍କାର ଘଟଣା ବୋଲି ୱାସିମ ଜାଫର କହିଛନ୍ତି।

## ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ

ଇଂଲଣ୍ଡ ବିପକ୍ଷରେ ହ୍ୟାଟ୍ରିକ୍ ଟେଷ୍ଟ ବିଜୟ ପରେ ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ମାନ୍ୟତାରେ ଭାରତ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ରାଞ୍ଚିରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟରେ ଭାରତ ୫ ୱିକେଟରେ ବିଜୟୀ ହୋଇଛି। ଏହା ଫଳରେ ଭାରତର ବିଜୟ ହାର ୫୯.୫୨କୁ ଅତିକ୍ରମ କରି ୬୪.୫୮ରେ ପହଞ୍ଚିଛି। ୭୫ ଶତକଡ଼ା ବିଜୟ ହାର ସହ ନ୍ୟୁଜିଲାଣ୍ଡ ପୂର୍ବପରି ପ୍ରଥମ ସ୍ଥାନରେ ରହିଛି। କିନ୍ତୁ ଭାରତ ସହ ତୃତୀୟ ଓ ଚତୁର୍ଥ ସ୍ଥାନରେ ଥିବା ଦଳ ମଧ୍ୟରେ ବ୍ୟବଧାନ ବୃଦ୍ଧି ପାଇଛି। ତୃତୀୟ ସ୍ଥାନରେ ଥିବା ଅଷ୍ଟ୍ରେଲିଆର ବିଜୟ ହାର ୫୫ ଓ ଚତୁର୍ଥ ସ୍ଥାନରେ ଥିବା ବାଂଲାଦେଶର ୫୦ ଶତକଡ଼ା ବିଜୟ ହାର ରହିଛି। ଇଂଲଣ୍ଡ ୮ମ ସ୍ଥାନରେ ରହିଛି। ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ସାଇକଲରେ ଭାରତ ରାଞ୍ଚି ଟେଷ୍ଟକୁ ମିଶାଇ ୮ମ ମ୍ୟାଚ୍ ଖେଳିଛି। ଏହା ମଧ୍ୟରୁ ଦଳ ୫ଟି ଜିତିଥିଲାବେଳେ ୨ଟି ଡ୍ର ରଖି ଗୋଟିକରେ ପରାଜିତ ହୋଇଛି। ଟେଷ୍ଟ ଚାମ୍ପିଅନସିପ ସାଇକଲରେ ଗୋଟିଏ ବିଜୟ ଲାଗି ୧୨ ପଏଣ୍ଟ, ଟାଇ ଲାଗି ୬ ଓ ଡ୍ର ଲାଗି ୪ ପଏଣ୍ଟ ମିଳିଥାଏ।

# ଭାରତକୁ ସିରିଜ୍ ଜିତାଇଲେ ଗିଲ୍-ଜୁରେଲ

ରାଞ୍ଚି, ୨୬।୨(ଏଜେନ୍ସି)

- ଚତୁର୍ଥ ଟେଷ୍ଟରେ ଇଂଲଣ୍ଡ ୫ ୱିକେଟରେ ପରାସ୍ତ
- ୫ ମ୍ୟାଚ୍ ଟେଷ୍ଟ ସିରିଜ୍‌ରେ ଭାରତ ୩-୧ରେ ଆଗୁଆ
- ଘରୋଇ ମାଟିରେ ଭାରତର କ୍ରମାଗତ ୧୭ତମ ସିରିଜ୍ ବିଜୟ
- ଧ୍ରୁବ ଜୁରେଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ
- ଧର୍ମଶାଳାରେ ମାର୍ଚ୍ଚ ୭ରୁ ପଞ୍ଚମ ତଥା ଶେଷ ଟେଷ୍ଟ

ଶୁବମାନ ଗିଲ ଓ ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କ ଅବିଭକ୍ତ ଭାଗୀଦାରି ବଳରେ ଏଠାରେ ଅନୁଷ୍ଠିତ ଚତୁର୍ଥ ଟେଷ୍ଟରେ ଭାରତ ୫ ୱିକେଟରେ ଇଂଲଣ୍ଡକୁ ପରାସ୍ତ କରିଛି। ଏହି ବିଜୟ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୩-୧ରେ ଅପରାଜେୟ ଅଗ୍ରଣୀ ରହିବା ସହ ଆଗୁଆ ସିରିଜ୍ କବ୍‌ଜା କରିଛି। ଚତୁର୍ଥ ଟେଷ୍ଟ ଜିତିବାକୁ ଭ୍ରମଣକାରୀ ଇଂଲଣ୍ଡ ଘରୋଇ ଭାରତ ଆଗରେ ୧୯୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହାକୁ ପିଛା କରି ଭାରତ ସଂଘର୍ଷ କରିବା ସହ ୫ ୱିକେଟ ହରାଇ ମ୍ୟାଚ୍ ଜିତିନେଇଥିଲା। ଗିଲ ଓ ଜୁରେଲ ଅବିଭକ୍ତ ୬ଷ୍ଠ ୱିକେଟ ଯୋଡିରୁ ୧୩୬ ବଲ୍‌ରେ ୭୨ ରନ୍ ଉଠାଇ ଭାରତକୁ ଏହି ଉତ୍କଣ୍ଠାପୂର୍ଣ୍ଣ ବିଜୟ ଭେଟିଦେଇଥିଲେ। ଗିଲ୍ ୫୨ ଓ ଜୁରେଲ ୩୯ ରନ୍‌ରେ ଅପରାଜିତ ରହିଥିଲେ। ଚତୁର୍ଥ ଟେଷ୍ଟରେ ଭାରତର ପ୍ରଥମ ପାଳିରେ ୯୦ ଓ ଦ୍ୱିତୀୟ ପାଳିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟାଟିଂ କରିଥିବା ଯୁବ ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ସିରିଜ୍‌ର ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ମାର୍ଚ୍ଚ ୭ରୁ ଖେଳାଯିବ। ରାଞ୍ଚିରେ ଇଂଲଣ୍ଡ ହାରିଯିବା ଫଳରେ ଘରୋଇ ମାଟିରେ ଭାରତର କ୍ରମାଗତ ୧୭ତମ ଟେଷ୍ଟ ସିରିଜ୍ ବିଜୟୀ ହୋଇଛି। ୧୧ ବର୍ଷ ତଳେ ଶେଷଥର ଭାରତ ଆଲିଷ୍ଟର କୁକ୍‌ଙ୍କ ଇଂଲଣ୍ଡ ନିକଟରୁ ଟେଷ୍ଟ ସିରିଜ୍ ହାରିଥିଲା। ଅନ୍ୟପକ୍ଷରେ କୋଚ୍ ବ୍ରେଣ୍ଡାନ ମ୍ୟାକ୍‌କୁଲାମ ଓ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ଯୋଡି ହେବା ପରେ ଇଂଲଣ୍ଡ ୮ମ ଟେଷ୍ଟ ସିରିଜ୍ ଖେଳି ପ୍ରଥମପରାଜୟ ବରଣ କରିଛି। ଏହା ପୂର୍ବରୁ ଭ୍ରମଣକାରୀ ଦଳ ୪ଟି ସିରିଜ୍ ଜିତିଥିଲାବେଳେ ୩ଟି ଡ୍ର ରଖିଥିଲା।



## ଉତ୍କଣ୍ଠା ଓ ରୋମାଞ୍ଚକ ମୁକାବିଲା

ଏହି ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ପ୍ରଥମ ପାଳିରେ ୩୫୩ ରନ୍ କରିବା ପରେ ଭାରତକୁ ୩୦୭ ରନ୍‌ରେ ସୀମିତ ରଖିଥିଲା। କିନ୍ତୁ ରବିଚନ୍ଦ୍ରନ ଅଶ୍ୱିନ ୫ଟି ଓ କୁଲଦୀପ ଯାଦବ ୪ ୱିକେଟ ନେବା ଫଳରେ ଇଂଲଣ୍ଡର ଦ୍ୱିତୀୟ ପାଳି ୧୪୫ରେ ଶେଷ ହୋଇଯାଇଥିଲା। ପ୍ରଥମ ପାଳିରେ ୪୬ ରନ୍ ଅଗ୍ରଣୀକୁ ମିଶାଇ ଭ୍ରମଣକାରୀ ଇଂଲଣ୍ଡ ଘରୋଇ ଭାରତ ଆଗରେ ୧୯୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ରବିବାର ମ୍ୟାଚ୍‌ର ତୃତୀୟ ଦିନ ଭାରତ ଦ୍ୱିତୀୟ ପାଳିରେ କୌଣସି ୱିକେଟ ନ ହରାଇ ୪୦ ରନ୍ କରିଥିଲା। ସୋମବାର ସକାଳେ ଏହିଠାରୁ ଖେଳ ଆରମ୍ଭ କରି ଭାରତ ୮ ଓଭରରେ ଆଉ ୪୦ ରନ୍ ଯୋଗ କରିଥିଲା। କିନ୍ତୁ ଘରୋଇ ଦଳ ବିନା ୱିକେଟରେ ୮୪ ରନ୍ କରିଥିଲାବେଳେ ପ୍ରଥମଥର ବୋଲିଂ କରିବାକୁ ଆସି ଜୋ ରୁଟ୍ ଭାରତର ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କୁ ଆଉଟ କରି ଏହି ଯୋଡ଼ି ଭାଙ୍ଗିଦେଇଥିଲେ। ତାଙ୍କୁ ଆଉଟ କରିବାକୁ ୪୨ ବର୍ଷୀୟ ଜେମ୍ସ ଆଣ୍ଡରସନ ୨୨ ବର୍ଷୀୟ ଯୁବକ ଭଳି ଡାଇଭ୍ କରି କ୍ୟାଚ୍ ନେଇଥିଲେ। ଚଳିତ ସିରିଜ୍‌ରେ ଫର୍ମରେ ଥିବା ଜୟସ୍ୱାଲଙ୍କ ବ୍ୟାଟରୁ ୩୭ ରନ୍ ମିଳିଥିଲା। ପରେ ଅଧିନାୟକ ରୋହିତ ଶର୍ମା ଛକା ମାରି ଅର୍ଦ୍ଧଶତକ ପୂରଣ କରିବା ପରେ ଟମ୍ ହର୍ଟଲୀଙ୍କ ଯୋଜନାବଦ୍ଧ ଶିକାର ହୋଇଥିଲେ। ସେ ୫୫ ରନ୍ କରି ଆଉଟ ହେବାର ୭ଟି ବଲ ପରେ ରଜତ ପଟିଦାର ପୁଣିଥରେ ଫେଲ ମାରି ଡକ୍‌ରେ ଆଉଟ ହୋଇଯାଇଥିଲେ। ୧୦୦ ରନ୍‌ରେ ଭାରତ ତୃତୀୟ ୱିକେଟ ହରାଇଥିଲା। ମଧ୍ୟାହ୍ନ ଭୋଜନ ବିରତି ପରେ ଅଭିଜ୍ଞତା ଦୃଷ୍ଟିରୁ ବ୍ୟାଟିଂ କ୍ରମରେ ଆଗୁଆ ଆସିଥିବା ରବୀନ୍ଦ୍ର ଜାଡେଜା ଓ ଠିକ୍ ପର ବଲ୍‌ରେ ସର୍ଫରାଜ ଖାନ୍‌ଙ୍କୁ ଇଂଲଣ୍ଡର ଯୁବ ସ୍ପିନର ସୋଏବ ବସିରଙ୍କ ଶିକାର ବନିଥିଲେ। ଏହାର ପର ବଲ୍‌କୁ ନବାଗତ ଜୁରେଲ ଖେଳିଦେବା ଫଳରେ ବସିର ହ୍ୟାଟ୍ରିକ୍ ପାଇବାରୁ ବଞ୍ଚିତ ହୋଇଥିଲେ। ଭାରତ ୧୨୦ ରନ୍‌ରେ ୫ମ ୱିକେଟ ହରାଇ ଆଶଙ୍କା ମଧ୍ୟକୁ ଚାଲିଯାଇଥିଲା।

## ଗିଲ୍-ଜୁରେଲଙ୍କ ବିଜୟୀ ଭାଗୀଦାରି

୧୨୦ ରନ୍‌ରେ ୫ ୱିକେଟ ପଡ଼ିଯିବା ପରେ ଭାରତୀୟ ଶିବିରରେ ଆତଙ୍କ ଖେଳିଯାଇଥିଲା। ଭାରତର ଶେଷ ସ୍ୱୀକୃତିପ୍ରାପ୍ତ ଦୁଇ ଯୁବ ଖେଳାଳି ଶୁବମାନ ଗିଲ୍ ଓ ଧ୍ରୁବ ଜୁରେଲଙ୍କ ଉପରେ ସମସ୍ତଙ୍କ ଆଶା ରହିଥିଲା। ଏମାନେ ମଧ୍ୟ ଦଳକୁ ନିରାଶ କରି ନ ଥିଲେ। ଏପରିକି ଏହି ଯୋଡ଼ି ଆଦୌ ରିସ୍କ ନ ନେଇ ସିଙ୍ଗଲ ଓ ଡବଲ ରନ୍ ନେବାରେ ମନୋନିବେଶ କରିଥିଲେ। ଫଳରେ ଭାରତ ୩୧ ଓଭର ମଧ୍ୟରେ ଗୋଟିଏ ହେଲେ ବାଉଣ୍ଡାରୀ ପାଇ ନ ଥିଲା। ଭାରତ ବିଜୟର ନିକଟତର ହେବା ବେଳକୁ ଗିଲ୍ ୧୧୯ଟି ବଲ ଖେଳିବା ପରେ ଅର୍ଥାତ୍ ୧୨୦ତମ ବଲ୍‌ରେ ପ୍ରଥମ ବାଉଣ୍ଡାରୀ (ଛକା) ମାରିଥିଲେ। ଏହା ପରେ ସେ ଆଉ ଏକ ଛକା କରି ଅର୍ଦ୍ଧଶତକ ପୂରଣ କରିଥିଲେ। ଏହି ସମୟରେ ଜୀବନର ଦ୍ୱିତୀୟ ଟେଷ୍ଟ ଓ ତୃତୀୟ ପାଳି ଖେଳୁଥିବା ଜୁରେଲ ବିଜୟ ସୂଚକ ରନ୍ ସଂଗ୍ରହ କରି ଭାରତକୁ ସଂଘର୍ଷପୂର୍ଣ୍ଣ ବିଜୟ ପ୍ରଦାନ କରିଥିଲେ। ଗିଲ ୧୨୪ ବଲ୍ ଖେଳି ୨ ଛକା ସହ ୫୨ ଓ ଜୁରେଲ ୭୭ ବଲ୍ ଖେଳି ୨ ଚୌକା ସହ ୩୯ ରନ୍‌ରେ ଅପରାଜିତ ରହିଥିଲେ। ଏମାନେ ଅବିଭକ୍ତ ୬ଷ୍ଠ ୱିକେଟ ଭାଗୀଦାରିରେ ୧୩୬ଟି ବଲ୍‌ର ସମ୍ମୁଖୀନ ହୋଇ ୭୨ ରନ୍ ଉଠାଇଥିଲେ। ଇଂଲଣ୍ଡର ବସିରଙ୍କୁ ସର୍ବାଧିକ ୩ଟି ସହ ଏହି ମ୍ୟାଚ୍‌ରେ ମୋଟ ୮ଟି ୱିକେଟ ମିଳିଥିଲା। ଟମ୍ ହର୍ଟଲୀ ଓ ଜୋ ରୁଟ୍ ଅନ୍ୟ ଦୁଇଜଣଙ୍କୁ ଆଉଟ କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ପାଳି:** ୩୫୩ (ରୁଟ-ଅପରାଜିତ ୧୨୨, ଜାଡେଜା-୪/୬୭, ଆକାଶ ଦୀପ-୩/୮୩)।
**ଭାରତ ପ୍ରଥମ ପାଳି:** ୩୦୭ (ଜୁରେଲ- ୯୦, ଜୟସ୍ୱାଲ-୭୩, ବସିର-୫/୧୧୯, ହର୍ଟଲୀ-୩/୮୮, ଆଣ୍ଡରସନ- ୨/୭୮)।
**ଇଂଲଣ୍ଡ ଦ୍ୱିତୀୟ ପାଳି:** ୧୪୫ (କ୍ରାଲୀ-୬୦, ବେୟାରଷ୍ଟୋ-୩୦, ଅଶ୍ୱିନ-୫/୫୧, କୁଲଦୀପ-୪/୨୨, ଜାଡେଜା- ୧/୫୬)।
**ଭାରତ ଦ୍ୱିତୀୟ ପାଳି :** ୧୯୨/୫, ୬୧ ଓଭର (ରୋହିତ-୫୫, ଗିଲ୍-୫୨*, ଜୁରେଲ-୩୯*, ଜୟସ୍ୱାଲ-୩୭, ବସିର-୩/୭୯)।

# ଦିଲ୍ଲୀ କ୍ୟାପିଟାଲ୍ସର ସହଜ ବିଜୟ



ବେଙ୍ଗାଲୁରୁ, ୨୬।୨ (ଏଜେନ୍ସି): ମାରିଜନ କାପ୍ ଓ ରାଧା ଯାଦବଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ସୋମବାର ଖେଳାଯାଇଥିବା ମହିଳା ପ୍ରିମିଅର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ର ଏକ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୯ ୱିକେଟରେ ୟୁପି ୱାରିୟର୍ଜକୁ ପରାସ୍ତ କରିଛି। ଚଳିତ ପ୍ରତିଯୋଗିତାରେ ଏହା ଦିଲ୍ଲୀର ପ୍ରଥମ ବିଜୟ ହୋଇଥିଲା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ୟୁପିର ଦ୍ୱିତୀୟ ପରାଜୟ। ଏହି ପ୍ରତିଯୋଗିତାର ମଙ୍ଗଳବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ଗୁଜରାଟ ଜାଏଣ୍ଟସ ମଧ୍ୟରେ ଖେଳାଯିବ। ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଡବ୍ଲ୍ୟୁପିଏଲ୍‌ର ୪ର୍ଥ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ୟୁପି ୱାରିୟର୍ଜ ୯ ୱିକେଟରେ ମାତ୍ର ୧୧୯ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଶ୍ୱେତା ସେରାୱତ ସର୍ବାଧିକ ୪୫ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ମାରିଜାନ କାପ୍ ୪ ଓଭରରେ ଗୋଟିଏ ମେଡେନ ସହ ୫ ରନ୍ ଦେଇ ୩ଟି ୱିକେଟ ପାଇଥିଲେ। ପାୱାର ପ୍ଲେ'ରେ ସେ ଏହି ସଫଳତା ପାଇବା ଫଳରେ ୟୁପିର ରନ୍ ହାର କମିଯାଇଥିଲା। ରାଧା ଯାଦବ ୨୦ ରନ୍‌ରେ ୪ ୱିକେଟ ନେଇ ୟୁପିକୁ ବ୍ୟାକ୍ ଫୁଟ୍‌କୁ ଠେଲିଦେଇଥିଲେ।

ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୪.୩ ଓଭରରେ ୧ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶେଫାଳି ବର୍ମା ୪୩ ବଲ୍‌ରେ ୬ ଚୌକା ଓ ୪ଛକା ସହ ୬୪ ରନ କରି ଅପରାଜିତ ରହିଥିଲେ। ଅଧିନାୟିକା ମେଗ୍ ଲାନିଂ ୪୩ ବଲ୍‌ରେ ୫୧ ରନ୍ କରି ଆଉଟ ହୋଇଥିଲେ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର